

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୫ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 December 2024
Vol.No. 35 ■ No.322 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ମହାପରାକ୍ରମ

ପୁରୀ, ୦୪/୧୨ (ନି.ପ୍ର): ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ବଳ। ନୌସେନା ଦିବସରେ ଓଡ଼ିଶାରେ ଲେଖାହେଲା ଉତ୍ସବର ନୂଆ ଇତିହାସ। ରାଷ୍ଟ୍ରପତିଙ୍କ ସାମ୍ନାରେ ୧୫ ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ ଓ ୩୫ ଶହରୁ ଅଧିକ ନୌବୀରଙ୍କ ଦୁର୍ଦ୍ଧର୍ଷ ରଣକୌଶଳ ଦେଖି ତାଜୁବ ଦୁନିଆ। ଓଡ଼ିଆ ପୁଅ କମାଣ୍ଡର ରାହୁଲ ପଟ୍ଟନାୟକଙ୍କ ନେତୃତ୍ୱରେ ସବ୍‌ମେରିନ୍ ଓଘଝ ଶଲ୍-କୀ ପରାକ୍ରମ ଦେଖାଇବା ପରେ ଆରମ୍ଭ ହୋଇଥିଲା ଶୌର୍ଯ୍ୟ, ସାହସ, ସମନ୍ୱୟର ଅଭୂତପୂର୍ବ ପ୍ରଦର୍ଶନ। ରାଷ୍ଟ୍ରପତି ତଥା ୩ ସେନାର କମାଣ୍ଡର-ଇନ-ଚିଫ୍ ଦ୍ରୌପଦୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ପରେ କମ୍ପି ଉଠିଥିଲା ପୁରୀ ବ୍ଲୁ ଫ୍ଲାଗ୍ ବିଚ୍। ସମୁଦ୍ରର ଘୋ' ଘୋ' ଶବ୍ଦକୁ



ଚିରି ଆକାଶରୁ ଶୁଭିଥିଲା ବିମାନର ଗୁରୁଗର୍ଜନ। ଚିତାକର୍ଷକ ଫ୍ଲାଏପାଷ୍ଟ ସହ ବମ୍ ବର୍ଷ ମାନୁଏଭର ଦେଖାଇଥିଲେ ୫ଟି ହକ୍ ବିମାନ। ଏହାପରେ ୩ଟି ଚେତକ ହେଲିକପ୍ଟର ବ୍ୟାନର ଫର୍ମେସନରେ ସଗର୍ବେ ଉଡ଼ାଇଥିଲେ ଜାତୀୟ ପତାକା ଓ ଭାରତୀୟ ନୌସେନାର ଧ୍ୱଜା। ପରେ ନୌସେନାର ଶକ୍ତି ପ୍ରଦର୍ଶନ ଯେତେ ଆଗଉଥିଲା, ସେତିକି ଉତ୍ତଙ୍ଗ ହେଉଥିଲା ସମୁଦ୍ରର ସୁଉଚ୍ଚ ଜୁଆର। ସର୍ବସମ୍ମୁଖକୁ ଆସି ସାମରିକ ଦକ୍ଷତା ଦେଖାଇଥିଲା ସମୁଦ୍ରର ଅଥଳ ଗର୍ଭରେ ଲୁଚି ରହୁଥିବା ବୁଡ଼ା ଜାହାଜ ଓଘଝ ଶଲ୍-କୀ। ▶▶ପୃଷ୍ଠା ୭

## ନାବାଳିକା ଗଣଦୁଷ୍କର୍ମ ମାମଲାରେ ୪ ଗିରଫ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ନାବାଳିକା ଗଣ ଦୁଷ୍କର୍ମ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ୍। ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ରାସ୍ତାରୁ ଟେକି ନେଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ୪ ଅଭିଯୁକ୍ତଙ୍କ ଗିରଫ ନେଇ ସୂଚନା ଦେଇଛନ୍ତି କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା। ଗତ ୩୦ ତାରିଖରେ ନାବାଳିକା ନିଜ ସମ୍ପର୍କୀ ଭାଇଙ୍କ ସହିତ ସମ୍ବଲପୁର ଜିଲ୍ଲା ରଙ୍ଗବତୀ ବିଲୁଙ୍ଗ ଗାଁରେ ଆୟୋଜିତ ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ କିଛି ଯୁବକଙ୍କ ସହିତ ନାବାଳିକାଙ୍କ ଭାଇଙ୍କର କଥା କଟାକଟି ହୋଇଥିଲା। ବୁଝାସୁଝା ପରେ ବିବାଦ ସମାଧାନ ହୋଇଥିଲା। ଯାତ୍ରା ଦେଖିବା ପରେ ରାତିରେ ନାବାଳିକା ତାଙ୍କ ସମ୍ପର୍କୀୟ ଭାଇଙ୍କ ସହିତ ଘରକୁ ଫେରୁଥିଲେ। ଠିକ୍ ସେତିକି ବେଳେ ବିଚ୍ ରାସ୍ତାରୁ ନାବାଳିକାଙ୍କୁ ୪ ଅଭିଯୁକ୍ତ ଟେକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ଏନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଭିତରେ ଦୁଇ ଜଣ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ଥାନା ନୂଆପାଲି ଗାଁର ଅନୀଲ ମିଞ୍ଜ ଓ କୁତ୍ରା ଥାନା କର୍ମାବାହାଲ ଗ୍ରାମ ସରୋଜ ଏକ୍କା ଏବଂ ଅନ୍ୟ ଦୁଇ ଜଣ ମହୁଲପାଲି ଥାନା ବିଲୁଙ୍ଗ ଗାଁର ଜିତେନ୍ଦ୍ର ଭଞ୍ଜ ଓ ଦୁମକୁ ଗାଁର ଗୋବିନ୍ଦ ଏକ୍କା। ଏନେଇ ସୂଚନା ଦେଇଛନ୍ତି କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା।

## ସରକାରୀ ଜମିରେ ଘର ହୋଇଥିଲେ ଚଢ଼ିବ ବୁଲ୍‌ଡୋଜର: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଯେଉଁମାନେ ସରକାରୀ ଜମିକୁ ଜବର ଦଖଲ କରି ବଡ଼ ଅଟାଳିକା କରିଛନ୍ତି, ହାଇକୋର୍ଟ ରହିତାଦେଶ ଉଠିବା ପରେ ଚଢ଼ିବ ବୁଲଡଜର। ରାଜସ୍ୱ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ଗରିବଙ୍କୁ ପଟ୍ଟା ପ୍ରଦାନ ନେଇ ମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କୁ ପଟ୍ଟା ସହିତ ପକ୍କା ଘର ଦିଆଯିବ। ପ୍ରତି ଶନିବାର ଭୂମିହୀନଙ୍କୁ ଜମି ଦେବା ପାଇଁ ତହସିଲଦାର ଓ ବିଡ଼ିଓଙ୍କ ବୈଠକ ବସିବ। ହିତାଧିକାରୀଙ୍କୁ ପଟ୍ଟା ଓ ଜମି ସହିତ ପକ୍କାଘର ଯୋଗାଇବେ ବିଡ଼ିଓ। ଏ ସରକାର ସମୟରେ ଜଣେ ହେଲେ ଭୂମିହୀନ ରହିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ୭୦% ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଡିସେମ୍ବର ୩୦ ସୁଦ୍ଧା ସବୁ ସ୍କୁଲକୁ ଜମି ଦିଆଯିବ। ସବୁ ତହସିଲ ଅଫିସକୁ ଦୁର୍ନୀତି ମୁକ୍ତ କରିବା ପାଇଁ ରେଜିଷ୍ଟ୍ରାସନ୍ ଅଫିସକୁ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏଭଳି ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ୍ ଆରଆଇ ଅଫିସରେ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି। ଗୃହରେ ପାରିତ ହେଲା ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦ କୋଟି ୨୨ ଲକ୍ଷ ୫୩ ହଜାର କୋଟି ଟଙ୍କା। ଏହାସହ ଅନୁସୂଚିତ ଜାତି, ଜନଜାତି ବିଭାଗର ଖର୍ଚ୍ଚ ଦାବି ଗୃହରେ ପାରିତ ହୋଇଛି। ଅବଶିଷ୍ଟ ବିଭାଗର ଖର୍ଚ୍ଚ ଦାବି ମଧ୍ୟ ଗୃହରେ ପାରିତ ହୋଇଛି।

## ବିଲ ମଝିରେ ଜରୁରୀ ଅବତରଣ କଲା ନୌସେନା ହେଲିକପ୍ଟର

ମୟୂରଭଞ୍ଜ, ୦୪/୧୨ (ନି.ପ୍ର): ହଠାତ୍ ବିଲ ମଝିରେ ଜରୁରୀ ଅବତରଣ କଲା ନୌସେନା ହେଲିକପ୍ଟର। ଯାହାକୁ ଦେଖିବାକୁ ରୁଣ୍ଡ ହୋଇଯାଇଥିଲେ ଗ୍ରାମବାସୀ। ଏପରି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାରିପଦାରେ। ଆଜି ରାସଗୋବିନ୍ଦପୁର ବ୍ଲକର ଗାଁଅମର୍ଦ୍ଦା ବିଲରେ ହଠାତ୍ ନୌସେନା ହେଲିକପ୍ଟରଟି ଅବତରଣ କରିଥିଲା। ପାଖାପାଖି ୧୫ରୁ ୨୦ ମିନିଟ୍ ରହିବା ପରେ ହେଲିକପ୍ଟରଟି ପୁଣି ଉଡାଣ ଭରିଥିଲା। ହେଲିକପ୍ଟରଟି ଅବତରଣ




କରିବା ପରେ ଆଖପାଖ ଲୋକେ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ତେବେ ବିମାନଟି କାହିଁକି ଜରୁରୀ ଅବତରଣ କଲା ତାର କାରଣ ଜଣାପଡ଼ିନାହିଁ। ହେଲିକପ୍ଟରରେ ୩ଜଣ ନୌସେନା ଅଧିକାରୀ ଥିବା ଜଣାଯାଇଛି। ନୌସେନାର ହେଲିକପ୍ଟର ଜରୁରୀକାଳୀନ ଅବତରଣ ନେଇ ମୟୂରଭଞ୍ଜ ଏସପି କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ନୌସେନା ହେଲିକପ୍ଟରଟି ଜରୁରୀକାଳୀନ ଅବତରଣ କରିଥିଲା। ପରେ ହେଲିକପ୍ଟରଟି ପୁଣି ଉଡ଼ାଣ ଭରିଥିଲା।

## ସରକାରଙ୍କୁ ଅର୍ଥଚିନ୍ତା: ଭଡ଼ାରେ ଲାଗିବ ଅବ୍ୟବହୃତ ସରକାରୀ ଜମି ଓ କୋଠା

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ବର୍ଷବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଥିବା ସରକାରୀ ଜମି ଏଣିକି ଭଡ଼ାରେ ଲାଗିବ । ରାଜଧାନୀ ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ୍ୟ ସଦୁପଯୋଗ କରାଯିବ। ଜିଲ୍ଲାଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଖାଲି ପଡ଼ିଥିବା ପ୍ରମୁଖ ସରକାରୀ ଜମି ଓ କୋଠାଗୁଡ଼ିକର ଉପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ କରାଯିବ। ଏପରିକି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯାଇଥିବା ବୃହତ୍ ଜମି ଓ ନିର୍ମିତ କୋଠା ଯଦି କାର୍ଯ୍ୟରେ ଲାଗୁ ନଥିବ ସେସବୁକୁ ମଧ୍ୟ ଯଥାର୍ଥ




ଉପଯୋଗ କରି ଅର୍ଥ ଉପାର୍ଜନ କରାଯିବ। ଏଭଳି ଢଙ୍ଗରେ ବିଭିନ୍ନ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ଆନୁଷ୍ଠାନିକ କୌଶଳ ଆପଣାଇବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ନିଜ ବିଭାଗ ଅଧୀନରେ ଥିବା ବୃହତ୍ କୋଠା ଅବା ଜମିକୁ ଚିହ୍ନଟ କରିବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ବିଶେଷକରି ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇଆଇସି)ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ । ▶▶ପୃଷ୍ଠା ୭

## ସମ୍ବଲ ଯାତ୍ରା ବେଳେ ହାଇଡ୍ରାମା: ରାହୁଲ ଓ ପ୍ରିୟଙ୍କାଙ୍କୁ ଅଟକାଇଲା ପୁଲିସ

ନୂଆଦିଲ୍ଲୀ, ୦୪/୧୨ : ଉତ୍ତରପ୍ରଦେଶର ସମ୍ବଲରେ ଘଟିଥିବା ହିଂସାକୁ ନେଇ ରାଜନୀତି ଥମିବାର ନାଁ ଧରୁନି। ଆଜି (ବୁଧବାର) କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଧରି ସମ୍ବଲ ଯାତ୍ରାରେ ବାହାରିଥିଲେ ମଧ୍ୟ ଏହି ଯାତ୍ରା ସଫଳ ହୋଇପାରିନାହିଁ। ରାହୁଲ ଓ ପ୍ରିୟଙ୍କାଙ୍କୁ ଦିଲ୍ଲୀ ଏବଂ ନୋଏଡା ମଧ୍ୟରେ ଥିବା ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି।



ଫଳରେ ଏଠାରେ ଏକ ହାଇଭୋଲଟ୍ଟେଜ ଡ୍ରାମା ଦେଖିବାକୁ ମିଳିଥିଲା। ତେବେ ପ୍ରାୟ ୨ ଘଣ୍ଟାର ଡ୍ରାମା ପରେ କଂଗ୍ରେସ ନେତାଙ୍କୁ ଦିଲ୍ଲୀ ଫେରିବାକୁ ପଡ଼ିଛି। ଏନେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ବିରୋଧୀ ଦଳର ନେତା, ତାଙ୍କର ସାମ୍ବିଧାନିକ ଅଧିକାର ଅଛି, ତାଙ୍କୁ ପୀଡିତ ପରିବାରଙ୍କୁ ଭେଟିବାକୁ ଦିଆଯିବା ଉଚିତ। ତାଙ୍କୁ ଏପରି ଅଟକାଯାଇପାରିବ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ସେ ପୁଲିସ ସହ ଏକା ପୀଡ଼ିତଙ୍କୁ ଭେଟିବାକୁ ଯିବେ, ହେଲେ ପୁଲିସ ଏଥିରେ ମଧ୍ୟ ସହମତ ନୁହଁନ୍ତି, ପୁଲିସ ନିକଟରେ କୌଣସି ଉତ୍ତର ନାହିଁ ବୋଲି କହି ବର୍ଷିଛନ୍ତି ରାହୁଲ। ଏହି ସମୟର ଏକ ଭିଡିଓ ସୋଶାଲ ମିଡିଆରେ ▶▶ପୃଷ୍ଠା ୭

## ବାପା, ମା' ଓ ଝିଅଙ୍କୁ ଛୁରୀ ଭୁଷି ହତ୍ୟା

ନୂଆଦିଲ୍ଲୀ, ୦୪/୧୨ : ଦକ୍ଷିଣ ଦିଲ୍ଲୀର ନେବ ସରାୟରେ ଆଜି ସକାଳେ ଜଣେ ବ୍ୟକ୍ତି, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଉଛନ୍ତି - ରାଜେଶ (୫୩), କୋମଲ (୪୭) ଓ କବିତା (୨୩)। ମିଳିଥିବା ରିପୋର୍ଟ ଅନୁଯାୟୀ, ରାଜେଶଙ୍କ ପୁଅ ଆଜି ସକାଳ ପ୍ରାୟ ୫ଟା ବେଳେ ମର୍ଣ୍ଣିଂ ୱାକ୍‌ରେ ବାହାରି ଯାଇଥିଲେ। ସେ ଘରକୁ ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିଲା। ସେମାନଙ୍କୁ ସମସ୍ତଙ୍କୁ ଛୁରୀ ବା କୌଣସି ଧାରୁଆ ଅସ୍ତ୍ରରେ ଭୁଷି ଦିଆଯାଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଘରୁ କୌଣସି ଜିନିଷ ଚୋରି ହୋଇନାହିଁ କିଛି ଭଙ୍ଗାରୁଜା କରାଯାଇନାହିଁ। ମୃତ ରାଜେଶଙ୍କର ଜଣେ ପଡ଼ୋଶୀ କହିଛନ୍ତି, ତାଙ୍କ ପୁଅର ପାଟି ଶୁଣି ଆମେ ଦୌଡ଼ି ଆସିଥିଲୁ। ସେ କହିଥିଲେ ଯେ ସେ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ▶▶ପୃଷ୍ଠା ୭

## ଆଳୁ ପରେ ଗୃହରେ ପିଆଜ ଟେନସନ୍

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଆଳୁ, ପିଆଜ ଦର ଏବେ ଆକାଶ ଛୁଆଁ, ପିଆଜ ଦର ୭୦ ଟପିଲାଣି । ଦର ବୃଦ୍ଧି ଭିତରେ ରୋଚକ ତଥ୍ୟ ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଯେତିକି ଆବଶ୍ୟକ, ତାହାଠାରୁ ଓଡିଶାରେ ଅଧିକ ପିଆଜ ଉତ୍ପାଦନ ହେଉଛି । ପ୍ରଶ୍ନ ଉଠୁଛି ଯଦି ଏତେ ପରିମାଣରେ ପିଆଜ ହେଉଛି, ତାହା ହେଲେ କୁଆଡେ ଯାଉଛି ? ରାଜ୍ୟରେ ଦରଦାମ ବୃଦ୍ଧି ନେଇ ହନ୍ତସନ୍ତ ହେଉଛନ୍ତି ସାଧାରଣ ଗ୍ରାହକ। ଆଳୁକୁ ନେଇ ହଟଚମଟ ଚାଲିଥିବାବେଳେ ପିଆଜ ଦର ବି ଆକାଶ ଛୁଆଁ ହୋଇଛି । ପିଆଜ ଦର ବର୍ତ୍ତମାନ ସାରାରାଜ୍ୟରେ ୭୦ ଟଙ୍କାରୁ ଅଧିକ ହେଲାଣି । ଦରବୃଦ୍ଧି ଭିତରେ ବିଧାନସଭାରେ ଯେଉଁ ତଥ୍ୟ ଆସିଛି ତାହା ଚମକାଇ ଦେଲାଭଳି । ହେଲେ ପ୍ରଶ୍ନ ଉଠୁଛି, ଏତେ ପରିମାଣରେ ପିଆଜ ଉତ୍ପାଦନ ହେଉଥିବା ବେଳେ ଓଡ଼ିଶା ପିଆଜ ଯାଉଛି କୁଆଡ଼େ ? ଯଦି ପିଆଜ ଉତ୍ପାଦନ ହେଉଛି ତାହା ହେଲେ କାହିଁକି ସାଧାରଣ ଗ୍ରାହକ ୭୦ ଟଙ୍କାରେ କିଣୁଛନ୍ତି ? ଯଦି ଏତେ ପରିମାଣରେ ଉତ୍ପାଦନ ହେଉଛି, ତେବେ ବାହାର ରାଜ୍ୟରୁ କାହିଁକି ଆସୁଛି ପିଆଜ ? ସେପଟେ ପିଆଜକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ-ବିରୋଧୀ । ନୂଆ ସରକାର ପୁରୁଣା ସରକାର ଉପରେ ଦୋଷ ଲଦିଛନ୍ତି । ▶▶ପୃଷ୍ଠା ୭

### ସିଏମ ସସପେନ୍ସରେ ପୂର୍ଣ୍ଣଚ୍ଛେଦ

## ଫଡନାଭିସ୍ ହେବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ: ଆଜି ନେବେ ଶପଥ

ନୂଆଦିଲ୍ଲୀ, ୦୪/୧୨ : ସବୁ କଳ୍ପନାଜଳ୍ପନାର ଅନ୍ତ। ସିଏମ ସସପେନ୍ସରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ହେବେ ଦେବେନ୍ଦ୍ର ଫଡନାଭିସ । କୋର୍ କମିଟି ବୈଠକରେ ଫଡ଼ନାଭିସ୍ ଙ୍କ ନାଁରେ ମୋହର ବାଜିଥିବା ଜଣାପଡିଛି। ଏଣେ ନୂଆ ସରକାର ଶପଥ ନେବାକୁ ସଜବାଜ ହେଲାଣି । ତେବେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଫଡନାବିସ୍ । ଶପଥ ଗ୍ରହଣ ସମାରୋହ ପାଇଁ ଜୋରଦାର ପ୍ରସ୍ତୁତି ହେଉଛି । ମହାଯୁତିର ମହା ବିଜୟ ପରେ ଏବେ 'ମହା' ମୁଖ୍ୟମନ୍ତ୍ରୀ ହେବେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରରେ ବିଜେପିର ସେନାପତି ଦେବେନ୍ଦ୍ର ଫଡ଼ନାଭିସ୍ । କର୍ପୋରେଟରରୁ ନାଗପୁରର



ସର୍ବକନିଷ୍ଠ ମେୟର ଏବଂ ୨୦୧୪ରେ ମହାରାଷ୍ଟ୍ରର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ। କୁହାଯାଏ, ୨୦୨୨ ସତ୍ତାପଲଟ୍ ପଛରେ ବି ଥିଲା ଦେବେନ୍ଦ୍ର ଫଡ଼ନାଭିସଙ୍କ ପ୍ରମୁଖ ଭୂମିକା । ଏସବୁ ସତ୍ତ୍ୱେ ସେତେବେଳେ ଡେପୁଟି ସିଏମ୍ ପଦ ପାଇଁ ରାଜି ହୋଇ, ଦଳକୁ କ୍ଷମତାକୁ ଆଣିବାକୁ ସେ ବଡ଼ ବଳିଦାନ ଦେଇଥିବା ଚର୍ଚ୍ଚା ହୁଏ । ଗତ ନଭେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ପଦରୁ ଏକନାଥ ସିନ୍ଦେ ଇସ୍ତଫା ଦେଇଥିଲେ । ଏକନାଥ ସିନ୍ଦେ ରାଜ ଭବନ ଯାଇ ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କ ନିକଟରେ ଇସ୍ତଫା ଦାଖଲ କରିଥିଲେ । ମହାଯୁତିର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲେ ଏକନାଥ । ଇସ୍ତଫା ଦେବା ସମୟରେ ସିନ୍ଦେଙ୍କ ସହ ଡେପୁଟି ସିଏମ୍ ଅଜିତ ପାୱାର ଏବଂ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ଉପସ୍ଥିତ ଥିଲେ । ଏକନାଥ ସିନ୍ଦେଙ୍କ ସହ ତାଙ୍କ ପୂରା ମନ୍ତ୍ରିମଣ୍ଡଳ ମଧ୍ୟ ଇସ୍ତଫା ଦେଇଥିଲେ । ମହାରାଷ୍ଟ୍ରରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନରେ ମହାଯୁତି ମେଣ୍ଟର ମହାବିଜୟ ହୋଇଥିଲା । ମୋଟ ୨୮୮ ଆସନରୁ ମହାଯୁତି ମେଣ୍ଟକୁ ୨୩୦ ସିଟ୍ ମିଳିଥିବା ବେଳେ ବିଜେପି ଏକାକୀ ଜିତିଛି ୧୩୨ ସିଟ୍ । ମହାରାଷ୍ଟ୍ରରେ ଲଗାତାର ତୃତୀୟ ଥର ପାଇଁ ସର୍ବବୃହତ ଦଳ ଭାବେ ଉଭା ହୋଇଛି ବିଜେପି । ସେପଟେ ମାତ୍ର ୫୧ ଆସନ ସହ ମହାବିପର୍ଯ୍ୟୟର ସାମ୍ନା କରିଛି ମହାବିକାଶ ଅଘାଡ଼ି । ଭୋଟ୍ ସେୟାରରେ ଷଷ୍ଠ ସ୍ଥାନକୁ ଖସିଯାଇଛି ଉଦ୍ଧବ ସେନା । ଗୋଆ, ଗୁଜରାଟ, ହରିୟାଣା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ପରେ ଷଷ୍ଠ ରାଜ୍ୟଭାବେ ତୃତୀୟ ଥର କ୍ଷମତାକୁ ଆସିଛି ବିଜେପି । ମହାରାଷ୍ଟ୍ରରେ ନିଜର ୨୦୧୪ ଓ ୨୦୧୯ ରେକର୍ଡକୁ ଭାଙ୍ଗିଛି ପଦ୍ମ । ମହାଯୁତି ୨ଶହରୁ ଅଧିକ ସିଟ୍ ଜିତିଥିବାରୁ, ୧୯୭୨ ମସିହା ପରେ ମହାରାଷ୍ଟ୍ରରେ ପ୍ରାକ୍-ନିର୍ବାଚନୀ ମେଣ୍ଟ ପାଇଁ ଏହା ସର୍ବବୃହତ୍ ବିଜୟ ।

## ବଡ଼ଦିନରେ ବଡ଼ ଉପହାର: ମହିଳାଙ୍କ ଆକାଉଣ୍ଟକୁ ଆସିବ ସୁଭଦ୍ରା ଟଙ୍କା



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ସରକାରଙ୍କ ବଡ଼ ଘୋଷଣା । ୨୫ ଡିସେମ୍ବରରେ ଆକାଉଣ୍ଟକୁ ଆସିବ ସୁଭଦ୍ରା ଟଙ୍କା । ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଖାତାକୁ ଆସିବ। ଚତୁର୍ଥ ପର୍ଯ୍ୟାୟ ଟଙ୍କା ପଠାଇବାକୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଡିସେମ୍ବର ୬ ସୁଦ୍ଧା ଯୋଗ୍ୟ ଓ ଅଯୋଗ୍ୟ ତାଲିକା ଆସିବ । ବ୍ଲକ, ମହାନଗର ନିଗମ ସ୍ତରରେ ତାଲିକା ପ୍ରକାଶ ହେବ । ଏହାପରେ ଆଉ ୭ ଦିନ ଆପତ୍ତି ଗ୍ରହଣ କରାଯିବ । ସୁଭଦ୍ରା ଯୋଜନା ପାଇଁ ଜିଲ୍ଲାୱାରୀ ଯାଞ୍ଚ ଆରମ୍ଭ ହୋଇଛି । ଯେଉଁ ସ୍ଥାନ ଗୁଡିକରେ କମ ପଞ୍ଜୀକରଣ ହୋଇଛି ସେହି ସ୍ଥାନକୁ ଫୋକସରେ ରଖିଛନ୍ତି ସରକାର । ଏହାଛଡ଼ା ଯେଉଁ ସବୁ ଜିଲ୍ଲାରେ ଅଧିକ ଆବେଦନ ଖାରଜ ହୋଇଛି, ସେଠାରେ ସିଡିପିଓଙ୍କ ▶▶ପୃଷ୍ଠା ୭

# ହୋମ୍ ଏଣ୍ଡ ହୋପ୍ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ରାଉରକେଲା, ୦୪/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ପୃଷ୍ଠପୋଷକତାରେ ପରିଚାଳନାଧୀନ ଭିନ୍ନକ୍ଷମମାନଙ୍କ ଅନୁଷ୍ଠାନ ହୋମ୍ ଏଣ୍ଡ ହୋପ୍ ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଡିସେମ୍ବର ୩ ତାରିଖରେ ପାଳିତ ହୋଇଥିଲା । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ହୋମ୍ ଏଣ୍ଡ ହୋପ୍ ର ଅଧ୍ୟକ୍ଷ ଶ୍ରୀ ଅତନୁ ଭୌମିକ, ମୁଖ୍ୟ ଅତିଥି ରୂପେ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତଥା ହୋମ୍ ଏଣ୍ଡ ହୋପ୍ର ଉପାଧ୍ୟକ୍ଷ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜେ କେ ଆଚାର୍ଯ୍ୟ, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପିକା ମହିଳା ସଂଘଟିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର ଓ ଶ୍ରୀମତୀ ନମ୍ରତା ବର୍ମା, ସଂଘଟିର ଅନ୍ୟ କର୍ମକର୍ତ୍ତା, ପ୍ରକଳ୍ପ- ବାଣିଜ୍ୟିକ ବିଭାଗର ସିଜିଏମ ତଥା ହୋମ୍ ଏଣ୍ଡ ହୋପ୍ ର ଯୁଗ୍ମ ସମ୍ପାଦକ ଡକ୍ଟର ଜି.ଏସ.ଦାସ ଏବଂ ଆରଏସପିର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଅଭିଭାବକ ସଂଘର ସଦସ୍ୟ, ହୋମ୍ ଏଣ୍ଡ ହୋପ୍ ଏବଂ ଆଶା ର ବହୁସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ ଅଭିଭାବକମାନେ ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ । ହୋମ୍ ଏଣ୍ଡ ହୋପ୍ ର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ ସହ ପାଦ ପାରମ୍ପରିକ ରୀତିରେ ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଶ୍ରୀ ଭୌମିକ ନିଜର ବକ୍ତବ୍ୟରେ କହିଥିଲେ ଯେ ସେ ଦୀର୍ଘ ବର୍ଷ ଧରି ଏହି ଅନୁଷ୍ଠାନର କ୍ରମ ବିକାଶ ଓ ଭିନ୍ନକ୍ଷମମାନଙ୍କୁ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ସେବା ପ୍ରତ୍ୟକ୍ଷ କରିଆସିଛନ୍ତି । ଏହି ଅନୁଷ୍ଠାନର ଅଭିବୃଦ୍ଧିରେ ଅଧିକ ପ୍ରୋତ୍ସାହନ ପ୍ରଦାନ ପାଇଁ ଆରଏସପିର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ । ଅନୁରୂପ ଭାବେ ଶ୍ରୀ ମିଶ୍ର ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଗହଣକୁ ଫେରିବାକୁ ନେଇ ଖୁସି ବ୍ୟକ୍ତ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଆଇଜି ପାର୍କ ପରିଭ୍ରମଣ ଆୟୋଜନ ଏବଂ ସିଭିକ ସେଣ୍ଟର ଠାରେ ସେମାନଙ୍କ ପାଇଁ ଏକ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ଶ୍ରୀ ଆଲୋକ ବର୍ମା ଭିନ୍ନକ୍ଷମଙ୍କ ଲୁକ୍କାୟିତ ପ୍ରତିଭା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସମସ୍ତ ଆବଶ୍ୟକ ସମୟରେ ସଦାସର୍ବଦା ରାଉରକେଲାବାସୀ ଅନୁଷ୍ଠାନ ସହିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିଜର ସାରଗର୍ଭକ ଭାଷଣରେ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଅକ୍ଷମତା ରୋକିବା, ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଏବଂ ଭିନ୍ନକ୍ଷମ ପିଲାଙ୍କର ଲାଳନପାଳନ ବିଷୟରେ ମତ ରଖିଥିଲେ । ଉଲ୍ଲେଖନୀୟ ସଫଳତା ଓ ବିବିଧ କାର୍ଯ୍ୟକଳାପ ନିମନ୍ତେ ଅତିଥିମାନେ ହୋମ୍ ଏଣ୍ଡ ହୋପ୍ର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ହୋମ୍ ଏଣ୍ଡ ହୋପ୍ ତଥା ଆଶା ର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପ୍ରସ୍ତୁତ କଳା ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନୀ ସ୍ଥଳକୁ ଅତିଥିମାନେ ପରିଦର୍ଶନ କରିଥିଲେ । ହୋମ୍ ହାପ୍ର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସକାଳେ ଭଞ୍ଜଭବନ ଠାରେ ଆରଏସପିର ଶ୍ରୀ ତରୁଣ ମିଶ୍ର, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀମାନଙ୍କ ଏକ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଶ୍ରୀ ପି କେ ସ୍ୱାଇଁ, ଡକ୍ଟର ଜି ଡ଼ି ଦାସ ଏବଂ ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ପରେ ଶ୍ରୀ ମିଶ୍ର, ହୋମ୍ ଏଣ୍ଡ ହୋପ୍ ପରିସରରେ ପତାକା ଉତ୍ତୋଳନ କରିଥିଲେ ।

## ସିପିଆଇଏମ ଅଭିଯାତ୍ରୀ ଦଳକୁ ପାଣିକୋଇଲିରେ ସ୍ୱାଗତ ଓ ପଥପ୍ରାନ୍ତ ସଭା

କୋରେଇ, ୦୪/୧୨ (ନି.ପ୍ର): ସିପିଆଇଏମର ରାଜ୍ୟ ସମ୍ମିଳନୀ ଡସେମ୍ବର ୧୬ ତାରିଖରେ କଟକ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଏକ ଅଭିଯାତ୍ରୀ ଦଳ ଭଦ୍ରକ ଶହୀଦ ପୀଠରୁ ବାହାରି ଯାଜପୁର ଜିଲ୍ଲା ବରୀ କଳାମାଟିଆ ସହୀଦ ପୀଠରେ ପହଂଚିବ । ଏହି ଅଭିଯାତ୍ରୀ ଦଳକୁ ଆଜି ଯାଜପୁର ଜିଲ୍ଲା ସିପିଏମ ପକ୍ଷରୁ ପାଣକୋଇଲରେ ସ୍ୱାଗତ କରାଯାଇଥିଲା । ପ୍ରତାରଣାର ଅନ୍ୟନାମ ଡବଲ ଇଂଜିନ ସରକାର । ମାସିକ ୩ ହଜାର ଭତା କୁଆଡେ ଗଲା । ୩ଶହ ୟୁନିଟ ମାଗଣା ବିଜୁଳି କୁଆଡେ ଗଲା, ବଜାର ଦର କାହିଁକି ମହଂଗା ହେଲା, ନାରୀ ନିର୍ଯ୍ୟାତନା କାହିଁକି ବଢିଲା, ଖାଲିଥିବା ପଦବୀ ପୂରଣ ନେହାଇ ଖାଲି କାହିଁକି ପଡିଲା । ଭୂତକାର୍ଡ ତନଖି ନାମେର ଖାଦ୍ୟ ନିରାପତା ଚାଉଳ କାହିଁକି ବନ୍ଦ ହେଲା । ଲୋକେ ଆମ୍ବ ଟାକୁଆ ଖାଇ ମରିବାକୁ କାହିଁକି ବାଧ ହେଲ । ରାଜ୍ୟେର ଆଇନ ଶୃଂଖଳା ବିପର୍ଯ୍ୟସ୍ତ ହୋଇଛି । ଲଗାମହୀନ ଦରବୃଦ୍ଧି, ଭୟାବହ ବେକାର ସମସ୍ୟା ଏକ ରାଷ୍ଟ୍ର ଏକ ନିର୍ବାଚନ ଯାହା ଗଣତନ୍ତ୍ର ବରୋଧି ପଡଯନ୍ତ୍ର, ଡବଲ ଇଂଜନ ସରକାରର ଜନବରୋଧି, ଗଣତନ୍ତ୍ର ବରୋଧି, ସମ୍ବିଧାନ ବରୋଧି ଅଭିଯାନକୁ ପରାସ୍ତ କରିବା ଏହି ଅଭିଯାତ୍ରୀ ଦଳର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ସମଗ୍ର ଶିକ୍ଷା ପକ୍ଷରୁ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସମାରୋହ ପାଳିତ

ପୁରୀ, ୦୪/୧୨ (ନି.ପ୍ର): ସମଗ୍ର ଶିକ୍ଷା' ପୁରୀ ଜିଲ୍ଲା ପକ୍ଷରୁ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସମାରୋହ-୨୦୨୪ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢି ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାରୋହକୁ ଉଦ୍ ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର, ହିମାଂଶୁ ଭୂଷଣ ସାମର୍ଥ୍ୟ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶ, ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଦିବ୍ୟାଙ୍ଗ ମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ସାଧାରଣ ଜୀବନରେ ସେମାନଙ୍କୁ ଆପଣେଇ ନେବା ପ୍ରତିଟି ମଣିଷର ଦାୟିତ୍ୱ ବୋଲି ଅତିଥିମାନେ ପ୍ରକାଶ କରିବା ସହିତ ସେମାନଙ୍କ ହୃଦୟର ସମର୍ପଣ ଭାବ ବିଶ୍ୱ ଓ ସମାଜକୁ ସୁଖମୟ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଜୟ କୁମାର ପଣ୍ଡା ଙ୍କ ରଚିତ ଆମେରେ ସନ୍ତାନ ମାଟି ମା'ର ଗୀତ କୁ ସମବେତ କଣ୍ଠରେ ସ୍ୱାଗତ ସଙ୍ଗୀତ ମାଧ୍ୟମରେ ବଡ଼ଶଙ୍ଖ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଅଭିନେତା ଦେବୀ ପ୍ରସାଦ ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବ୍ଲକ ସ୍ତରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭାକାର୍ଯ୍ୟକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଂଚାଳନ କରିଥିଲେ । ସମଗ୍ର ଶିକ୍ଷା ର ଅର୍ଥ ପରାମର୍ଶ ଦାତା ବିଚିତ୍ରାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଗାରଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଜୟ କୁମାର ପଣ୍ଡା, କ୍ରୀଷ୍ଣା ମହାପାତ୍ର, କମଳାକାନ୍ତ ରଥ, କାର୍ତ୍ତିକେଶ୍ୱର ପ୍ରଧାନ, ବରଦା ପ୍ରସନ୍ନ ରାଉତ, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଏଗାରଟି ବ୍ଲକର ସମ୍ବଳ ଶିକ୍ଷକ ମାନେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ପରବ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୦୪/୧୨ (ନି.ପ୍ର): ଜିଲା ସ୍ତରୀୟ ପରବ ସଂଗୀତ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଛି । ତିନି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜୟପୁର ଟାଉନ ହଲ ଠାରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଏବିଡିଓ ମେନାଜ ନାୟକ, ଅତିରିକ୍ତ ସହକାରି ପୌର ନିର୍ବାହି ଅଧିକାରି କୃତିବା ସାହୁ, ଏସଡିପିଆରଓ ଯୋଶଦା ଗାଦବା ଉପସ୍ଥିତ ଥିଲେ । ବିଚାରକ ଭାବେ ବିଦ୍ୟୁତ ପ୍ରଭା ପଟ୍ଟନାୟକ, ସୁଶାନ୍ତ ଅଧିକାରି, ଜଟାଧାରି ଦେଲଇ, ଭଜନ ସଂଗୀତର ଅବଦୁଲ କାଦେର, ହେମନ୍ତ କୁମାର ମିଶ୍ର ଯୋଗଦାନ କରିଥିଲେ । କୋରାପୁଟ କଳା ଓ କଳାକାର ସଂଘ କାର୍ଯ୍ୟକ୍ରମକୁ ସଂଚାଳନରେ ସହଯୋଗ କରିଛନ୍ତି । ମଂଚ ପରିଚାଳନା ଶ୍ରୀକାନ୍ତ ଦାସ କରିଥିବା ବେଳେ ବାଦ୍ୟଯନ୍ତ୍ର ରେ ମେହଶ୍ୱର ନାୟକ, ଉମେଶ ପାଣିଗ୍ରାହୀ, ଶୁକମନ ଶଗଡିଆ, ପୀୟୁଷ ପଟ୍ଟନାୟକ ସହଯୋଗ କରିଥିଲେ ।

# ଜୟପୁର ବସଷ୍ଟାଣ୍ଡର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ନେଇ ପ୍ରଶାସନର ବୈଠକ

ଜୟପୁର, ୦୪/୧୨ (ନି.ପ୍ର): ଜୟପୁର ଠାରେ ରହିଥିବା ଘରୋଇ ବସ ଷ୍ଟାଣ୍ଡ ଏବ ନବ ନିର୍ମିତ ସରକାରୀ ବସଷ୍ଟାଣ୍ଡକୁ ପୁଣ୍ଡ କାର୍ଯ୍ୟକ୍ଷମ କରିବା ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି । ପୋଲିସ, ପ୍ରଶାସନ, ଆରଟିଓ, ବସ ମାଲିକ ସଂଘ ର ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଉପ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଏହି ବୈଠକକକୁ ଉପ ଜିଲାପାଳ ଆକାବରମ ସସ୍ୟା ରେଡ୍ଡି ଆହ୍ୱାନ କରିଥିଲେ । ଉକ୍ତ ବୈଠକରେ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, କୋରାପୁଟ ଆରଟିଓ ରାଜେଶ ମାରାଣ୍ଡି, ଜୟପୁର ତହସିଲଦାର ସବ୍ୟସାଚି ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉଭୟ ଘରୋଇ ବସ ମାଲିକ ସଂଘ , ୩ଟି ବସ ଟିକେଟ ବିକ୍ରୟ କେନ୍ଦ୍ର ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଟ୍ରାଫିକ ଛକ ଏବଂ ପାରାବେଢ଼ା ଛକ ମଧ୍ୟରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ନେଇ ଉଦବେଗ ପ୍ରକାଶ କରାଯାଇଥିଲା । ଏହାର ସମାଧାନ ପାଇ ବୈଠକରେ କୈଣସି ବସ ଉକ୍ତ ଅଂଚଳରେ ଯେପରି ଯାତ୍ରୀ ଉଠାଇବା, ଏବଂ ଓହ୍ଲାଇବା ନକରିବେ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବିଶେଷ କରି ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଠାରୁ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ କୈଣସି ବସ ରାସ୍ତା ରେ ଠିଆ କରିବା ବାରଣ କରାଯାଇଛି । ଏହାକୁ ଅବମାନନା କଲେ ବୁଧବାର ଠାରୁ ସମ୍ପୃକ୍ତ ବସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ଆରଟିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲ । ବୈଠକରେ ନିଷ୍ପତ୍ତି ପ୍ରକାରେ ଘରେଇ ବସ ଷ୍ଟାଣ୍ଡ, ଏବଂ ନୂତନ ସରକାରୀ ବସ ଷ୍ଟାଣ୍ଡ ବ୍ୟତିତ ସହରର ଜାତିୟ ରାଜପଥ କଡରେ ବସ ନରଖିବାକୁ ନିଦ୍ଦେଷ ଦିଆଯାଇଥିଲା । ଟ୍ରାଫିକ ଛକ ନିକଟରେ ରହିଥିବା ୩ଟି ବସ ଟିକଟ ବିକ୍ରୟ କେନ୍ଦ୍ର କୁ ଆସନ୍ତା ୩ଦିନ ମଧ୍ୟରେ ଘରୋଇ ବସଷ୍ଟାଣ୍ଡ କୁ ଯିବାକୁ ନିଦ୍ଦେଷ ଦିଆଯାଇଛି । ଘରୋଇ ବସଷ୍ଟାଣ୍ଡର ଯେଉଁ ସମସ୍ୟା ରହିଛି ପୌର ପାଳିକା ଦ୍ୱାରା ଏହାର ସମାଧାନ କରାଯିବ ବୋଲି ଉପ ଜିଲାପାଳ ଆକା ବରମ ସସ୍ୟା ରେଡ୍ଡି ପ୍ରତିଶ୍ରୁତି ଦେଇଥିଲେ । ବିଶେଷ କରି ପାନୀ ଜଳ ସମସ୍ୟା ଏବଂ ଶୌଚାଳୟର ସମସ୍ୟା ସମାଧାନ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଉଭୟ ବସ ଷ୍ଟାଣ୍ଡ କୁ ଉଭୟ ସରକାରୀ ଓ ଘରୋଇ ବସ ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି । ସରକାରି ବସଷ୍ଟାଣ୍ଡ ଭିତରେ ୧୫ଟି ରୁ ୫ଟି ସ୍ଥାନ ସ୍ୱତନ୍ତ୍ର ଭାବେ ଘରୋଇ ବସ ବ୍ୟବହାର କରିବେ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି । ଏ ସମସ୍ତ ନିଷ୍ପତ୍ତି କୁ ଉଭୟ ଘରୋଇ ବସ ମାଲିକ ସଂଘ, ବସ କର୍ମଚାରି ସଂଘ ଏବଂ ଓଆସଆରଟିସି ପକ୍ଷରୁ ମାନିଥିବା ଜଣାଯାଇଛି ।

# ଏସୟୁଜେ ବଲାଙ୍ଗିର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ: ଶରତ ସଭାପତି, ରଘୁ ନନ୍ଦନ ସାଧାରଣ ସମ୍ପାଦକ

ବଲାଙ୍ଗିର, ୦୪/୧୨ (ନି.ପ୍ର): ଏସ ୟୁ ଜେ ବଲାଙ୍ଗିର ଜିଲ୍ଲା ଶାଖା ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଶୃଙ୍ଖଳା ର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲା ମାନ୍ୟତା ପ୍ରାପ୍ତ ଆଧାର ନିୟୁଜ ର ସମ୍ପାଦକ ଶ୍ରୀ କିଶୋର ଚନ୍ଦ୍ର ପାଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସୟୁଜେ ସଂଘ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ବଲାଙ୍ଗିର ଜିଲ୍ଲା ଶାଖା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଉପ ସଭାପତି ମହେନ୍ଦ୍ର କୁମାର ଦର୍ଜି, ବିମଳ ଚରଣ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଗଣମାଧ୍ୟମ ର କଣ୍ଠରୋଧ' ଶୀର୍ଷକ ଉପରେ ଆଲୋଚନା କରିଥିଲେ । ସଦସ୍ୟ ରୋହନ ମହତ୍ ଜିଲ୍ଲାରେ ଚାଲିଥିବା ଦାଦନ ଶ୍ରମିକ ର ସମସ୍ୟା ଉପରେ ତଥା ସମ୍ବାଦ ପରିବେଷଣ ବେଳେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେହିଭଳି ସଦସ୍ୟ ବାଳକୃଷ୍ଣ ଷଡ଼ଙ୍ଗୀ ସଂଘ ରେ ସଙ୍ଘୀୟ ମନୋଭାବ କିଭଳି ରହିବ ସେ ସମ୍ପର୍କ ରେ ସମ୍ୟକ୍ ଧାରଣା ଦେଇଥିଲେ । ଲୋଇସିଂହା ସମ୍ବାଦ ଖବର କାଗଜ ର ସାମ୍ବାଦିକ ବିମଳ ଚରଣ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟ ରେ ପୂର୍ବରୁ ସାମ୍ବାଦିକତା କରୁଥିବା ସାମ୍ବାଦିକ ମନେ କିଭଳି ସମ୍ବାଦ ପରିବେଷଣ କରୁଥିଲେ ଏବଂ ସେତେବେଳେ ସାମ୍ବାଦିକ ମନେ କିଭଳି ସମ୍ମାନ ପାଉଥିଲେ ସେ ସମ୍ପର୍କରେ ଅନେକ ଉଦାହରଣ ଦେଇ ଉପସ୍ଥିତ ସମସ୍ତ ସଭ୍ୟ ଙ୍କୁ ଠିକ୍ ଭାବେ ନିଜର ସ୍ୱାଭିମାନ ରଖି ସାମ୍ବାଦିକତା କରିବା ପାଇଁ ସୂଚାଇ ଦେଇଥିଲେ । ତୁଳସୀ ଜଗତ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଏକ ଆଇନ୍ ପ୍ରଣୟନ କରିବା ଦିଗରେ ସରକାର ଦୃଷ୍ଟି ଦେବାପାଇଁ କହିଥିଲେ । ଏସୟୁଜେ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀ ଗଣମାଧ୍ୟମ ର କିଭଳି କଣ୍ଠରୋଧ କରାଯାଉଛି ଏବଂ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ସମ୍ବାଦ ଅନ୍ୱେଷଣ ରେ ଗଲାବେଳେ କିଭଳି ହଇରାଣ ହେଉଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଶରତ କୁମାର ମହାକୁର ଦ୍ୱିବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରଘୁ ନନ୍ଦନ ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଯୁବ ସାମ୍ବାଦିକ ଅଭିଳାଷ ହୋତା ଉପସ୍ଥିତ ସମସ୍ତ ସଦସ୍ୟ ଙ୍କୁ ଧନ୍ୟବାଦ୍ ଦେଇଥିଲେ । ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ମନୋନୟନ କରାଯାଇ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା । ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜି ନୂତନ ପଦାଧିକାରୀ ମାନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଜିଲ୍ଲା ସଭାପତି ଭାବେ ଶରତ କୁମାର ମହାକୁର, କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଗୋପବନ୍ଧୁ ଶତପଥୀ, ଉପ ସଭାପତି ଲିମାଇ ଚରଣ ମହତ୍(ରୋହନ ) କଣ୍ଟାବାଞ୍ଜି, ସାଧାରଣ ସମ୍ପାଦକ ରଘୁ ନନ୍ଦନ ସିଂ, ସମ୍ପାଦକ ନିରୋଜ୍ ମିଶ୍ର, ସଂଗଠନ ସମ୍ପାଦକ ପବନ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ଶ୍ରୀମନ୍ତ ପଣ୍ଡା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଲୋଇସିଂହା ର ଦୈନିକ ଖବର କାଗଜ ସମ୍ବାଦର ସାମ୍ବାଦିକ ବିମଳ ଚରଣ ହୋତା ମନୋନୀତ ହୋଇଥିଲେ । ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଭାବେ ବାଳକୃଷ୍ଣ ଷଡ଼ଙ୍ଗୀ, ତୁଳସୀ ଜଗତ, ଯୁଗଳ ଶବର, ଚିତ୍ରସେନ ବେହେରା, ମହେନ୍ଦ୍ର ପଧାନ ଙ୍କ ନାମ ଘୋଷଣା କରାଯାଇଥିଲା । ଏସୟୁଜେ ସଂଘ ର ଆଦର୍ଶ ରେ ଅନୁପ୍ରାଣିତ ହୋଇ ଅନେକ ଆଗ ଧାଡ଼ିର ସାମ୍ବାଦିକ ଏହି ସଂଘ ରେ ଯୋଗ ଦେଇଥିଲେ ।

# ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ସମ୍ବଲପୁର, ୦୪/୧୨ (ନି.ପ୍ର): ପ୍ରତିବର୍ଷ ପରି, ଚଳିତ ବର୍ଷ ଦିଲ୍ଲୀ ପବ୍ଲିକ ସ୍କୁଲ ସମ୍ବଲପୁର ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ, ସମସ୍ତ ଶିକ୍ଷକ, କର୍ମଚାରୀଙ୍କ ସହଯୋଗରେ ୨୦୨୪-୨୫ ବର୍ଷର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଲେଙ୍କା ଏବଂ ଓଡିଶା ହକି ସଂଘ ଏବଂ ଟେବୁଲ୍ ଟେନିସ୍ ସଂଘର ଉପାଧ୍ୟକ୍ଷ ଜୀବନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସ୍ୱାଗତ ଗୀତ ଏବଂ ନୃତ୍ୟ ଦ୍ୱାରା ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଥିଲା । ଦୌଡ କୁଦ, ଦୌଡ ଡିଆଁ, ଲମ୍ଫ ଜମ୍ପ, ହାଇ ଜମ୍ପ, ସର୍ଟପୁଟ୍, ପରି ଅନେକ ଇଭେଣ୍ଟ କରାଯାଇଥିଲା । ଶେଷରେ ଅତିଥିଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରାଯାଇଥିଲା । ଆୟୋଜକମାନେ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ପାଇଁ ପଦକ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଓ ଅୟୋଜକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଖେଳ ଶିକ୍ଷକ ଗିରିଶ କୁମାର ପ୍ରଧାନ, କୁମାରୀ ଜ୍ୟୋତିର୍ମୟୀ ସାହୁ ଏବଂ ଶିବଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗ କରିଥିଲେ । ବିଦ୍ୟାଳୟର ଲୋକସମ୍ପର୍କ ଅଧିକାରିଣୀ ସାଲୁ ରାଜପୁତ ଜଣାଇଛନ୍ତି ଯେ ଏହି କ୍ରୀଡା ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ସତ୍ୟନ ନାୟକ , ସାରିଆ ପ୍ରଧାନ ଶ୍ରେଷ୍ଠ ବିବେଚିତ ହୋଇଥିଲାବେଳେ ବରିଷ୍ଠ ବିଭାଗରେ ଅଭିଷେକ ମିଶ୍ର ଓ ହିୟ ସାହ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ

କେନ୍ଦ୍ରାପଡା, ୦୪/୧୨ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ପାଳନ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ରଥ ଓ ପଦଯାତ୍ରା ବାହାରି ସହର ପରିକ୍ରମା କରି ମ୍ୟୁନିସପାଲିଟି ଟାଉନ ହଲରେ ପହଂଚିଥିଲା । ଏହାକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଭା.ପ୍ର.ସେ., ଏବଂ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ପତାକା ଦେଖାଇ ଶୁଭାରମ୍ଭ କରି ପଦଯାତ୍ରାରେ ଯୋଗ ଦେଇଥିଲେ । ଭିନ୍ନକ୍ଷମ ଓ ସାଧାରଣ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ । ମୂଖ୍ୟଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବିଜୟ କେତନ ସାହୁ, ନେହେରୁ ଯୁବ କେନ୍ଦ୍ରରଜିଲ୍ଲା ଯୁବ ଅଧିକାରୀ ତିରୁପତି ରେଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ, ଶ୍ରୀମତୀ ରୂପାଲୀ ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇ ଅତିଥିମାନେ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା, ଅଧିକାର ଓ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସେମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିଜର କର୍ତବ୍ୟ ଭାବି ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ନିମାଇଁ ଚରଣ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ର ଅଧକ୍ଷ, ସ୍ୱପ୍ନାଂଶୁ କୁମାର ଦାସ, ଅତିଥି ପରିଚୟ ପ୍ରଦାନ ସହ ସ୍ୱଗତ ଭାଷଣ ପ୍ରଦାନ କରିଥିଲେ । ମୂଖ୍ୟଅତିଥି ଓ ସମସ୍ତ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ ବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗୀତା ରେ କୃତିତ୍ୱ ହାସଲ କରିଥିବା କୃତି ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ପରିଶେଷରେ ସୁଧାଂଶୁ ଶେଖର ବେହୁରା, ସମସ୍ତଙ୍କ ସହଯୋଗ ଓ ଉପସ୍ଥିତି ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ମା' ରମାଦେବୀ ଥିଲେ ନାରୀ ସଶକ୍ତିକରଣର ଅଗ୍ରଦୂତ

କେନ୍ଦ୍ରାପଡା, ୦୪/୧୨ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ୧୯୨୧ ମସିହାରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ଓ ପରବର୍ତୀ ସମୟରେ ତାଙ୍କ ଉଦ୍ୟମରେ ହଜାର ହଜାର ମହିଳାଙ୍କୁ ଆନ୍ଦୋଳନ ମଧ୍ୟକୁ ଆକର୍ଷିତ କରି ଆଣିପାରିଥିଲେ । ଏଥିପାଇଁ ତାଙ୍କୁ ଦେଶରେ ମହିଳା ସଶକ୍ତିକରଣର ଅଗ୍ରଧାବିକା ବୋଲି ମା' ରମାଦେବୀ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ଆଲୋଚକମାନେ ମତ ପ୍ରକାଶ କରିଛନ୍ତି । ସ୍ୱାଧୀନତା ପ୍ରାପ୍ତି ପରେ ଦୁଃଖୀ ଦରିଦ୍ରଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇଥିବା ମା' ରମାଦେବୀଙ୍କ ଉପଯୁକ୍ତ ସମ୍ମାନ ଜଣାଇ ତାଙ୍କର ୧୨୫ତମ ଜନ୍ମ ବାର୍ଷିକକୁ ସରକାର ବର୍ଷବ୍ୟାପୀ ପାଳନ କରିବାକୁ ଆଲୋଚକମାନେ ଦାବି କରିଥିଲେ । ସଂଗଠନର ଜିଲ୍ଲା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ଡଃ ବାସୁଦେବ ଦାସ ମୁଖ୍ୟ ଆଲୋଚକ ଓ ଗାଳ୍ପିକା ଅବନ୍ତୀ ବେହେରା ସହ ଆଲୋଚକ ରୂପେ ଯୋଗଦେଇଥିବା ବେଳେ ସଂପାଦକ ଆଦିକନ୍ଦ ରାଉଳ ଆଭିମୁଖ୍ୟ ପ୍ରଦାନ ଏବଂ ମହେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଓବାଦୀଙ୍କ ପିଏଲଜିଏ ସପ୍ତାହ ପାଳନ: ଚିନ୍ତା ବଢ଼ାଉଛନ୍ତି ଛତିଶଗଡ ମାଓବାଦୀ

ମାଲକାନଗିରି, ୦୪/୧୨ (ନି.ପ୍ର): ମାଓବାଦୀଙ୍କ ପିଏଲଜିଏ ସପ୍ତାହ ଡସେମ୍ବର ୨ ତାରିଖରୁ ଆରମ୍ଭ ହୋଇଛି । ଚଳିତ ବର୍ଷ ପିଏଲଜିଏ ସପ୍ତାହକୁ ନେଇ ଓଡିଶାର ମାଓ ପ୍ରବଣ ଅଂଚଳରେ ସେଭଳି କିଛି ବ୍ୟାନର ପୋଷ୍ଟର ଦେଖିବାକୁ ମିଳିନାହିଁ । ତେବେ ସୀମା ଆରପଟୁ ମାଓ ସଙ୍ଗଠନ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିବୃତି ସୁରକ୍ଷା କର୍ମୀଙ୍କ ଚିନ୍ତା ବଢାଇଛି । କାରଣ ଓଡିଶା -ଛତିଶଗଡ ସୀମା ଏକ ପ୍ରକାର ମୁକୁଳା ପଡିଥିବାରୁ ଆଗକୁ ଓଡିଶା ପ୍ରତି ବିପଦ ବଢିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ପେଡାଶୀ ଛତିଶଗଡ ଦକ୍ଷିଣ ସବ ଜୋନାଲ ବ୍ୟୁରୋ ପକ୍ଷରୁ ଜାରି ହୋଇଛି ପ୍ରେସ ବିବୃତି । ଆଉ ଏହି ବିବୃତି ସୁରକ୍ଷା କର୍ମୀଙ୍କ ଚିନ୍ତା ବଢାଇ ଦେଇଛି । ଏଥିରେ ୨୪ତମ ପିଏଲଜିଏ ସପ୍ତାହକୁ ମାଓ ସଙ୍ଗଠନ ପାଳନ କରିବାକୁ ଆହ୍ୱାନ ଦେଇଥିବା ବେଳ ଛତିଶଗଡରେ ଜାରି ଅପେରଶନ କଗାର କୁ ବରୋଧ କରାଯାଇଛି । ଡିସେମ୍ବର ୨ରୁ ୮ ଯାଏଁ ପିଏଲଜିଏ ସପ୍ତାହ ପାଳନ କରୁଛନ୍ତି ମାଓବାଦୀ ସଙ୍ଗଠନ । ପିପୁଲ୍ସ ଲବେରେଶନ୍ ଗରିଲା ଆର୍ମୀକୁ ମଜବୁତ କରିବା ଲାଗି ହିଂସାକାଣ୍ଡ ଜରିଆରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରଥିଲେ ମାଓବାଦୀ । ଏବେ ଓଡିଶାରେ ମାଓ ସମସ୍ୟା ପ୍ରାୟତଃ ଏହାକୁ ନେଇ ସେଭଳି କିଛି ହଲଚଲ ନାହିଁ । କିନ୍ତୁ, ଛତିଶଗଡ ନକ୍ସଲ ସଙ୍ଗଠନର ପ୍ରେସ ବିବୃତି ସୁରକ୍ଷା କର୍ମୀଙ୍କ ନିଦ ହଜାଇ ଦେଇଛି । ମାଲକାନଗିରିର ଭୌଗଳିକ ସ୍ଥିତିକୁ ଦେଖିଲେ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନାକୁ ଲାଗି ରହିଛି ମାଲକାନଗିରି ସୀମା । କେବଳ ଛତିଶଗଡ ସୀମାର ଲମ୍ବ ଶେହ କଲୋମିଟରରୁ ଅଧିକ । ତେବେ ମାଲକାନଗିରି ଜିଲ୍ଲାରେ ମାଓ ଗତିବିଧି କମୁଥିବା ଦର୍ଶାଇ ନିକଟେର ଗୋଟିଏ ବାଟାଲିୟନ ବିଏସଏଫ ଯବାନ ପ୍ରତ୍ୟାହାର କରାଯାଇଛି । ଏମଭି ୭୯, ଏମଭି ୮୨ ଓ ଏମଭି ୮୮ ବିଏସଏଫ କ୍ୟାମ୍ପ ପ୍ରତ୍ୟାହାର ପେର ଏବେ ସାବେରୀ ନଇ ପାର ହୋଇ ପଡିଆ ଓ ମୋଟୁ ସୀମା ଦେଇ ମାଓବାଦୀ ମନେ ଓଡିଶା ଅନୁପ୍ରେବଶ କରୁଥିବା ଗତ ନେଭମ୍ବର ୨୧ ଜିନେଲଗୁଡା ଏନକାଉଂଟର ଘଟଣାରୁ ସ୍ପଷ୍ଟ ହୋଇଛି ।

# ଜାତୀୟ ରାଜପଥ ଅଧିକାରୀଙ୍କ ଅସହଯୋଗ ଯୋଗୁଁ ଚାଷୀ ହନ୍ତସନ୍ତ

କେନ୍ଦ୍ରାପଡା, ୦୪/୧୨ (ନି.ପ୍ର): ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳ କାର୍ଯ୍ୟ ତଦାରଖ କରୁଥିବା ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ମନମୁଖୀ କାର୍ଯ୍ୟ ଓ ଅସହଯୋଗ ସ୍ଥାନୀୟ ଅଂଚଳର ଚାଷୀଙ୍କ ପାଇଁ ବିରାଟ ସମସ୍ୟା ସୃଷ୍ଟି କରିଛି । ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି । ବିଭିନ୍ନ ଜାଗାରେ ମାଟି ଖୋଳା ହେବା, ନୂଆ ସେତୁ ତିଆରି ହେବା ଯୋଗୁ ପାରମ୍ପରିକ ଜଳ ନିଷ୍କାସନ ପଥ, ପାଟନାଳି ଅବରୁଦ୍ଧ ହୋଇ ରହିଛି । ବର୍ଷାଜଳ ଓ ଉଦବୃତ ଜଳ ନିଷ୍କାସନ ପାଇଁ ଥିବା ପଥ ଗୁଡିକ ପୋତି ହୋଇ ଯାଇ ଥିବାରୁ ଜମିରୁ ଜଳ ନିଷ୍କାସନ ହୋଇପାରୁ ନାହିଁ । ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ମାନଙ୍କୁ ନେଇ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ବୈଠକ ମଙ୍ଗଳବାର ଡକା ଯାଇଥିଲା ।

ଧାରାବାହିକ: ଭାଗ-୩୩

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

## ୧୭ଶ ଅଧ୍ୟାୟ

### ॥ ଚିତ୍ରକେତୁଙ୍କୁ ପାର୍ବତୀଙ୍କ ଅଭିଶାପ ॥

ଯେଉଁ ଦିଗରେ ଭଗବାନଙ୍କ ଅନ୍ତର୍ଦ୍ଧାନ ହେଲେ ସେହି ଦିଗକୁ ପ୍ରଣାମ କରି ଚିତ୍ରକେତୁ ସିଦ୍ଧରୂପ ଧରି ଗଗନ ମାର୍ଗରେ ଗମନ କରି ଲକ୍ଷେବର୍ଷ ପର୍ଯ୍ୟନ୍ତ ସିଦ୍ଧ ମୁନିସଙ୍ଗ କରି ଆନନ୍ଦରେ ସମୟ ଅତିବାହିତ କଲେ । ଦିନେ ସେ ଦିବ୍ୟ ବିମାନ ଆରୋହଣ ପୂର୍ବକ ଭଗବାନ ଶଙ୍କରଙ୍କ ଦର୍ଶନ ନିମନ୍ତେ ତାଙ୍କ ନିକଟକୁ ଗଲେ । ସେତେବେଳେ ଭଗବାନ ଶଙ୍କର ମୁନିମାନଙ୍କ ମଧ୍ୟରେ ଉପବେଶନ କରିଥାନ୍ତି କୋଳରେ ମାତା ପାର୍ବତୀଙ୍କୁ ଧରି । ଏହା ଦେଖି ଚିତ୍ରକେତୁ ଉପହାସ କରି କହିଲା ଇଏ ହେଉଛନ୍ତି ଜଗତଗୁରୁ ଶଙ୍କର । ଶିରରେ ଜଟାଭାର ବୋହି ମଧ୍ୟ ନିର୍ଲ୍ଲଜ ଭାବରେ ନିଜର ପତ୍ନୀକୁ ଆଲିଙ୍ଗନ କରି ବସିଛନ୍ତି । ଭଗବାନ ଏ କଥା ଶୁଣି ମୃଦୁ ହାସ ସହ ବସିରହିଲେ । ମୁନିମାନେ ତ ଜାଣନ୍ତି ଭଗବାନ ଶଙ୍କର ଜିତେନ୍ଦ୍ରିୟ ଏଣୁ ତାଙ୍କର ବିକାର କେଉଁଠୁ ଆସିବ ସମ୍ଭବତଃ ଏ ଆଗନ୍ତୁକ ନଜାଣି ଏ ଭଳି କହୁଛି ; ଏଣୁ ସେମାନେ ମଧ୍ୟ ଚୁପ ରହିଲେ । ମାତ୍ର ମାତା ପାର୍ବତୀ ବିଚାର କଲେ ଯେ ଏ କ୍ଷତ୍ରିୟ ଭଗବାନଙ୍କ ସାନ୍ନିଧ୍ୟ ପାଇ ଗର୍ବୀ ହୋଇଯାଇଛି ଏଣୁ ତାକୁ ଅଭିଶାପ ଦେଲେ ଯେ ଅସୁର ଯୋନିରେ ଜନ୍ମ ହେବାକୁ । ଅଭିଶପ୍ତ ଚିତ୍ରକେତୁ ନିଜର ଭୁଲ ବୁଝିପାରି ନିଜକୁ କ୍ଷମା କରିଦେବାକୁ କହି ଦଣ୍ଡକୁ ଗ୍ରହଣ କଲେ । ଭଗବାନ ସଙ୍କର ଓ ମାତା ପାର୍ବତୀଙ୍କୁ ପ୍ରଦକ୍ଷିଣ ପୂର୍ବକ ସେଠାରୁ ବିଦାୟ ନେଲେ । ବଗବାନ ଶଙ୍କର କହିଲେ, ହେ ଦେବୀ ତୁମେ ଯେଉଁ ଅଭିଶାପ ଦେଲ ଏଥିରେ ଚିତ୍ରକେତୁର ଜ୍ଞାନୋଦୟ ହେବାରୁ ସେ ପ୍ରକୃତ ସାଧୁ ଭଳି ତୁମକୁ ପାଲଟା ଅଭିଶାପ ନ ଦେଇ ଚାଲିଗଲେ । ଯିଏ ପ୍ରକୃତ ସାଧୁ ତା ମନରେ ବିକାର ରହେନି । ଶୁକଦେବ କହିଲେ ରାଜନ ସେହି ଚିତ୍ରକେତୁ ମାତା ପାର୍ବତୀଙ୍କ ଶାପ ଫଳରେ ବୃତ୍ରାସୁର ଭାବରେ ଜନ୍ମ ନେଇଥିଲେ । ପୂର୍ବ ଜନ୍ମର ସଂସ୍କାର ପାଇଁ ସେ ଭଗବାନଙ୍କୁ ସ୍ମରଣ କରୁଥିବାରୁ ତା ନିକଟରେ ଦିବ୍ୟ ଜ୍ଞାନର ସ୍ଫୁରଣ ହୋଇଥିଲା ।

## ୧୮ଶ ଅଧ୍ୟାୟ

### ॥ ଅଦିତି ଓ ଦିତିଙ୍କ ସନ୍ତାନମାନଙ୍କ ଉତ୍ପତ୍ତି ବର୍ଣ୍ଣନା ॥

କୁବେରଙ୍କ ପୁତ୍ର ମିତ୍ର ଓ ବରୁଣ ଯେତେବେଳେ ଅପସରା ଉର୍ବଶୀଙ୍କୁ ଦେଖିଲେ ସେତେବେଳେ ତାଙ୍କର ରେତ ସ୍ଖଳନ ହେବାରୁ ସେମାନେ ତାହାକୁ ଗୋଟାଏ କୁମ୍ଭରେ ରଖିଥିଲେ ଯେଉଁଥିରୁ ଅଗସ୍ତି ଓ ବଶିଷ୍ଠ ଋଷିଙ୍କର ଜନ୍ମ ହେଲା । ମହର୍ଷି କଶ୍ୟପଙ୍କ ପତ୍ନୀ ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଅବତୀର୍ଣ୍ଣ ହୋଇ ବଳିଙ୍କୁ ପାତାଳବାସୀ କଲେ । କଶ୍ୟପଙ୍କ ଦ୍ୱିତୀୟ ପତ୍ନୀ ଦିତିଙ୍କ ଗର୍ଭରୁ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ ଜନ୍ମ ଗ୍ରହଣ କରି ଭଗବାନଙ୍କ ହାତରୁ ମୃତ୍ୟୁ ଲଭିଥିଲେ । ହିରଣ୍ୟକଶିପୁଙ୍କ ଚାରିପୁତ୍ର ମଧ୍ୟରୁ ପ୍ରହ୍ଲାଦ ଓ କନ୍ୟା ସିଂହିକା ଗର୍ଭରୁ ରାହୁ ଜନ୍ମ ହୋଇଥିଲେ । ଯିଏକି ଗୁପ୍ତଭାବରେ ଦେବତାଙ୍କ ସହ ରହି ଅମୃତପାନ କରିଥିବାରୁ ଭଗବାନ ଚକ୍ର ଦ୍ୱାରା ତାର ମସ୍ତକ ଛେଦନ କରିଥିଲେ । ଦିତିଙ୍କର ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କ ବ୍ୟତୀତ ଆଉ ଅଣଚାଶ ଇନ୍ଦ୍ରଙ୍କ ଦ୍ୱାରା ଦେବତ୍ୱ ପ୍ରାପ୍ତ ପୁତ୍ର ମରୁଦଗଣ ନାମରେ ଥିଲେ । ରାଜାଙ୍କ ସେମାନଙ୍କ ବିଷୟରେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶୁକଦେବ କହିଲେ, ଭଗବାନ ବିଷ୍ଣୁ ଦିତିଙ୍କର ଦୁଇପୁତ୍ର ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କୁ ଇନ୍ଦ୍ର ନିମନ୍ତେ ବଧ କରିଥିବାରୁ ଦିତି କ୍ରୋଧିତ ହୋଇ ଇନ୍ଦ୍ରଙ୍କ ଉପରେ ପ୍ରତିଶୋଧ ଅପେକ୍ଷାରେ ରହିଲେ । ସେ ନିଜ ସ୍ୱାମୀଙ୍କର ସମସ୍ତ ପ୍ରକାର ସେବାକରି ତାଙ୍କୁ ସନ୍ତୁଷ୍ଟ କରି ବର ମାଗିଲେ, ସ୍ୱାମିନ ମୋତେ ଏ ଭଳି ଏକ ପୁତ୍ର ଦିଅନ୍ତୁ ଯେ କି ଇନ୍ଦ୍ରଙ୍କୁ ମାରିପାରିବ । କଶ୍ୟପ ନିଜର ଭୁଲ ବୁଝିପାରିଲେ କି ସ୍ତ୍ରୀର ମାୟାରେ ପଡି ସେ କେଡେ ଭୁଲ କଲେ । ନାରୀମାୟା ଏହିପରି ଯେ କି ଶରତ ପଦ୍ମ ସଦୃଶ ସୁନ୍ଦର ମୁଖ, ଅମୃତ ବଚନ ମାତ୍ର କ୍ଷୁର ପରି ଧାର ହୃଦୟ । ବାସ୍ତବରେ ସେମାନଙ୍କର କେହି ପ୍ରିୟ ନୁହଁନ୍ତି, ସ୍ୱାର୍ଥ ପରବଶ ହେଲେ ସେମାନେ ନିଜର ସ୍ୱାମୀ, ପୁତ୍ରକୁ ମଧ୍ୟ ହତ୍ୟା କରିବାକୁ ପଶ୍ଚାଦପଦ ହୁଅନ୍ତି ନାହିଁ । ଦେବରାଜ ଇନ୍ଦ୍ର ଅବଧ୍ୟ କାରଣରୁ ତାଙ୍କୁ ମାରିବାର ବର ଦେଇ କି ଭୁଲ କଲେ ଏବଂ ସେଥିରୁ କିପରି ମୁକୁଳିବେ ଚିନ୍ତା କଲେ । ସେ ଦିତିଙ୍କୁ କହିଲେ ତୁମେ ଯଦି ନିଷ୍ଠାର ସହ ପୁଂସବନ ବ୍ରତ ଏକବର୍ଷ ପର୍ଯ୍ୟନ୍ତ ପାଳନ କରିପାରିବ ତେବେ ତୁମର ଇନ୍ଦ୍ରହନ୍ତା ପୁତ୍ର ଜାତ ହେବ । ମାତ୍ର ଯଦି ବ୍ରତ ପାଳନରେ ଅସଫଳ ହେବ ସେ ପୁତ୍ର ଦେବତାମାନଙ୍କର ମିତ୍ର ହୋଇଯିବ । ବ୍ରତର ନିୟମାନୁଯାୟୀ ବର୍ଷେ ପର୍ଯ୍ୟନ୍ତ ଜୀବହିଂସା କିମ୍ବା କ୍ରୋଧ କରିବ ନାହିଁ । ଜଳରେ ପଶି ସ୍ନାନ କରିବ ନାହିଁ କି ଅଶୁଭ ଦ୍ରବ୍ୟ ଛୁଇଁବ ନାହିଁ । ଅଧୌତ ବସ୍ତ୍ର ପିନ୍ଧିବ ନାହିଁ କି କୁସଙ୍ଗ କରିବ ନାହିଁ । ଆମିଷ କିମ୍ବା ମାଳା ଗ୍ରହଣ କରିବ ନାହିଁ । ଉଚିଷ୍ଟ କି ଶୁଦ୍ର, ରଜସ୍ୱଳା ନାରୀ ସ୍ପର୍ଶ କରିଥିବା ଅନ୍ନ ଭୋଜନ କରିବ ନାହିଁ । ବାକ ସଂଯମ ସହ ଅଞ୍ଜଳିରେ ଜଳ ପିଇବ ନାହିଁ । ସଂନ୍ଧ୍ୟାରେ କେଶ ମୁକୁଳା ରଖିବ ନାହିଁ କି ସଂଖୁଡି ମୁଖରେ, ଅଧୌତ ବା ଆଦ୍ର ପାଦରେ, ଅପବିତ୍ର ଅବସ୍ଥାରେ କି ଉଲଗ୍ନ ଅବସ୍ଥାରେ ପ୍ରଭାତ କିମ୍ବା ପ୍ରଦୋଷ କାଳରେ ଉତ୍ତର ବା ପଶ୍ଚିମ ଦିଗକୁ ଶିର ରଖି ଶୋଇବ ନାହିଁ । ଏ ସବୁ ପାଳନ କରିବା ସହ ଶୁଚିମନ୍ତ ହୋଇ ପ୍ରାତଃ କାଳରେ ଶଯ୍ୟା ତ୍ୟାଗ ପୂର୍ବକ ସମସ୍ତ ମାଙ୍ଗଳିକ କାର୍ଯ୍ୟ କରିବ । ପତିଦେବଙ୍କର ଯଥାବିଧି ପୂଜା କରିବ । ଦିତି ଅତ୍ୟନ୍ତ ଦୃଢ ମନରେ ବ୍ରତ ଧାରଣ କଲେ ଓ ସତର୍କତାର ସହିତ ନିଷ୍ଠା ସହ ବ୍ରତ ପାଳନ କରିବାକୁ ଲାଗିଲେ । ଇନ୍ଦ୍ର ନିଜ ମାଉସୀଙ୍କର ଉଦ୍ଦେଶ୍ୟ ଜାଣି ଆଶ୍ରମରେ ରହି ତାଙ୍କର ସେବା କରିବାକୁ ଲାଗିଲେ । ବ୍ୟାଧ ଯେପରି କପଟୀ ମୃଗର ବେଶ ଧାରଣ କରି ସୁଯୋଗ ପାଇଲେ ତାକୁ ବଧ କରେ ସେହିପରି ଇନ୍ଦ୍ର ସୁଯୋଗ ଅପେକ୍ଷାରେ ରହିଲେ । ଦୀର୍ଘକାଳ ଅପେକ୍ଷା କରି ମଧ୍ୟ ଇନ୍ଦ୍ର କୌଣସି ବ୍ୟତିକ୍ରମ ନ ଦେଖି ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କଲେ । ଅନ୍ୟପଟରେ ଏହି ବ୍ରତ ଧାରଣ କରି ଦିତି ମଧ୍ୟ ଦୁର୍ବଳ ହେବାକୁ ଲାଗିଲେ । ଭଗବାନଙ୍କ ମାୟା ତାଙ୍କ ଉପରେ ପଡିବା କାରଣରୁ ଦିନେ ସଂନ୍ଧ୍ୟାରେ ସଂଖୁଡି ମୁହଁରେ ପାଦ ନ ଧୋଇ ଶୋଇପଡିଲେ । ଇନ୍ଦ୍ର ଏହି ସୁଯୋଗରେ ଯୋଗ ବଳରେ ଦିତିଙ୍କ ଗର୍ଭରେ ପ୍ରବେଶ କରି ସୁବର୍ଣ୍ଣ ସଦୃଶ ଝଟକୁଥିବା ତେଜୀୟାନ ବାଳକକୁ ସାତଖଣ୍ଡ କରି କାଟିଦେଲେ । ମାତ୍ର ସେ ଭ୍ରୁଣ ନ ମରି ଶିଶୁପରି ରୋଦନ କରିବାକୁ ଲାଗିବାରୁ ଇନ୍ଦ୍ର ପୁଣି ବଜ୍ରଦ୍ୱାରା ପ୍ରତ୍ୟେକଙ୍କୁ ଆଉ ସାତଖଣ୍ଡ କରିଦେଲେ । ଭ୍ରୁଣ ମରିବା ପରିବର୍ତ୍ତେ ଅତ୍ୟନ୍ତ ସୁନ୍ଦର ପିଲା ହୋଇ ତାଙ୍କୁ ହାତ ଯୋଡି ପ୍ରାର୍ଥନା କରି କହିଲେ, ଆମେ ପରା ତୁମର ଭାଇ, ଆମକୁ ମାର ନାହିଁ । ଏହା ଶୁଣି ଇନ୍ଦ୍ରଙ୍କର ହୃଦୟ ତରଳିଯିବାରୁ ସେ ସେମାନଙ୍କ ଦେବତ୍ୱ ପ୍ରଦାନ କଲେ । ସେହି ଅଣଚାଶ ଭାଇ ମରୁଦଗଣ ଭାବରେ ଜନ୍ମ ନେଲେ । ଦିତି ଯେତେବେଳେ ଦେଖିଲେ ତାଙ୍କ ଗର୍ଭରୁ ଅଗ୍ନି ସଦୃଶ ଅଣଚାଶ ପୁତ୍ର ସହ ଇନ୍ଦ୍ର ମଧ୍ୟ ଜନ୍ମ ନେଲେ ସେ ଆଶ୍ଚର୍ଯ୍ୟ ହେବାରୁ ଇନ୍ଦ୍ର ସମସ୍ତ କଥା କହି କ୍ଷମାପ୍ରାର୍ଥୀ ହେଲେ । ଦିତିଙ୍କର କ୍ରୋଧ ଶାନ୍ତ ହେବାରୁ ସେ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କଲେ ।

## ୧୯ଶ ଅଧ୍ୟାୟ

### ॥ ପୁଂସବନ ବ୍ରତ ବିଧି ॥

ଶ୍ରୀ ଶୁକଦେବ କହିଲେ, ହେ ରାଜା ଏହି ବ୍ରତ ସମସ୍ତ ଅଭିଳାଷ ପୂରଣ କରେ । ସ୍ତ୍ରୀ ଲୋକମାନେ ମାର୍ଗଶୀର ଶୁକ୍ଳପ୍ରତିପଦାଠାରୁ ମାର୍ଗଶୀର ଅମାବାସ୍ୟା ବର୍ଷେ ପର୍ଯ୍ୟନ୍ତ ଏହି ବ୍ରତ କରିଥାନ୍ତି । ଏହି ବ୍ରତର ଆରାଧ ଲକ୍ଷ୍ମୀନାରାୟଣ । ତାଙ୍କୁ ଯଥାବିଧି ପୂଜା କରି ପତି ଦେବତାଙ୍କୁ ସାକ୍ଷାତ୍ ଭଗବାନ ମନେ କରି ତାଙ୍କର ପ୍ରିୟପଦାର୍ଥ ତାଙ୍କୁ ଅର୍ପଣ ପୂର୍ବକ ବ୍ରତ ଆରମ୍ଭ କରିବେ । ପତ୍ନୀଙ୍କର ରଜୋଧର୍ମାଦି ସମୟରେ ପତି ଏହି ବ୍ରତ ଯଥାବିଧି ପାଳନ କରିବେ । ଉଦଯାପନ ଦିନ ହୋମକରି ଅଗ୍ନିରେ ଦ୍ୱାଦଶାହୂତି ପ୍ରଦାନ କରିବ । ପ୍ରଥମେ ବ୍ରାହ୍ମଣ ଭୋଜନ କରାଇ ଭାଇ ବନ୍ଧୁ ସହିତ ସ୍ୱୟଂ ଭୋଜନ କରିବ । ତାପରେ ଅବଶିଷ୍ଟ ହୋମଘୃତ ମିଶ୍ରିତ ପାୟସ ନିଜର ପତ୍ନୀକୁ ପ୍ରଦାନ କରିବ । ଏହି ପ୍ରସାଦ ସେବନ କରି ସ୍ତ୍ରୀ ସତପୁତ୍ର ଜାତକରି ସୌଭାଗ୍ୟବତୀ ହେବେ । ଏହି ବ୍ରତଧାରିଣୀ କନ୍ୟା ଉତ୍ତମ ପତି ପ୍ରାପ୍ତ ହୁଏ । ବିଧବା ନିଷ୍ପାପ ହୋଇ ବୈକୁଣ୍ଠ ଗମନ କରେ । ମୃତବତ୍ସା ସ୍ତ୍ରୀ ଦୀର୍ଘାୟୁ ପୁତ୍ର ଲାଭ କରେ । ଦରିଦ୍ର ଧନଲାଭ କରେ । କୁରୂପା ରୂପ ଲାଭକରେ । ରୋଗୀ ରୋଗମୁକ୍ତ ହୁଏ । ଶ୍ରଦ୍ଧାରେ ଏହି ବ୍ରତ ପାଳନ କଲେ ସକଳ ଐଶ୍ୱର୍ଯ୍ୟ ଲାଭ ହୁଏ ।

## ୭ମ ସ୍କନ୍ଧ

## ୧ମ ଅଧ୍ୟାୟ

### ॥ ଚିତ୍ରକେତୁଙ୍କୁ ଅଙ୍ଗିରା ଓ ନାରଦଙ୍କ ସାନ୍ତ୍ୱନା ପ୍ରଦାନ ॥

ରାଜା ପରୀକ୍ଷିତ ପଚାରିଲେ, ହେ ବ୍ରହ୍ମନ, ଭଗବାନଙ୍କର ତ ସମସ୍ତେ ପ୍ରିୟ ଏବଂ ସମସ୍ତେ ତାଙ୍କ ସୃଷ୍ଟ । ମାତ୍ର ଦେଖାଯାଏ ଭଗବାନ ଇନ୍ଦ୍ରାଦି ଦେବତାଙ୍କ ପ୍ରତି କାହିଁକି ଅଧିକ ଅନୁଗ୍ରହ ପ୍ରକାଶ କରନ୍ତି ଏବଂ ଦୈତ୍ୟଙ୍କ ପ୍ରତି ନିର୍ଦ୍ଦୟ ହୁଅନ୍ତି । ଭଗବାନ ବିଷ୍ଣୁତ ସର୍ବଶକ୍ତିମାନ, ନିର୍ଗୁଣ, ନିର୍ବିକାର ଏବଂ ପରମାନନ୍ଦ ସ୍ୱରୂପ ତଥାପି ତାଙ୍କ ନିକଟରେ ବିଦ୍ୱେଷ ଭାବ ଆସେ କାହିଁକି ? ଶ୍ରୀ ଶୁକଦେବ କହିଲେ ଏହା ଏକ ଉତ୍ତମ ପ୍ରଶ୍ନ । ଶ୍ରୀହରି ଚରିତ ଅଦଭୂତ । ତାଙ୍କୁ ଜାଣିବା ସମ୍ଭବ ନୁହେଁ ତେବେ ବ୍ୟାସଦେବଙ୍କ ଚରଣ ସେବାରୁ ମୁଁ ଯେତିକି ଜାଣିଛି ତୁମ ଆଗରେ କହୁଛି ଶୁଣ । ଭଗବାନ ବିଷ୍ଣୁ ତ୍ରିଗୁଣର ସ୍ରଷ୍ଟା ହୋଇ ମଧ୍ୟ ନର୍ଗୁଣ । ମାତ୍ର ତାଙ୍କଠାରେ ତ୍ରିଗୁଣର କର୍ତ୍ତା ଭାବରେ ସମୟେ ସମୟେ ଗୁଣର ଆରୋପ କରାଯାଇ କୁହାଯାଏ ସେ ଏହା କଲେ । ସେ ସତ୍ୱ ଗୁଣରେ ପ୍ରବିଷ୍ଟ ହେଲେ ଦେବତ୍ୱ ପ୍ରକାଶ ସହ ସୃଷ୍ଟି ପାଳନ କରନ୍ତି । ରଜୋଗୁଣକୁ ଆଶ୍ରୟ କଲେ ଅସୁର ଓ ତମୋଗୁଣକୁ ଆଶ୍ରୟ କଲେ ଯକ୍ଷ, ରାକ୍ଷସଙ୍କ ଆବିର୍ଭାବ ହୁଏ । ଏଣୁ ତାଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ କ'ଣ ବା କୁହାଯାଇପାରିବ ? ଜ୍ୟୋତି ବା ତେଜ ଯେମିତି ନିର୍ଦ୍ଦିଷ୍ଟ ଦୃଷ୍ଟି ପଥକୁ ଆସେ ମାତ୍ର ତାର ଆଦି ଅନ୍ତ କଳନା କରି ହୁଏନାହିଁ ସେହିପରି ଭଗବାନଙ୍କର ନିଜ ସୃଷ୍ଟ ଗୁଣର ଅଧିଷ୍ଠାନ ଓ ତିରୋଧାନକୁ ଲକ୍ଷ କରିହୁଏ ନାହିଁ । ତାହା ହିଁ ତାଙ୍କର ମାୟା । ସେ ମାୟାରେ କ୍ଷୁଦ୍ର, ବୃହତ୍, ନାନାରୂପ ଧରି ପ୍ରକଟିତ ହୁଅନ୍ତି ଓ ନିଜ ଇଛାରେ ପୁଣି ତିରୋହିତ ହୁଅନ୍ତି । ଯେପରି କାଠ ସଂଯୋଗରେ ଅଗ୍ନି, ପାତ୍ରରେ ଜଳ, ଘଟ ମଧ୍ୟରେ ଆକାଶ- ଏହି ସବୁ ନିଜ ନିଜର ଆଧାରର ଆକୃତିକୁ ନେଇ କ୍ଷୁଦ୍ର ବୃହତ ପ୍ରତୀତ ହେଲେ ମଧ୍ୟ ତହିଁର ପ୍ରକୃତ ବୈଷମ୍ୟ କିଛି ନଥାଏ, ସେହିପରି ସତ୍ୱ, ରଜୋ, ତମୋଗୁଣ ଭେଦରେ ଭଗବାନଙ୍କର ପ୍ରକଟରେ କୌଣସି ମୌଳିକପାର୍ଥକ୍ୟ ନଥାଏ । ସେ ହିଁ ସତ୍ୱ ଗୁଣରେ ଦେବତା ରଜୋଗୁଣରେ ଭୋଗୈଶ୍ୱର୍ଯ୍ୟ ଏବଂ ତମୋଗୁଣରେ ସଂହାର ମୂର୍ତ୍ତି ଧାରଣ କରନ୍ତି । ସେ ହିଁ କାଳର ସ୍ରଷ୍ଟା । ସତ ଓ ଅସତ ଭାବ ହେଉଛି ଦେବତା ଓ ଅସୁରର ପ୍ରତୀକ । ଏହି ଶିକ୍ଷା ଦେଇ ଭଗବାନ ଜୀବକୁ ସତ ମାର୍ଗରେ ଚାଲିବାକୁ ମାର୍ଗ ଦେଖାଇଥାନ୍ତି ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ପିଲା ଉପରେ ମାଆର ପ୍ରଭାବ



ଶ୍ୱେତା ରାଉତ୍

ଜଣେ ଲୋକକୁ ଫାଶୀ ଦେବା ସମୟରେ ତାର ଶେଷ ଇଚ୍ଛା ପଚରାଗଲା- କହ ତୁ କଣ ଚାହୁଁଛୁ ?ଲୋକଟି କହିଲା ମୋ ମାଆକୁ ଆଣି ପ୍ରଥମେ ଫାଶୀରେ ଝୁଲାଇ ଦିଅ, ମୁଁ ଦେଖିବା ପରେ ମୋତେ ଫାଶୀ ଦେଇଦିଅ। ଏଭଳି ଅଦ୍ଭୁତ ଇଚ୍ଛା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ! ଏହା କିଭଳି ସମ୍ଭବ ! ଏମିତି କାହିଁକି ଲୋକଟି ଇଚ୍ଛା କଲା ବୋଲି ଜାଣିବାକୁ ତାକୁ କାରଣ ପଚାରିଲେ। ଲୋକଟି କହିଲା ପିଲାଦିନେ ମୋ ମାଆ ଆମ ବାଡ଼ିରେ ଶାଗ ବୁଣିଥିଲା, ପଡୋଶୀ ଘର କୁକୁଡ଼ା ଆମ ଶାଗ କିଆରୀରେ ପଶି ସବୁ ମଞ୍ଜି ଖୁଣ୍ଟି ଖାଇଦେଲା। ମାଆ ଦେଖିବା ପରେ ରାଗିଯାଇ ପଡୋଶୀ ସହ ଝଗଡା କଲା ଓ ମୋତେ କହିଲା ଢେଲା ମାରି ସେ କୁକୁଡ଼ାକୁ ମାରିଦେ। ମୁଁ ପିଲାଟିଏ ଥିଲି, ମାଆ କଥା ମାନି ସେ କୁକୁଡ଼ାକୁ ମାରିଦେଲି ଓ ତାକୁ ରାନ୍ଧି ଖୁବ୍ ଖୁସିରେ ଆମେ ଖାଇଲୁ। ସେଦିନଠୁ ଯାହା କୁକୁଡ଼ା ଆମ ବାଡ଼ିରେ ପଶେ, ଆମେ ମାରି ଖାଇଦେଉ। କିଛି ଦିନ ପରେ ଆମ ଗାଈ ପଡୋଶୀ ଘର ବାଡ଼ିରେ ପଶି ତାଙ୍କ ପନି ପରିବା ଗଛ ଖାଇଦେଲା, ସେମାନେ ଯୋରରେ ପାଟି ଚିଲେଇ ଝଗଡ଼ା କଲେ। ମୁଁ ଟିକେ ବଡ ହୋଇ ଯାଇଥାଏ, ମାଆ କହିଲା'ପୁଅ ତୁ ଥାଉ ଥାଉ ସେମାନେ ଆମକୁ ଏତେ କଥା କହୁଛନ୍ତି, ବାଡେଇକି ତାଙ୍କୁ ଜବାବ ଦେଇ ଦେ' । ମୁଁ ମାଆ କଥାରେ ଯାଇ ବାଡେଇ ବାଡେଇ ବୁଢ଼ା ବୁଢ଼ୀ ଲୋକ ଦୁଇଟାଙ୍କର ମୁଣ୍ଡ ଫଟେଇ ଦେଲି। ଗାଁଆରେ ସମସ୍ତେ ମୋତେ ଡରିବାକୁ ଲାଗିଲେ, ହଣା, ମରା, ଚୋରି, ବଦମାସୀ ମୋତେ ଭଲ ଲାଗିଲା। ମୁଁ ଭାବିଲି ଲୋକେ ମୋତେ ଭୟ କରୁଛନ୍ତି, ମାଆ ବି କେବେ ମୋତେ ଆକଟ କରିନଥିଲା।

ଆମ ଘର ପାଖରେ ପୁଅଟିଏ ଗୋଟେ ଝିଅକୁ ନେଇ ପଳେଇଲା, ତା ବାପା ଖୋଜି ଖୋଜି କୁଆଡେ ଝିଅକୁ ପାଇଲାନି।କିଛି ଦିନ ପରେ ଜାଣିଲା ଝିଅ ତା ନିଜ ଇଚ୍ଛାରେ ସେ ପୁଅଟି ସହ ଯାଇଛି।ବାପର ରାଗ ମୁଣ୍ଡକୁ ଉଠିଗଲା, ମୋତେ ଡାକି କହିଲା - ମୋର ଗୋଟେ କାମ କରିଦବୁ ? ମୁଁ ଜାଣେ ତୁ କାହାକୁ ଡରୁନା,ଏ ଝିଅ ମୋ ମୁହଁରେ କଳା କନା ବୁଲେଇ ଚାଲି ଗଲା,ତୁ ଝିଅକୁ ଖୋଜି ଆଣି ପାରିବୁ ? ଯଦି ଆସିବାକୁ ରାଜି ନହୁଏ ଜୀବନରୁ ମାରିଦେବୁ' !ତାଙ୍କ କଥା ଶୁଣି ମୁଁ ରାଜି ହୋଇଗଲି କାରଣ ପିଲାଦିନରୁ ମୁଁ ବିବେକହୀନ ହୋଇସାରିଥିଲି। ଲୋକଟି କଥାରେ ଯାଇ ଝିଅ,ପୁଅ ଦୁହିଁକୁ ମାରିଦେଲି। ସେଠି ତାଙ୍କୁ ବଞ୍ଚାଇବାକୁ ଦୁଇଜଣ ଆସିଥିଲେ, ତାଙ୍କୁ ବି ମାରିଦେଲି। ଆଜି ମୋ କର୍ମଫଳ ଯୋଗୁଁ ମୁଁ ଅକାଳରେ ଫାଶୀ ପାଇବାକୁ ଯାଉଛି।

ଉପସ୍ଥିତ ଅଧିକାରୀ ପଚାରିଲେ 'ତୁ ପାପ କଲୁ ଦଣ୍ଡ ତୁ ପାଇବା ଉଚିତ୍, ତୋ ମାଆକୁ ଫାଶୀ ଦେବାକୁ କାହିଁକି କହୁଛୁ ?

ଲୋକଟି କହିଲା - 'ମାଆ ଯଦି ପିଲାଦିନେ ପଡୋଶୀ ଘରର କୁକୁଡ଼ା ମାରିବାକୁ କହି ନଥାନ୍ତା, ପଡୋଶୀଙ୍କୁ ପିଟିବାକୁ କହିନଥାନ୍ତା,ଏବଂ ମୋ ଖରାପ କାମରେ ଖୁସି ହଉନଥାନ୍ତା ହୁଏତ ଆଜି ମୁଁ ହତ୍ୟା ଭଳି ଜଘନ୍ୟ ଅପରାଧ କରିବାକୁ ଯାଇନଥାନ୍ତି। ଯଦି ମାଆ ମୋ ଭିତରେ ପିଲା ଦିନରୁ ସୁବିଚାର, ସୁଗୁଣ ଭରିଥାନ୍ତା ମୁଁ କୁବୁଦ୍ଧି ନେଇ ମୃତ୍ୟୁ ମୁଖକୁ ଯାଇନଥାନ୍ତି। ତେଣୁ ମୁଁ ଦଣ୍ଡ ପାଇବା ପୂର୍ବରୁ ମୋତେ ଖରାପ ଦିଗରେ ପ୍ରୋତ୍ସାହିତ କରିଥିବା ମୋ ମାଆକୁ ଆଗ ଫାଶୀ ଦିଆଯାଉ' ।

ବାସ୍ତବରେ ଲୋକଟିର ଯୁକ୍ତିକୁ ଭାବିବାର ଥିଲା। ପିଲାକୁ କେତେବେଳେ ଆଦର ଓ କେତେବେଳେ ଆକଟ କରାଯିବ ମାଆ ନିହାତି ଏ ପ୍ରତି ସଚେତନ ରହିବା ଜରୁରୀ। ପିଲାର କେଉଁ କାମକୁ ପ୍ରଶଂସା ଓ କେଉଁ କାମକୁ ଅବରୋଧ କରିବା ତାହା ବି ଧ୍ୟାନ ଦେବା କଥା। କାହିଁକି ନା ଗୋଟେ ପିଲା ଜନ୍ମ ହେବାପରେ ତା ମାଆକୁ ହିଁ ତାର ପୃଥିବୀ ଭାବେ, ସର୍ବସ୍ୱ ଭାବିଥାଏ। ମାଆର ପ୍ରତି ଶବ୍ଦ ପିଲାକୁ ପ୍ରଭାବିତ କରେ। ଯେମିତି ମାଆ ପେଟରୁ ଅଭିମନ୍ୟୁ ଚକ୍ରବ୍ୟୂହର ଭେଦ ଶିଖିଥିଲା ଓ ମାଆ ଶୋଇ ପଡ଼ିବାରୁ ବାହାରିବାର କୌଶଳ ଜାଣି ପାରିଲାନାହିଁ, ମାଆ ଓ ପିଲାର ସମ୍ପର୍କ ସେମିତି ନିବିଡ ଯାହା ସଂସାରରେ ସବୁଠୁ ନିଆରା। ସମାଜକୁ ଆମେ ସାଧ୍ୱୀଟିଏ ଦେଉଛନ୍ତି କି ହିଂସ୍ର ପଶୁଟିଏ ଦେଉଛନ୍ତି ତା ମାଆ ଉପରେ ନିର୍ଭରଶୀଳ। କେହି କହି ପାରନ୍ତି ବାପା ଯଦି ଖରାପ ଥାଏ, ପିଲାକୁ ସଜାଡ଼ିବା ସହଜ ହୁଏନି ମାଆ ପାଇଁ। କିନ୍ତୁ ହିରଣ୍ୟ କଶ୍ୟପ ଭଳି ରାକ୍ଷସ ବାପା ପାଖରେ ଥାଇ ପ୍ରହଲ୍ଲାଦ ଭଳି ପୁଅଟିଏ ବି ବିଷ୍ଣୁ କୋଳରେ ବସିପାରେ ଯଦି ମାଆ କାୟାଧୁ ଭଳି ହୋଇଥାଏ, ଏକଥା ଆମକୁ ମନେ ରଖିବାକୁ ପଡିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଯୌବନକୁ ଦୀର୍ଘସ୍ଥାୟୀ କରିବ ମଧୁମେହ ବଟିକା !



ଟାଇପ୍-୨ ମଧୁମେହ ରୋଗର ଉପଶମ ପାଇଁ ଶସ୍ତାରେ ମିଳୁଥିବା ବଟିକା 'ମେଟ୍‌ଫର୍ମିନ୍'ର ଏକ ସୁଖଦ ପାର୍ଶ୍ୱ ପ୍ରତିକ୍ରିୟା ବାବଦରେ ଜଣାପଡ଼ିଛି। ଚୀନ୍‌ର ବେଜିଂ ସ୍ଥିତ ଏକାଡେମି ଅଫ୍ ସାଇନ୍‌ସେସ୍‌ର ଗବେଷକମାନେ ଦୀର୍ଘ ୪୦ ମାସର ଏକ ଅନୁଧ୍ୟାନରେ ଅଣ୍ଡିରା ମାଙ୍କଡ଼ଠାରେ ମେଟ୍‌ଫର୍ମିନ୍ ପ୍ରୟୋଗ କରି ସକାରାତ୍ମକ ଫଳାଫଳ ପାଇଛନ୍ତି। ଔଷଧ ପ୍ରଭାବରେ ମାଙ୍କଡ଼ମାନଙ୍କର ମସ୍ତିଷ୍କର ବାର୍ଦ୍ଧକ୍ୟ ପ୍ରକ୍ରିୟା ମନ୍ଥର ହୋଇଯାଉଥିବା ଜଣାପଡ଼ିଛି। ସୁତରାଂ ମନୁଷ୍ୟ ଶରୀରରେ ମେଟ୍‌ଫର୍ମିନ୍‌ର ଉପଯୋଗ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥର କରି ଯୌବନକୁ ଦୀର୍ଘସ୍ଥାୟୀ କରିବ ବୋଲି ଆଶା କରାଯାଉଛି। ଔଷଧ ନେଉ ନଥିବା ମାଙ୍କଡ଼ମାନଙ୍କ ତୁଳନାରେ ନିୟମିତ ମେଟ୍‌ଫର୍ମିନ୍ ଗ୍ରହଣ କରୁଥିବା ମାଙ୍କଡ଼ମାନଙ୍କ ମସ୍ତିଷ୍କରେ ବୟସ ସହ ଜଡ଼ିତ ପ୍ରକ୍ରିୟା ଧିମେଇ ଯାଇଥିବା ଜଣାପଡ଼ିଥିଲା। ସେମାନଙ୍କର ନ୍ୟୁରନ୍ କ୍ରିୟା ସେମାନଙ୍କଠାରୁ ୬ ବର୍ଷ କମ୍ ବୟସ୍କ (ମନୁଷ୍ୟ କ୍ଷେତ୍ରରେ ୧୮ ବର୍ଷ ସମକକ୍ଷ) ମାଙ୍କଡ଼ଙ୍କ ପରି ହୋଇଯାଇଥିଲା ଏବଂ ସେମାନଙ୍କର ଜ୍ଞାନାତ୍ମକ ବିକାଶ ଓ ଯକୃତ କ୍ରିୟାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ, ଟାଇପ୍-୨ ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କର ରକ୍ତ ଶର୍କରା ସ୍ତର କମାଇବା ପାଇଁ ପ୍ରାୟ ୬୦ ବର୍ଷ ହେଲା ମେଟ୍‌ଫର୍ମିନ୍‌ର ଉପଯୋଗ କରାଯାଇ ଆସୁଛି। ଏହା ଶସ୍ତା ଏବଂ ଆମେରିକାର ଦ୍ୱିତୀୟ ସର୍ବାଧିକ ଡାକ୍ତରୀ ପରାମର୍ଶପ୍ରାପ୍ତ (ପ୍ରେସ୍କ୍ରାଇବ୍‌ଡ) ଔଷଧ। ମାଙ୍କଡ଼ଠାରେ ମେଟ୍‌ଫର୍ମିନ୍‌ର ଫଳାଫଳ ରକ୍ତରେ ଶର୍କରା ସ୍ତର କମିବା ଯୋଗୁଁ ନା ଅନ୍ୟ କୌଣସି କାରଣରୁ ଘଟିଛି, ସେ ବାବଦରେ ଗବେଷକମାନେ ସ୍ପଷ୍ଟ ହୋଇପାରିନାହାନ୍ତି।

# ସକାଳୁ ଫୋନ୍ ଛୁଇଁବା ମନା



ସକାଳୁ ଶଯ୍ୟା ଛାଡ଼ିବା ମାତ୍ରେ ପ୍ରଥମେ ଫୋନ୍ ଖେଳାଇବାଟା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଛି। ପୁଣି କେହି କେହି ସକାଳୁ ଉଠିବା ଲାଗି ଆଲାର୍ମ ଖଞ୍ଜିଥିବାରୁ ଏଭଳି ଅଭ୍ୟାସ ସୃଷ୍ଟି ହୋଇଛି। ଆଲାର୍ମକୁ ବନ୍ଦ କରିବା ସହ ଆମେ ଫୋନ୍ ଖୋଲି ସାମାଜିକ ଗଣମାଧ୍ୟମର ଘଟଣାବଳି ଜାଣିବା ଆଶାରେ ଫୋନ୍‌ରେ ମନୋନିବେଶ କରୁ। ମାତ୍ର ସକାଳେ ଫୋନ୍ ବ୍ୟବହାର କରିବାର କୁପରିଣତି ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହା ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରିବା ସହ ଚାପ, ଉଦ୍‌ବେଗ ଓ ଅବସାଦ ଆଦିର କାରଣ ସାଜି ଥାଏ।ଏହା ମଧ୍ୟ ଦୈନିକ ନିଦ୍ରାଚକ୍ରକୁ ପ୍ରଭାବିତ କରିଥାଏ। ଫୋନ୍ ପରଦାରୁ ନିର୍ଗତ ନୀଳ ଆଲୋକରଶ୍ମି ନିଦ୍ରାସୃଷ୍ଟିକାରୀ 'ମେଲାଟୋନିନ୍' ହରମୋନ୍ କ୍ଷରଣରେ ବାଧା ଉପୁଜାଇଥାଏ। ଫଳରେ ନିଦ ଆସିବାରେ ଅସୁବିଧା ହୋଇଥାଏ ଏବଂ ବେଳେ ବେଳେ ନିଦ୍ରାହୀନ ରାତି କାଟିବାକୁ ପଡ଼ିଥାଏ, ଯାହା ପରୋକ୍ଷରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମାଗଣା (ଅପ)ସଂସ୍କୃତି...

ପ୍ରଥମେ ହରିଆଣା ଏବଂ ଏବେ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ – ଏହି ତିନିଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଭିନ୍ନ ସଙ୍କେତ ଦେଉଛି। ନିର୍ବାଚନ ଫଳାଫଳ କେବଳ ଯେ ସମସ୍ତ କଳ୍ପନାଜଳ୍ପନାକୁ ଭୁଲ ପ୍ରମାଣିତ କରିଛି ତାହା ନୁହେଁ, କ୍ଷମତାକୁ ଆସିବା ଲାଗି ବିରୋଧୀଙ୍କ ସ୍ୱପ୍ନକୁ ଚୂରମାର ମଧ କରିଛି। ବିଜୟୀ ହୋଇଥିବା ଦଳ/ମେଣ୍ଟ ମଧ ଆଶାଠାରୁ ଅଧିକ ଆସନ ପାଇଛନ୍ତି। ନିର୍ବାଚନ ଉପରେ ନଜର ରଖୁଥିବା ରାଜନୈତିକ ପଣ୍ଡିତମାନଙ୍କୁ ମଧ ଏହି ଫଳାଫଳ ବିସ୍ମିତ କରିଛି। ହରିଆଣା ଓ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ବିଜୟୀ ହୋଇଥିବାରୁ ଏହାକୁ କେହି କେହି ହିନ୍ଦୁତ୍ୱର ବିଜୟ କହୁଥିବା ବେଳେ ଝାଡ଼ଖଣ୍ଡ ଏବଂ ଜମ୍ମୁ-କଶ୍ମୀର ଫଳାଫଳକୁ ହିନ୍ଦୁତ୍ୱ-ବିରୋଧୀ ଜନାଦେଶ ବୋଲି କୁହାଯାଉଛି। କିନ୍ତୁ ଏଥିରେ କେଉଁଟା ହେଲେ ସତ ଥିଲା ଭଳି ମନେହେଉନି। ନିର୍ବାଚିତ ଦଳ ମନ ବୁଝାଇବା ଲାଗି ଏଭଳି ଅତିରଞ୍ଜିତ ମନ୍ତବ୍ୟ ଦେଉଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ରାଜନୈତିକ ବିଶେଷଜ୍ଞମାନେ ବିଭିନ୍ନ ତଥ୍ୟକୁ ଆଧାର ଯେଉଁ ନିଷ୍କର୍ଷରେ ପହଞ୍ଚଛନ୍ତି, ତାହା ହେଲା ମହିଳା ଭୋଟରଙ୍କ ଭୂମିକା। ନିର୍ବାଚନର କିଛିମାସ ପୂର୍ବରୁ ଏହି ରାଜ୍ୟ ସରକାରମାନେ ମହିଳାମାନଙ୍କ ହାତକୁ ବା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଦେବା(ଡିବିଟି) ଲାଗି ଯେଉଁ ଯୋଜନା କାର୍ଯ୍ୟକାରୀ କରିଥିଲେ, ତାହା ହେଉଛି ଏହି ସଫଳତାର ଅନ୍ୟତମ ରହସ୍ୟ। ସେମାନଙ୍କର ଏହି ପ୍ରତିଶ୍ରୁତି ଶେଷରେ ସଫଳ ହୋଇଛି ଏବଂ ସରକାର-ବିରୋଧୀ ଜନମତ/ପରିବେଶକୁ ମହିଳା ଭୋଟର ପ୍ରତିହତ କରିଦେଇଛନ୍ତି। ୨୦୨୧ରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ମଧ ଏଭଳି ଯୋଜନାକୁ ଆଧାର କରି ନିର୍ବାଚନରେ ବିଜୟ ଲାଭ କରିଥିଲେ। ସେଠାକାର ବିଧାନସଭା ନିର୍ବାଚନରେ ସରକାର-ବିରୋଧୀ ପାଣିପାଗ(ଆଣ୍ଟି-ଇନକମବେନ୍ସି ଫ୍ୟାକ୍ଟର)କୁ ବିଫଳ କରିବାରେ ମହିଳା ଭୋଟର ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏବେ ସେଠାରେ ତୃଣମୂଳ କଂଗ୍ରେସ ସରକାର 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରେ ପ୍ରତ୍ୟେକ ଗରିବ ମହିଳାଙ୍କୁ ମାସକୁ ୧୨୦୦ ଟଙ୍କା ଯୋଗାଉଛନ୍ତି। ୨୦୨୩ରେ କର୍ଣ୍ଣାଟକରେ ହୋଇଥିବା ବିଧାନସଭା ନିର୍ବାଚନରେ 'ଗୃହଲକ୍ଷ୍ମୀ' ଏବଂ 'ଯୁବନିଧି' ଯୋଜନା ପ୍ରତିଶ୍ରୁତି ଦେଇ କଂଗ୍ରେସ ସରକାର କ୍ଷମତାକୁ ଫେରିଥିଲା। 'ଗୃହଲକ୍ଷ୍ମୀ' ଯୋଜନାରେ ପରିବାର ଚଳାଉଥିବା ମହିଳାମାନଙ୍କୁ ମାସିକ ୨୦୦୦ ଟଙ୍କା ଦିଆଯାଉଛି। ସେହିଭଳି 'ଯୁବନିଧି' ଯୋଜନାରେ ସ୍ନାତକ ସାରି ବେକାର ବସିଥିବା ଯୁବଯୁବତୀଙ୍କୁ ମାସିକ ୩୦୦୦ ଟଙ୍କା ଦିଆଯାଉଥିବା ବେଳେ ଡିପ୍ଲୋମାଧାରୀ ବେରୋଜଗାର ଯୁବକ/ଯୁବତୀଙ୍କୁ ମାସିକ ୧୫୦୦ ଟଙ୍କା ଦିଆଯାଉଛି। ବିଡ଼ମ୍ବନା ହେଉଛି ନିର୍ବାଚନରେ ଭୋଟରମାନଙ୍କ ଲାଗି ଏଭଳି ମାଗଣା ସଂସ୍କୃତିକୁ ବିଜେପି ସମାଲୋଚନା କରିଥିଲେ ମଧ ମଧ୍ୟପ୍ରଦେଶ ଓ ହରିୟାଣାରେ ଦଳ ଶାସନ କ୍ଷମତା ପାଇଁ କେବଳ ଏଭଳି ଯୋଜନାକୁ ଭରସା କରିଛି ଏବଂ ବିଜୟୀ ହୋଇପାରିଛି। ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ସଫଳତା ପଛରେ ରହିଥିଲା ଶିବରାଜ ସିଂହ ଚୌହାନଙ୍କ 'ଲାଡ଼ଲି ବେହେନା' ଯୋଜନା। ଏହି ଯୋଜନା ଯୋଗୁଁ ୨୦ ବର୍ଷର ସରକାର-ବିରୋଧୀ ପାଣିପାଗ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା। କେବଳ ଏତିକି ନୁହେଁ, ବିଜେପି ପୂର୍ବଥର ଅପେକ୍ଷା ୫୪ଟି ଅଧିକ ଆସନ ପାଇଥିଲା। ଏବେ ଏହି ଯୋଜନାରେ ସେଠାରେ ମହିଳାମାନଙ୍କୁ ମାସିକ ୧୨୫୦ ଟଙ୍କା ଦିଆଯାଉଛି। ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଓଡ଼ିଶା ଓ ତେଲଙ୍ଗାନାରେ ମଧ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ଲାଗି ଏଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆସନ୍ତା ଦିଲ୍ଲୀ ଏବଂ ବିହାର ବିଧାନସଭା ନିର୍ବାଚନରେ ମଧ ଉଭୟ ଶାସକ ଓ ବିରୋଧୀ ଦଳ ଏଭଳି ଯୋଜନା ଆରମ୍ଭ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଭୋଟ ହାତେଇବା ଲାଗି ଏଭଳି ମାଗଣା ସଂସ୍କୃତି ଜାତୀୟ ଅର୍ଥନୀତି ପାଇଁ କେତେ ସହାୟକ, ତାହା ଉପରେ ବିଚାର କରିବାର ସମୟ ଆସିଛି। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ମାଗଣା ସଂସ୍କୃତିକୁ ଦୃଢ଼ ବିରୋଧ କରି କହିଥିଲେ ଯେ ଏଭଳି ସଂସ୍କୃତି ଆମ ଦେଶର ବିକାଶ କ୍ଷେତ୍ରରେ ବିପଜ୍ଜନକ ଭାବେ ପ୍ରତିବନ୍ଧକ ହୋଇଛି। ଅର୍ଥନୀତି ବିଶେଷଜ୍ଞମାନେ ମଧ ମାଗଣା ସଂସ୍କୃତିର ବିରୋଧ କରୁଛନ୍ତି। ସେମାନଙ୍କ ମତରେ ସ୍ଥାୟୀ ବିକାଶରେ ସହାୟକ ହେବା ବଦଳରେ ଏହା ଲୋକମାନଙ୍କୁ ଅଧିକ ପରନିର୍ଭରଶୀଳ କରିପକାଇବ। ଏହା ଆମ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ବିଡ଼ମ୍ବନା ହେଉଛି ଯେଉଁ ଦଳ ଏହି ମାଗଣା ସଂସ୍କୃତି ପ୍ରଭାବରେ ଭୋଟ ରାଜନୀତିରେ କ୍ଷତିଗ୍ରସ୍ତ ହେଉଛି ସେହି ଦଳ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛି। କିନ୍ତୁ କ୍ଷମତାକୁ ଫେରିବା ପାଇଁ ସେହି ରାସ୍ତାକୁ ହିଁ ଆପଣେଇ ନେଉଥିବା ଦେଖାଯାଉଛି। ଶାସନ କ୍ଷମତା ବା ଭୋଟ୍ ପାଇଁ ବ୍ୟାକୁଳ ଦଳମାନେ କ୍ଷମତା ଅପେକ୍ଷା ରାଷ୍ଟ୍ରୀୟ ବିକାଶକୁ ଅଗ୍ରାଧିକାର ଦିଅନ୍ତୁ। ଦୀର୍ଘମିଆଦୀ ଜନକଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କଲେ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହେଉଥିବା ଅନଗ୍ରସର ଶ୍ରେଣୀ ଲୋକଙ୍କର ସାମଗ୍ରିକ ବିକାଶ ହେବା ସହିତ ସେମାନଙ୍କ ଜୀବନଧାରଣ ମାନରେ ମଧ ଉନ୍ନତି ଆସିବ।

# ମହାଯୋଗୀ ଶ୍ରୀ ଅରବିନ୍ଦ



## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ। ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି। ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି। ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି। ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ। ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ। ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ। ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା। ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ। ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ। ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନମୋହନ। ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର। ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ। ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା। କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ। ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ। ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ। ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ। ଏ ହେଉଛି ସ୍ୱୟଂ ଜଗଜ୍ଜନନୀ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା। ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ। ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ। ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା। ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ। ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା। ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା। ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ। ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ। ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ। ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ। ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ। ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ। ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା। ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ। ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ। ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ। ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା। ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ। ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ। ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ। ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା। ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା। ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ ସାର୍ଥକ ହୋଇପାରିବ। ଜୀବନର ଅନ୍ତିମ ସମୟ ସେ ଆଧାତ୍ମିକ ଜୀବନ ଯାପନ କରିଥିଲେ। ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ। ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


# ପୁରୀରେ ଭାରତୀୟ ନୌସେନାର ପ୍ରତିଷ୍ଠା ଦିବସ-୨୦୨୪



## ବିପିନ ବିହାରୀ ମହାନ୍ତି

ଭାରତ ଏକ ବିଶାଳ ଦେଶ। ଏହାର ପଶ୍ଚିମ, ଦକ୍ଷିଣ ଓ ପୂର୍ବପଟେ ଯଥାକ୍ରମେ ଆରବସାଗର, ଭାରତ ମହାସାଗର ଓ ବଙ୍ଗୋପସାଗର ବେଷ୍ଟିତ। ପଶ୍ଚିମ-ଉତ୍ତରକୁ ପାକିସ୍ତାନ, ବେଲୁଚିସ୍ଥାନ ଏବଂ ଆଫଗାନିସ୍ଥାନ ଇତ୍ୟାଦି ଦେଶ, ଉତ୍ତର ପଟେ ସୁଦୀର୍ଘ ଏବଂ ଆକାଶଛୁଆଁ ହିମାଳୟ ପର୍ବତଶ୍ରେଣୀ ଏବଂ ଉତ୍ତର-ପୂର୍ବକୁ ଲମ୍ବିଛନ୍ତି ଯଥାକ୍ରମେ, ନେପାଳ, ଭୁଟାନ୍, ତିବ୍ବତ, ଚୀନ୍ ଓ ମିଆଁମାର। ଏହାର ପୂର୍ବପଟେ ବଙ୍ଗୋପସାଗର କୂଳରେ ଏବଂ ଭାରତ ସହବନ୍ଧିତ ହୋଇଅଛି ବଙ୍ଗଳାଦେଶ ଏବଂ ବଙ୍ଗୋପସାଗର-ଭାରତ ମହାସାଗର ଦ୍ୱିସନ୍ଧିରେ ଅଛି ଶ୍ରୀଲଙ୍କା। ମୁଣ୍ଡ ଉପରେ ପରିବ୍ୟାପ୍ତ ଆକାଶ। ଏତେବଡ଼ ବିଶାଳ ଭୂଖଣ୍ଡକୁ ଯାହା ଉପର ବର୍ଣ୍ଣିତରୁ ଜାଣିଲେ ଶତ୍ରୁ ପକ୍ଷର ଧମକ ସବୁଦିଗରୁ ସଦାବେଳେ ଅଛି। ବିଶେଷକରି ଏହା ସ୍ୱାଧୀନତା ପରଠୁ ଆମର ନିରାପତ୍ତା ଓ ସାର୍ବଭୌମତ୍ୱ ପ୍ରତି ବେଶ୍ ସଚେତନତା ସୃଷ୍ଟି କରାଇଛି।

ଭାରତ ତାହାର ବର୍ହିଆକ୍ରମଣରୁ ସୁରକ୍ଷା ନିମନ୍ତେ ସାମରିକବାହିନୀ ରଖିଛି। ଏହି ସାମରିକ ବାହିନୀ ୧ ଏପ୍ରିଲ ୧୯୫୫ ଠାରୁ ସ୍ୱତନ୍ତ୍ର ଭାବେ ତିନିଭାଗ ହୋଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଆମକୁ ନିରାପତ୍ତା ଦିଅନ୍ତି। ଏହି ତିନିଭାଗ ହେଲା : ସ୍ଥଳବାହିନୀ, ଆକାଶବାହିନୀ ଏବଂ ନୌବାହିନୀ।

ଏହି ତିନିବାହିନୀ ମୁଖ୍ୟ ହେଉଛନ୍ତି ଭାରତର ରାଷ୍ଟ୍ରପତି ଯିଏକି କମାଣ୍ଡର ଇନ୍ ଚିଫ୍। ତାଙ୍କ ତଳକୁ ଅଛନ୍ତି ତିନିବାହିନୀର ତିନି ସେନା ମୁଖ୍ୟ। ପ୍ରତ୍ୟେକ ମୁଖ୍ୟ ତାଙ୍କ ବିଭାଗ ପାଇଁ ଦାୟୀ ରୁହନ୍ତି। ନୌସେନାର ମୁଖ୍ୟ ହେଉଛନ୍ତି ଆଡମିରାଲ ଲେଫ୍‌ଟନାଣ୍ଟ କମାଣ୍ଡର। ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ୧୭ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀ ଭୋନସଲଙ୍କୁ ଆମେ ନୌବାହିନୀର ଜନକ ଆଖ୍ୟା ଦେଇଛୁ।

ଭାରତର ନୌବାହିନୀର ମୁଖ୍ୟ କର୍ତ୍ତବ୍ୟ ହେଉଛି ଆମକୁ ସମୁଦ୍ର ପକ୍ଷରୁ ଆକ୍ରମଣରୁ ସୁରକ୍ଷା ଦେବା ତଥା ତଟରକ୍ଷୀ ରୂପେ ଦାୟିତ୍ୱ ତୁଲାଇବା। ଏସବୁ ଯୁଦ୍ଧ ସୁରକ୍ଷା ଓ ନିରାପତ୍ତା ସଂପର୍କିତ। ଏହା ସହିତ ବିଭିନ୍ନ ବିଦେଶୀ ବଳର ପରିଦର୍ଶନ ଓ ସେମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି ସଂପର୍କର ସେତୁ ପରି କାର୍ଯ୍ୟ କରିବା, ଅନ୍ତର୍ଦେଶୀୟ ନୌସେନା ସହିତ ସମରଭ୍ୟାସ କରିବା, ପ୍ରାକୃତିକ ବିପର୍ଯ୍ୟୟ ବେଳେ ମାନବୀୟ ବିପତ୍ତିକାଳୀନ ସେବା ଓ ସହାୟତା ଦେବା, ସମୁଦ୍ର ମଧ୍ୟରେ ବିପଦଗ୍ରସ୍ତ ବିମାନ ବା ପାଣି ଜାହାଜ ଇତ୍ୟାଦିକୁ ଖୋଜିବା ବା ଉଦ୍ଧାର କରିବା ତଥା ଆବଶ୍ୟକ ବେଳେ ଅନ୍ୟ ଦେଶର ସାହାଯ୍ୟରେ ଛିଡ଼ା ହେବା ବି ଏହାର ଧର୍ମ। ଏବେ ପ୍ରଗତିପଥେ ଭାରତର ନୌସେନା। ଏକ ଆକଳନରୁ ଜଣାଯାଏ ଯେ ଏବେ ଏହାର କର୍ମଚାରୀ ସଂଖ୍ୟା ୫୮,୩୫୦, ଉଡ଼ାଜାହାଜମାନଙ୍କୁ ବହନ କରି ପାରୁଥିବା ବିରାଟ ଯୁଦ୍ଧ ପୋତ ଗୋଟିଏ (ଏୟାର କ୍ରାଫ୍‌ଟ କ୍ୟାରିୟର), ଗୋଟିଏ ବିରାଟ ପରିବହନକାରୀ ପୋତ (ଟ୍ରାନ୍ସପୋର୍ଟ ଡକ୍), ୧୫ଟି ଦ୍ରୁତଗାମୀ ନୌସେନା ଜାହାଜ (ଫ୍ରିଗେଟ୍‌ସ), ୮ଟି କ୍ଷେପଣାସ୍ତ୍ର ବିଧ୍ୱଂସକାରୀ ପୋତ (ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର), ୨୪ ଗୋଟି ପଥପ୍ରଦର୍ଶକ କ୍ଷୁଦ୍ର ନୌସେନା ଯୁଦ୍ଧ ଜାହାଜ (କର୍ଭେଟିଜ), ୧୩ଟି ପରମ୍ପରାଗତ ବୁଡ଼ାଜାହାଜ (କନ୍‌ଭେନ୍‌ସନାଲ୍ ସବମେରିନ୍); ଗୋଟିଏ ଆଣବିକ ଆକ୍ରମଣକାରୀ ବୁଡ଼ାଜାହାଜ (ନିଉକ୍ଲିୟର ଅଟାକସନ୍ ମେରିନ୍), ୩୦ ଗୋଟି ତଟ ଜଗୁଆଳୀ ଜାହାଜ (ପାଟ୍ରୋଲ ଭେସେଲ; ୭ଟି ପ୍ରତ୍ୟାକମଣ ନୌଜାହାଜ (ମାଇନ କାଉଣ୍ଟର ମିଜର ଭେସେଲସ୍) ଏବଂ ଆହୁରି ଅନେକ। ତେବେ ଏଠାରେ କେତୋଟି ଉଲ୍ଲେଖନୀୟ ନୌଜାହାଜରେ ଶକ୍ତି ସଂପର୍କରେ ଉପସ୍ଥାପନା କଲୁ।

ଆଇଏନ୍‌ଏସ୍ ବିକ୍ରମାଦିତ୍ୟ : ସମୁଦ୍ରରେ ଚଳନ୍ତା ଅଭେଦଦୁର୍ଗ ଭାବେ ଏହା ବିବେଚିତ। ଏହାର ଲମ୍ବ ୨୮୩.୫ ମିଟର, ଉଚ୍ଚତା ୨୦ ମହଲା, ଓଜନ ୪୪.୫୦୦ ଟନ୍। ଏଥିରେ ଏକ ସମୟରେ ୩୦ଟି ଯୁଦ୍ଧ ବିମାନ ରହିପାରିବେ। ଏହା ଉପରେ ମଧ୍ୟ ୬ଟି କୋମୋଭ-୩୧ ହେଲିକେପ୍ଟର ମୁତୟନ ହୋଇପାରିବ। ବିକ୍ରମାଦିତ୍ୟରେ ୬ ନଳୀ ବିଶିଷ୍ଟ ଏକେ-୬୩୦ ତୋପ, ବିପଜ୍ଜନକ ବରାକ କ୍ଷେପଣାସ୍ତ୍ର ଖଞ୍ଜା ଯାଇଛି। ଏହା ଘଣ୍ଟାକୁ ୫୬ କି.ମି ବେଗରେ ଗତି କରିଥାଏ। ନିଜର ଶକ୍ତିଶାଳୀ ରାଡ଼ାର ବ୍ୟବସ୍ଥା ଯୋଗୁଁ ନିଜ ଚାରିପଟେ ୫୦୦ କି.ମି ଅଂଚଳରେ ଏହା ଆକ୍ରମଣ କରିବାରେ ସକ୍ଷମ। ଏଥିରେ ଏକ ସମୟରେ ୧୬୦୦ରୁ ୧୮୦୦ ଯବାନ ମୁତୟନ ହୋଇପାରିବେ।

ଆଇଏନ୍‌ଏସ୍ ଚକ୍ର ୨ : ପରମାଣୁ କ୍ଷମତାଯୁକ୍ତ ଆଇଏନ୍‌ଏସ୍ ଚକ୍ର-୨ ନୌସେନାର ମାରାତ୍ମକ ଅସ୍ତ୍ର। ଏହି ବୁଡ଼ାଜାହାଜ ୬୦୦ ମିଟର ପର୍ଯ୍ୟନ୍ତ ସମୁଦ୍ର ତଳେ କ୍ରମାଗତ ୩ ମାସ ଯାଏଁ ରହିପାରିବ। ଏଥିରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଖଂଜା ଯାଇଛି।

ଆଇଏନ୍‌ଏସ୍ ଅରହନ୍ତ ବୁଡ଼ାଜାହାଜ : ଏଥିରେ ୧୨ଟି ସ୍ୱଳ୍ପ ଦ୍ରୁତଗାମୀ କେ-୧୫ କ୍ଷେପଣାସ୍ତ୍ର ଓ ୪ଟି ଦୂରଗାମୀ କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ରହିଥାଏ। ଏହା ୭୦୦ କିମିରୁ ନେଇ ୩୫୦୦ କିମି ଯାଏଁ ଆକ୍ରମଣ କରିବାକୁ ସକ୍ଷମ। ପାଣି ଭିତରୁ ପରମାଣୁ ଆକ୍ରମଣ କରିବାକୁ ଏହା ସିଦ୍ଧହସ୍ତ। ୬୦୦୦ ଟନ୍ ଓଜନ ବିଶିଷ୍ଟ ଅରିହନ୍ତ ହେଉଛି ଭାରତର ପରମାଣୁ କ୍ଷମତା ସଂପନ୍ନ ବୁଡ଼ାଜାହାଜ।

ଆଇଏନ୍‌ଏସ୍ ବିକ୍ରାନ୍ତ : ନୌସେନାର ବ୍ୟବହୃତ ଏହା ଏକ ଭୟଙ୍କର ମାରାତ୍ମକ ଅସ୍ତ୍ର ପ୍ରୟୋଗକାରୀ ଯୁଦ୍ଧ ଜାହାଜ। ଶତ୍ରୁପକ୍ଷକୁ ମୁକାବିଲା କରିବାରେ ଏହା ବେଶ୍ ମଜବୁତ୍।

ଇତିମଧ୍ୟରେ ଆଇଏନ୍‌ଏସ୍ କୋମାଭା ଏବଂ ଆଇଏନ୍‌ଏସ୍ 'କଦମାଟ' ଭାରତୀୟ ନୌବାହିନୀରେ ସାମିଲ ହୋଇଛନ୍ତି। ଏଇ ୧୬ ସେପ୍ଟେମ୍ବର ୨୦୧୭ରେ ଆଇଏନ୍‌ଏସ୍ 'କିଲତାନ୍' ମଧ୍ୟ ଭାରତୀୟ ନୌସେନାରେ ଜଳାବତରଣ କରିଛି। ଏହା ସିବାଲିକ୍ ଶ୍ରେଣୀର ଯୁଦ୍ଧ ଜାହାଜ। ଲକ୍ଷାଦ୍ୱୀପ ଓ ମିନିକୟ ଦ୍ୱୀପର ମଧ୍ୟରେ ଥିବା ଏକ କ୍ଷୁଦ୍ର ଦ୍ୱୀପ 'କିଲତାନ' ନାମାନୁସାରେ ଏହା ନାମିତ ହୋଇଛି। ଏହା ଯେ କୌଣସି ବୁଡ଼ାଜାହାଜକୁ ଧ୍ୱଂସ କରିବାରେ ସକ୍ଷମ। ଉପରୋକ୍ତ ସାମର୍ଥ୍ୟ ସୂଚାଇଦିଏ ଯେ ଭାରତ ସମୁଦ୍ରପଟୁ ଯେ କୌଣସି ଆକ୍ରମଣକୁ ସାମ୍‌ନା କରିବାକୁ ପୂର୍ଣ୍ଣ ଦକ୍ଷତା ସହ ସମର୍ଥ।

ଭାରତର ପାକିସ୍ତାନ ସହିତ ୪ ଥର ଯଥାକ୍ରମେ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ ମସିହାରେ ଘମାଘୋଟ ଯୁଦ୍ଧ ସଂଗଠିତ ହୋଇଛି। ତେବେ ନୌସେନା ପାଇଁ ୧୯୭୧ପାକ୍-ଭାରତ ଯୁଦ୍ଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ୪ ଡିସେମ୍ବର ୧୯୭୧ ମସିହାରେ ଭାରତର ନୌବାହିନୀ କରାଚି ବନ୍ଦର ଆକ୍ରମଣ କରି ନିଜର ଜୀବନକୁ ବାଜି ଲଗାଇ ସେଠି ରକ୍ତର ଗଙ୍ଗା ପ୍ରବାହିତ କରାଇଦେଲେ। ଏହା ଏକ ଐତିହାସିକ ବିରଳ ଯୁଦ୍ଧ। ଏଠାରେ ସୂଚାଇଦେବାକୁ ଚାହୁଁ ଯେ କ୍ୟାପ୍‌ଟେନ୍ ମୁଲ୍ଲା ସେତେବେଳେ ଆଇଏନ୍‌ଏସ୍ ଖୁକ୍ରୀର ପୋତାଧୀଶ ଥିଲେ। ଯୁଦ୍ଧବେଳେ ଶତ୍ରୁ ପକ୍ଷର କମାଣରେ ଖୁକ୍ରୀରେ ଅଗ୍ନିସଂଯୋଗ ହେଲା। କ୍ୟାପ୍‌ଟେନ୍ ମୁଲ୍ଲା ସୈନିକମାନଙ୍କୁ ଜୀବନତରୀ ସାହାଯ୍ୟରେ କୂଳକୁ ପଠାଇଦେଇ ଡେକ୍‌ରେ ଜାହାଜ ଓ ନିଜେ ଜଳିବା ଯାଏଁ ସେମିତି ଅପେକ୍ଷା କରିଥିଲେ। ସେତେବେଳେ ସେ ଟାଣୁଥିଲେ ସିଗାରେଟ୍ ଆଉ ମୁଖରୁ ବାହାରୁଥାଏ 'ମେରା ଭାରତ ମହାନ୍'। ତାପରେ ସେ ପାଲଟିଗଲେ ମୁଠାଏ ପାଉଁଶ। ଏ ହେଉଛି ଭାରତୀୟ ୟନୌସେନାର ଜଣେ ସଚ୍ଚାଦେଶପ୍ରେମୀର ଉତ୍ସର୍ଗୀକୃତ ଜୀବନର ଗାଥା।

୧୯୭୧ର ଯୁଦ୍ଧରେ ଭାରତ ବିଜୟୀ ହେଲା। ତେବେ ସ୍ମୃତିରେ ରହିଗଲା ୪ ଡିସେମ୍ବରର ଭାରତୀୟ ନୌସେନାର ଦୁଃସାହସିକ ଯୁଦ୍ଧକଥା। ଏହାକୁ ସ୍ମରଣ କରିବା ପାଇଁ ୪ ଡିସେମ୍ବର ୨୦୧୩ରେ ନୌସେନାର ୪୨ତମ ବାର୍ଷିକ ଉତ୍ସବରେ ଏକ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ସେଦିନର ସହିଦ ନୌସେନାଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା। ଏହାକୁ ସ୍ମୃତି କରିବା ପାଇଁ ଆମେ ପ୍ରତିବର୍ଷ ୪ ଡିସେମ୍ବରରେ ନୌସେନା ଦିବସ ପାଳନ କରୁ। ଏହା ହେଉଛି ସେମାନଙ୍କର ବୀରତ୍ୱ, ଦେଶପ୍ରେମ ଓ ବଳିଦାନ ପାଇଁ ଶ୍ରେଷ୍ଠ ସମ୍ମାନ।

ଭାରତର ପଶ୍ଚିମତଟ ନୌସେନାର ମୁଖ୍ୟ କାର୍ଯ୍ୟାଳୟ ବା ନିୟନ୍ତ୍ରଣ କେନ୍ଦ୍ର ହେଉଛି ବମ୍ବେ ଏବଂ ପୂର୍ବତଟ ନୌସେନାର ନିୟନ୍ତ୍ରଣ କେନ୍ଦ୍ର ହେଉଛି ବିଶାଖାପାଟଣା। ଡିସେମ୍ବର ୪ ଅବସରରେ ସମସ୍ତ ନୌଯୁଦ୍ଧ ଜାହାଜ ଓ ନାବିକମାନେ ଯଥାକ୍ରମେ ସେମାନଙ୍କ ମୁଖ୍ୟ କେନ୍ଦ୍ରରେ ସମବେତ ହୋଇ ଦିବସଟିକୁ ଚମତ୍କାର ଭାବରେ ଉପଭୋଗ କରନ୍ତି। ଯେଉଁମାନେ ନୌସାମରିକ ସମ୍ମାନ ପାଇବାକୁ ହକ୍‌ଦାର, ସେଦିନ ସେମାନଙ୍କୁ ଦିଆଯାଏ। ସେଦିନ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଓ ଶପଥ ଥାଏ : ଏକ ମଜଭୁତ୍ ରାଷ୍ଟ୍ର ପାଇଁ ନିରାପଦ ସମୁଦ୍ର ଓ ତଟଦେଶ ଥାଉ। **(Safe seas & secure coasts for a strong nation)**

ସେଦିନ ନୌସେନା ତରଫରୁ ତା'ର କଳ, ବଳ, ଶକ୍ତି, କୌଶଳ କ୍ରୀଡ଼ା, କଳା,ଦକ୍ଷତା ଓ ସାମର୍ଥ୍ୟକୁ ନେଇ ନାନାପ୍ରକାର କାର୍ଯ୍ୟକ୍ରମ କରିଥାଏ। ସେଗୁଡ଼ିକୁ ଇଂରାଜୀ ଶବ୍ଦରେ ପ୍ରକାଶ କଲେ ତାହା ଏହିପରି : **Wreath laying ceremony is held at the war memorial on the beach followed by the operational demonstrations to show the potential and resourcefulness of the naval submarines, ships, aircraft and unique forces, various air crafts are shown by flying over the beach, and spectators are requested by the authorities to keep the beach litter-free to avoid the gathering of birds which may couse hazards to aircrafts.**

ଏହିଦିନ ନୌସେନାର ଯୁଦ୍ଧ ଜାହାଜ ଏବଂ ଏୟାରକ୍ରାଫ୍‌ଟ ଇତ୍ୟାଦିକୁ ଦର୍ଶନାର୍ଥେ ଦର୍ଶକମାନଙ୍କୁ ବିଶେଷକରି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନିୟନ୍ତ୍ରଣ କରାଯାଇଥାଏ। ତା' ସହିତ ସାମରିକ କାର୍ଯ୍ୟକୁଶଳତାକୁ ନେଇ ଫଟୋ/ଚିତ୍ର ପ୍ରଦର୍ଶନୀ କରାଯାଇଥାଏ। ଏହା ବ୍ୟତୀତ ନୌସେନା କାର୍ଯ୍ୟାଳୟର ଆବାସିକ ବିଦ୍ୟାଳୟରେ ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଥାଏ।

ଭାରତ ତା' ନୌସେନାକୁ ନେଇ ବିଶେଷ ଗର୍ବିତ। ଓଡ଼ିଶାର ଚିଲିକାରେ ଭାରତର ଏକମାତ୍ର ନୌତାଲିମ କେନ୍ଦ୍ର ଅବସ୍ଥିତ ଏବଂ ଏଇଥିପାଇଁ ଚିଲିକା ଓଡ଼ିଶା ବିଶ୍ୱପ୍ରସିଦ୍ଧ; 'ଆଇଏନ୍‌ଏସ୍ ଚିଲିକା ନାଁ'ରେ। ପୁନଶ୍ଚ ଓଡ଼ିଶାର ସୁନାମ ଲାଗି ରମାଦେବୀ ନାମକ ଏକ ରଣତରୀ ଭାରତୀୟ ନୌସେନାରେ ସାମିଲ ହୋଇଛି। ରମାଦେବୀ ହେଉଛନ୍ତି ଜଣେ ପ୍ରଖ୍ୟାତ ଯଶସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ। ଏନେଇ ଓଡ଼ିଶା ନିଜକୁ ଧନ୍ୟ ମନେକରେ। ଜଳସୀମାରେ ସଜାଗ ପ୍ରହରୀ ହୋଇ ଦେଶକୁ ସୁରକ୍ଷା ଦେବାରେ ନୌସେନାର ପ୍ରତିଷ୍ଠା ଦିବସ ପାଳନ ୪ ଡିସେମ୍ବର ୨୦୨୪ ପୁରୀ ଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବଟି ଭାରତ-ପାକିସ୍ତାନ ଯୁଦ୍ଧ ୧୯୭୧ ଡିସେମ୍ବର ୪ ଟ୍ରାଇଡେଣ୍ଟରୁ ଆରମ୍ଭ ହୋଇଛି। ୧୯୪୬ ମସିହା ସ୍ୱାଧୀନତା ସଂଗ୍ରାମରେ ଶେଷ ସଂଗ୍ରାମ ବେଳକୁ ନୌସେନା ଶକ୍ତିର ଯୁବ ଅଭ୍ୟୁଦୟ ଘଟାଇ କିଛି ସୈନ୍ୟଶକ୍ତିର ବଳ ପ୍ରତି ଧକ୍କା ସୃଷ୍ଟି କରିଥିଲା।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ସ୍ମୃତି

### ପ୍ରଶାନ୍ତ ବ୍ରହ୍ମା

ସମୟର ତାଳେ ବୟସ ସରୁଛି
ସରୁନି ମନ ଭାବନା
ଅନେକ ଭାବୁଛି ଆଗ ଭବିଷ୍ୟତ
କେତେଯେ କରି କଳ୍ପନା।

ମନରେ ଭାବୁଛି ଯାଆନ୍ତି ଆଗକୁ
ବୟସ ହେଉନି ସାଥୀ
ଆଗକୁ ଚାହିଁଲେ ବାଟ ଦିଶେ ନାହିଁ
ଦିଶେ ଅନ୍ଧାରିଆ ରାତି।

ଆଖି ବୁଜି ଖୋଲି ଦିନ ରାତି ସରେ
ପଡେ ନାହିଁ କେବେ ଜଣା
କିଶୋରୀ ବୟସ ଗଲାଣି ତ ସରି
ଏବେ ହୁଏ ବାଟ ବଣା।

ଛାଡି ଯିବ ନାହିଁ କେବେ ଏ ସମୟ
ଥିବ ତାର ଏହି ମତି
ଛାଡି ଚାଲିଯିବ ସିନା ଏ ବୟସ
ରଖିବ ପୁରୁଣା ସ୍ମୃତି।

କିଶୋରୀରୁ ଯୁବା, ଯୁବାରୁ ଜରାଯେ
ଏଇମିତି ଲାଗିଥିବ
ବୟସ ସରିବ ଜୀବନର ସ୍ମୃତି
ଯୁଗ ଯୁଗ ରହି ଥିବ।


ପଳାଶପୁର ଖୋର୍ଦ୍ଧା


## ସକାଳ ଗୀତ

### ଜଗଦୀଶ ସାହୁ



ସକାଳ ସୂରୁଜ ପୂରୁବ ଦିଗରୁ
ବୁଣିଦେଲେ ସୁନା ଖରା
ଖରା ଖାଇ ଧାନ କ୍ଷେତ ଚମକିଲା
ଆଖିକୁ ଦିଶିଲା ତୋରା।
ସକାଳ କାକର ଝରି ପଡୁଥିଲା
ହସୁ ଥିଲା ରାଶିକ୍ଷେତ
କ୍ଷେତ ଶୋଭା ଦେଖି ଆନନ୍ଦ
ମନରେ
ଚାଷୀ ଗାଉଥିଲା ଗୀତ।
ସକାଳ ଶୀତଳ ପବନରେ ଦେହ
ପଖାଳି ସୋରିଷ ପାଟ
ପାଟଶାଢ଼ୀ ପିନ୍ଧି ହଳଦୀ ରଙ୍ଗର
କରୁଥିଲା କେତେ ନାଟ।
ସକାଳ ପଖାଳ ପାଟିକୁ ସୁଆଦ
ଥଣ୍ଡା ରଖେ ସିନା ପେଟ
ପେଟ ପାଇଁ ନାଟ କରୁ କରୁ ଦିନେ
ଯମ ସଙ୍ଗେ ହେବା ଭେଟ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୬୬୧୬


## ନୌସେନା ଦିବସ

### ଦୀନବନ୍ଧୁ ପୋଇ



ଜଳ ସ୍ଥଳ ଆଉ ଆକାଶ ବାହିନୀ
ତିନି ବାହିନୀର ସୈନିକ
ସୀମାରେ ରହିକି ପ୍ରହରା ଦିଅନ୍ତି
ଦେଶ ପାଇଁ ସିଏ ଦୈନିକ।
ତିନିବାହିନୀର ମୁଖିଆ ଅଟନ୍ତି
ରାଷ୍ଟ୍ରପତି ଆମ ଦେଶର
ଦେଶବାସୀଙ୍କୁ ସେ ସୁରକ୍ଷା
ଦେବାରେ
ଯିଏକି କରନ୍ତି ବିଚାର।
ଜଳରେ ରହିକି ଜବାବ ଦିଅନ୍ତି
ଆମ ଦେଶ ଜଳବାହିନୀ
ଦେଶ ପାଇଁ ସିଏ ଭୁଲି ପରିବାର
ରଚ଼ନ୍ତି ବହୁତ କାହାଣୀ।
ତାଙ୍କର ଦକ୍ଷତା ଦେଖାଇବା ପାଇଁ
ପୁରୀରେ ହୋଇଛି ବ୍ୟବସ୍ଥା
ଆମ ରାଷ୍ଟ୍ରପତି ସେ ମହାମହିମ
ଦେଖିବେ ନୌସେନା ଅବସ୍ଥା।
ଡିସେମ୍ବର ଚାରି ତାରିଖ ଅଟଇ
ଯେ ଆମ ନୌସେନା ଦିବସ
ଯୁଦ୍ଧ କଉଶଳ ଅତି ଚମତ୍କାର
ଅସୀମ ତାଙ୍କର ସାହସ।
ମନବଳ ତାଙ୍କ ବଢାଇବା ପାଇଁ
ଦେବା ତାଙ୍କୁ ବହୁ ସମ୍ମାନ
ଯାହା ଯାହା ଲୋଡା ତାଙ୍କୁ ସବୁ
ଦେବା
ବଢ଼ିବ ଆମ ଦେଶ ମାନ।
ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ
ଦିଅନ୍ତି ତାଙ୍କର ଜୀବନ
ଉଚିତ ଜବାବ ଦିଅନ୍ତି ସୀମାର
ଫୁଟାଇ ବନ୍ଧୁକ କମାଣ।


ଗୋରଡା ପାଳ
କରମୂଳ, ଢେଙ୍କାନାଳ,
ମୋ: ୯୯୩୮୮୦୨୪୧୨



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୫



ଡ.ସିନ୍ଧୁ ସେନ୍

ପୂର୍ବର ସବୁ ଅହଂକାର ପାଣିଫୋଟକା ଭଳି ମିଳେଇ ଯାଉଥିଲା । ଭାବୁଥିଲି , ଜନକନନ୍ଦିନୀ କ'ଣ ତେବେ ଅନୂଢ଼ା ହୋଇ ରହିଯିବେ ? ମାତ୍ର ଆମ ସମସ୍ତଙ୍କୁ ବିସ୍ମିତ କରି ସଭାରେ ଉପସ୍ଥିତ ହେଲେ ଦୁଇଜଣ ରାଜକୁମାର । ସଂଗରେ ଋଷି ବିଶ୍ୱାମିତ୍ର । ସମସ୍ତେ ତାଙ୍କୁ ଭକ୍ତିଭରା ପ୍ରଣାମ ସହ ସ୍ୱାଗତ କରୁଥାନ୍ତି । ମୋର କିନ୍ତୁ ଆଖି ଲାଗି ରହିଥିଲା । ସେଇ ରାଜକୁମାର ମାନଙ୍କ ଉପରେ । ଆଃ କି ସୁନ୍ଦର ଚେହେରା । କେତେ କୋମଳ, କମନୀୟ ବାହୁ । ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜ୍ୟେଷ୍ଠ ରାମ ଧନୁ ନିକଟକୁ ଆଗେଇଲେ । ସମସ୍ତେ କେବଳ ବିସ୍ଫାରିତ ନେତ୍ରରେ ଅନାଇ ଥାନ୍ତି । ଏମିତି କୋମଳ ବାହୁ ଦୁଇଟିରେ ସେ କ'ଣ ସତରେ ବିଜୟୀ ହେବେ । ମାତ୍ର ଆଶ୍ଚର୍ଯ୍ୟ, ଧନୁଟିକୁ ଗୁଣ ଚଢ଼ାଇବା ପୂର୍ବରୁ ହିଁ ସେ ବାମହାତରେ ଧନୁଟିକୁ ଟେକିଦେଲେ । ଆଉ ଗୁଣ ସଂଯୋଗ ଲାଗି ଚେଷ୍ଟା କରୁଥିବା ସମୟରେ ଧନୁଟି ମଝିରୁ ଦୁଇଖଣ୍ଡ ହୋଇ ଭାଂଗିଗଲା । ସେହି ଧନୁଭଂଗର ଶବ୍ଦରେ କମ୍ପି ଉଠୁଥିଲା ଦିଗ ଦିଗନ୍ତ । ସଭାରେ ଉପସ୍ଥିତ ସମସ୍ତେ ଜୟ ଜୟକାର ଧ୍ୱନି କରି ଏଭଳି ଅସମ୍ଭବ ସାଫଲ୍ୟତା ପାଇଁ ସାଧୁବାଦ ଜଣାଉଥିଲେ ରାମଙ୍କୁ ।

ଆଉ ଯେଉଁ ବୀର ଶିବଧନୁରେ ଗୁଣ ସଂଯୋଗ କରି ପାରିବ ସେହି ବୀରପୁରୁଷଙ୍କ ଗଳାରେ ତାଙ୍କ କନ୍ୟା ସୀତା ବରଣମାଳା ଦେବେ । ତେଣୁ ଉପସ୍ଥିତ ସମସ୍ତ ରାଜନ୍ୟବର୍ଗଙ୍କୁ ନିଜନିଜର ବୀରତ୍ୱର ପରାକ୍ରମ ଦେଖାଇବାକୁ ଜନକ ରାଜାଙ୍କର ଥିଲା ବିନମ୍ର ଅନୁରୋଧ । ତାଙ୍କର କଥା କହିବା ଶୈଳୀ, ଶାଳୀନତା ନମ୍ରତା ମୋତେ ବେଶ୍ ଆକର୍ଷିତ କରୁଥିଲା । ଭାବୁଥିଲି ଜନକରାଜା ବାସ୍ତବରେ ଥିଲେ ଅହଂକାର ଶୂନ୍ୟ । ନ ହେଲେ ଏମିତି ସୁଯୋଗ୍ୟ କନ୍ୟାର ପିତା ଭାବେ ତାଙ୍କର ଗର୍ବରେ ଛାତି ଫୁଲି ଉଠିବା କଥା । ଅଥଚ ସେ କେତେ ନମ୍ର, ଉଦାର । ସ୍ୱତଃ ମୋ ମୁଣ୍ଡ ନଇଁ ଯାଉଥିଲା ତାଙ୍କ ଦର୍ଶନରେ । ସଭାସ୍ଥଳ ବେଶ୍ ସରଗରମ ହୋଇ ଉଠୁଥିଲା । ସମସ୍ତେ ହୁଏତ ମୋରି ପରି ବିଜୟୀ ହେବା ପାଇଁ ଆଶାନ୍ୱିତ ହୋଇ ପଡୁଥିଲେ ।

ଶିବଧନୁରେ ଗୁଣ ଚଢ଼ାଇବା ପାଇଁ ଜଣକ ପରେ ଜଣେ ଧନୁ ନିକଟକୁ ଆସୁଥିଲେ ଆଉ ଲଜ୍ଜାରେ ମୁହଁ ତଳକୁ ପୋତି ଚାଲି ଯାଉଥିଲେ । ଧନୁଟିରେ ଗୁଣ ଚଢ଼ାଇବା ତ ଦୂରର କଥା ଧନୁଟିକୁ ଟେକିବା ପାଇଁ କେହି ଜଣେ ବି ସମର୍ଥ ନଥିଲେ । ସମସ୍ତଙ୍କ ମୁହଁରେ କେହି ଜଣେ ବି ସମର୍ଥ ନଥିଲେ । ସମସ୍ତଙ୍କ ମୁହଁରେ ବିସ୍ମୟର ଛାପ । ଏ କ'ଣ ? କେହି କ'ଣ ବୀର ରାଜା ଏଠାରେ ନାହାଁନ୍ତି । ସମସ୍ତେ ତେବେ କ'ଣ ଦୁର୍ବଳ । ଜନକ ରାଜାଙ୍କ ଏମିତି ସର୍ତ୍ତପୂର୍ଣ୍ଣ ସ୍ୱୟଂମ୍ବରର ଅନ୍ୟ କିଛି ଉଦ୍ଦେଶ୍ୟ ନାହିଁ ତ ? ମୋ ମନରେ ଥିବା ନିଜେ ମଧ କିଛି ବୁଝିପାରୁ ନଥିଲି, ତାଙ୍କୁ ଯେତେଯେତେ ଦେଖୁଥିଲି, ସେତିକି ଆକର୍ଷିତ ହୋଇ ଉଠୁଥିଲି । ମୋତେ ଯେମିତି ଲାଗୁଥିଲା, ରାମଙ୍କ ସହ ମୋର ଯେମିତି କାହିଁ ଯୁଗଯୁଗରୁ ସମ୍ପର୍କ ରହିଛି । ନହେଲେ ତାଙ୍କ ଦର୍ଶନରେ ମୋ ମନରେ ଏତେ ମାୟା ଜାଗୁଛି କାହିଁକି ? ମୋ ମନରେ ରାକ୍ଷସ ପ୍ରବୃତ୍ତି ପରିବର୍ତ୍ତେ ଏକ ଦିବ୍ୟ ଚେତନା ଜାଗି ଉଠୁଛି କ'ଣ ପାଇଁ ? ବାସ୍ତବରେ ଏକ ଦିବ୍ୟ ବିହ୍ୱଳିତ ଭାବମୟ ଆମବା ନେଇ ସତେଯେମିତି ମୁଁ ଦର୍ଶନ କରୁଥିଲି ପରମାତ୍ମାଙ୍କୁ । ମୋତେ ଯେମିତି ଲାଗୁଥିଲା । ମୁଁ ରାକ୍ଷସ ରାବଣ ନୁହେଁ କି ଲଙ୍କାଧିପତି ନୁହେଁ । ମୁଁ ବିଶ୍ରବାନନ୍ଦନ ।ରାମଙ୍କ ଗଳାରେ ବରଣମାଳା ଦେବାପାଇଁ ଆଗେଇ ଆସୁଥିଲେ ଜନକ ନନ୍ଦିନୀ ସୀତା । ତାଙ୍କୁ ଚାହିଁବା ମାତ୍ରେ ମୁଁ ଚମକି ପଡ଼ିଲି । ବାସ୍ତବରେ ମୁଁ କାହାକୁ ଦେଖୁଥିଲି, ସୀତା ନା ବେଦମତୀ । ସେଇ ଏକା ଚେହେରା, ଅନିନ୍ଦ୍ୟା ସୁନ୍ଦରୀ । କିଛି ବୁଝିପାରୁ ନଥିଲି । ଏ କ'ଣ ସ୍ୱପ୍ନ ନା ବାସ୍ତବ ? ମୁଁ ଠିକ୍ ଦେଖୁଛି ତ ? ମୋ ଆଗରେ ଏ ଯେ ସ୍ୱୟଂ ବେଦମତୀ । ମୋ ନିଜ ଆଖିକୁ ମୁଁ ବିଶ୍ୱାସ କରିପାରୁନି । ମୁଁ ରାବଣ ଲଙ୍କାଧିପତି, ଅଥଚ ମୁଁ ଦେଖୁଥିବା ନାରୀଜଣକ ଆଗରେ ଏମିତି ଭୟଭୀତ ହୋଇପଡୁଛି କାହିଁକି ? ମୋର ତ ମତିଭ୍ରମ ହୋଇନି କି ମୁଁ ସଂଜ୍ଞାହୀନ ନୁହେଁ । ମୁଁ ଯାହା ଦେଖୁଛି ତାହାହିଁ କହୁଛି । ଅନ୍ୟମାନେ ତାଙ୍କୁ ସୀତା ରୂପରେ ଦେଖୁଛନ୍ତି ସିନା, ମୋ ଆଗରେ ସେ ଯେ ବେଦମତୀ ରୂପେ ଠିଆ ହୋଇଛନ୍ତି, କ'ଣ ହୋଇପାରେ ? ଏ ସୀତା ତେବେ ବେଦମତୀଙ୍କର ଅବତାର ନୁହଁନ୍ତି ତ ? ମୁଁ ଯାହା ଦେଖୁଛି ଠିକ୍ ଦେଖୁଛି ତ ?

ଅତୀତର ଚିତ୍ର ମୋ ଆଗରେ ଭାସି ଉଠୁଥିଲା । ମୋ ଅନ୍ତର୍ମନକୁ ଚଳଚଞ୍ଚଳ କରି ଦେଉଥିଲା ଅତୀତର ଘଟଣାରାଜି । ସେ ଥିଲା ମୋ ବିବାହ ପୂର୍ବର ଘଟଣା । ମନ୍ଦୋଦରୀ ସେତେବେଳେ ମୋ ଜୀବନକୁ ଆସି ନଥିଲେ । ମୁଁ ଥିଲି ଅବିବାହିତ ଯୁବକ । ଯୁବକ ସୁଲଭ ଉଚ୍ଛୃଙ୍ଖଳତା ମୋତେ ଆନମନା କରି ତୋଳୁଥିଲା । କାମନା ବାସନାର ମଦିରାକୁ ଆକଣ୍ଠ ପାନ କରୁଥିଲି । ମୋ ଇନ୍ଦ୍ରିୟ ମାନଙ୍କ ଗତି ଥିଲା ଅସଂଯତ । ମୁଁ କ'ଣ କରୁଥିଲି, ଯାହା ବି କରୁଥିଲି ତାହା ଠିକ୍ ଥିଲା କି ଭୁଲ୍ ଥିଲା, ତାହା ମଧ ମୋତେ ଜଣା ନଥିଲା । ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରୁ ନଥିଲି । ଏବେବି ମନେପଡ଼େ ସେ ବାସନ୍ତୀ ସନ୍ଧ୍ୟାର ଘଟଣାଟି । ଲଙ୍କାର ରାଜା ହେବାପରେ ମୋର ବୁଲାବୁଲି କରିବା ନିତିଦିନିଆ ଅଭ୍ୟାସ ଥିଲା । ସେ ଜଂଗଲ ହେଉ କି ନଗର ଅବା ଗ୍ରାମ, ଝରଣା ହେଉ କି ନଦୀ । ଘେରାଏ ବୁଲି ନଆସିଲେ ମନବୋଧ ହେଉନଥିଲା । ସେଦିନ ମଧ ଝରଣା କୂଳରେ ପଦଚାରଣ କରୁଥିଲି ଉପଭୋଗ କରୁଥିଲି କଳକଳ, ଛଳଛଳ ଝରଣାର ରୂପମାଧୁରୀକୁ । ଜଳ ମଧ୍ୟରେ କାହାର ପ୍ରତିବିମ୍ବ ଦେଖି ଅଟକିଗଲି ସେଇଠି । ଯାହା ଦେଖିଲି ଚମତ୍କୃତ ହୋଇପଡ଼ିଲି । ବାସ୍ତବରେ କି ସୁନ୍ଦର ଦେବୀପ୍ରତିମାଟିଏ । ସଦ୍ୟ ସ୍ନାନ ସାରି ଓଦା ବସ୍ତ୍ର ପରିଧାନ କରି ଉପରକୁ ଉଠି ଆସୁଥିଲା । ସ୍ନାନରତା ନାରୀଟିର ଯୌବନର ରୂପଶ୍ରୀ ସଂପୂର୍ଣ୍ଣ ଦେଖାଯାଉ ନଥିଲେ ମଧ ଅନାବୃତ ଅଂଶରୁ ସେ ଯେ ଜଣେ ରୂପଶ୍ରୀ ତନ୍ୱୀ ତାହା ବେଶ୍ ବୁଝା ପଡୁଥିଲା । ଆଉ ମୁଁ ମୋର ଯୌବନ ସୁଲଭ ଚପଳତାରେ ତାର ରୂପପସରାକୁ ବିମୁଗ୍ଧ ନୟନରେ ଅନାଇ ରହିଥିଲି । ମନ ମୋର ଆନମନା ହୋଇ ଯାଉଥିଲା । ଭୁଲି ଯାଇଥିଲି ମୁଁ ରାଜା । ମୋ ପାଖରେ ଏପରି ଦୁର୍ବଳତା ଶୋଭନୀୟ ନୁହେଁ । ମାତ୍ର ରାଜା ହେଲେ ବି ମୁଁ ଯେ ଯୁବକ, ପୁଣି ଅବିବାହିତ । ତେଣୁ ସୁନ୍ଦରୀ ନାରୀ ପ୍ରତି ଆକର୍ଷିତ ହେବା କିଛି ଅସମ୍ଭବ ନୁହେଁ । ଲକ୍ଷ୍ୟ କଲି ନାରୀଟିର ମନରେ ଟିକିଏ ମଧ ଭୟ ନଥିଲା । ବରଂ ବିନା ସଂକୋଚରେ ସେ ମୋର ପରିଚୟ ଜାଣିବାକୁ ଚାହିଁଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


# ଯୁକ୍ତି ଆଉ ଅଯଥା ଯୁକ୍ତି

ଦିପ୍ତିମୟୀ ନାୟକ



ପ୍ରତ୍ୟେକଟି କଥାରେ ଯୁକ୍ତି ରହିଛି ଆଉ ପ୍ରତ୍ୟେକଟି କଥାରେ ବି ଅଯଥା ଯୁକ୍ତି ରହିଛି କିନ୍ତୁ ଆଜିର ମଣିଷ ଅଯଥା ଯୁକ୍ତିରେ ଟିକେ ଅଯଥା ମୁଣ୍ଡ ଖେଳାଉଛି । ଯେଉଁ ଯୁକ୍ତି କଲେ ତାକୁ କିଛି ଲାଭ ମିଳିବନି କିନ୍ତୁ ସେ ଜାଣି ଜାଣି ସେହି ଯୁକ୍ତି କରେ । ଆଗରେ ସିନା କହିଦିଏ ଆଜ୍ଞା ଆମେ ମୂର୍ଖ ଲୋକ । ହେଲେ ସେ ତା ଭିତରେ ସେ ନିଜକୁ ମହାନ ଜ୍ଞାନୀ ବୋଲି ମନେ କରୁଥାଏ । ଯେମିତିକି ତା ଯୁକ୍ତିରେ ଅନ୍ୟ ଜଣକ ପଛେ ହାରିଯିବ କିନ୍ତୁ ସେ କେବେ ହାରିବନି । ହେଲେ ଏମିତି ଗାଲୁଆ ଲୋକମାନଙ୍କୁ ଆମେ କଣ କହିବା କେମିତି ଆମେ ଆମକୁ ଠିକ ବୋଲି ପ୍ରମାଣିତ କରିବା । ତେବେ ହଁ ଗାଲୁଆ ଲୋକଙ୍କ କଥାରେ ଆଉ କିଛି ଜଣ ମହାନ ଗାଲୁଆ ଲୋକ ଥାଆନ୍ତି ଯାହାଫଳରେ ସେମାନେ ସେମାନଙ୍କୁ ବହୁତ ସମର୍ଥନ କରୁଥାନ୍ତି । ସେମାନେ ଯାହା ଗାଲୁଆମୀ କରିବେ ଅନ୍ୟମାନେ ତାକୁ ସହମତି କରିବେ । ତେବେ ସବୁ କଥାକୁ ନେଇ ବେସି ଚିନ୍ତା କରିବା କୌଣସି ଆବଶ୍ୟକ ନାହିଁ । ଯଦି ଆପଣ ଠିକ ତେବେ କାହାକୁ ପ୍ରମାଣ ଦେବା ଦରକାର ନାହିଁ । କି ଚୁପ ରହିବା ଦରକାର ନାହିଁ କାରଣ ଯଦି ତୁମେ ଚୁପ ରହିବ ଏମାନେ ତମକୁ ତାଙ୍କ ଗାଲୁଆମୀରେ ଗିଳି ଦେ଼ବେ ।

ଆଜିର ଦିନରେ ନିଜକୁ ଉଚ୍ଚଶିକ୍ଷିତ କହି ବୁଲାଉଥିବା ମଣିଷ ସୋସିଆଲ ମିଡ଼ିଆ ମାଧ୍ୟମରେ ବହୁତ ବଢିଆ ଆଉ ଲମ୍ବା ଲମ୍ବା ଭାଷଣ ଦିଅନ୍ତି । ଆଉ ବେଳେବେଳେ ଝଗଡା ମଧ ହୁଅନ୍ତି । ଆଉ କିଛି ଶକୁନି ଦଳ ଏଥିରେ ଖୁବ ଭଲ ଭାବରେ ମଜା ନିଅନ୍ତି କାରଣ ସେମାନଙ୍କୁ ବି ଗୋଟେ ଗୋଟେ ମଜେଦାର ପୋଷ୍ଟ ମିଳିଯାଉଛି ଅଯଥା ଯୁକ୍ତି କରିବାକୁ । ଯଦି ଅଯଥା ଯୁକ୍ତି କରିବାର ଅଛି ମିମ୍ସ ଗୁଡାକ ଆସୁଛି ସେଥିରେ ଥଟ୍ଟା ମଜା ଲାଗି ଅଯଥା ଯୁକ୍ତି କରୁନ କିଏ ମନା କରୁଛି । ତେବେ ଏମାନଙ୍କୁ ଗୋଟିଏ କଥା ଯେଉଁଠି ଯୁକ୍ତି କରିବାର କଥା ସେଠି କିଛି ଯୁକ୍ତି କରିବେନି କିନ୍ତୁ ଯେଉଁଠି ଯୁକ୍ତି ନ କରିବା କଥା କେବଳ ନିଜର ମତ ରଖିବା କଥା ସେଠି ଖାଲି ଏମାନେ ଅଯଥା ଯୁକ୍ତି କରିବେ । ଯେମିତି କୁହନ୍ତିନି ଯେଉଁଠି ଯୁକ୍ତି କରିବା କଥା ସେଠି କିଛି ନାହିଁ ଅଯଥା ଯୁକ୍ତିରେ ମୁଣ୍ଡକୁ ବୁଦ୍ଧି ଆସୁଥାଏ ଧାଇଁ ଧାଇଁ ।

ତେବେ କେହି କେହି କହିବେ ଯୁକ୍ତି ଆଉ ଅଯଥା ଯୁକ୍ତି କେବଳ ସୋସିଆଲ ମିଡିଆରେ ହେଉଛି କି । ତେବେ ଶୁଣନ୍ତୁ ଯୁକ୍ତି କରିବାର ଅଛି ତ ଯୁକ୍ତିଯୁକ୍ତ ପ୍ରସଙ୍ଗକୁ ନେଇ ଆଲୋଚନା କରନ୍ତୁ କିନ୍ତୁ ଅଯଥା ଯୁକ୍ତିକୁ ନେଇ ଏତେ ଆଲୋଚନା ନ କରନ୍ତୁ । ଯୁକ୍ତି ଆଉ ଅଯଥା ଯୁକ୍ତି ସବୁଠି ହୁଏ କିନ୍ତୁ ଆଜିର ଦିନରେ ଅଯଥା ଯୁକ୍ତି ଜିତିଯାଏ ଆଉ ଯୁକ୍ତିଯୁକ୍ତ ପ୍ରସଙ୍ଗଟି ଲୁଚିଯାଏ । କେବଳ ସୋସିଆଲ ମିଡ଼ିଆ ମାଧ୍ୟମରେ ନୁହେଁ ଘରେ, ବାହାରେ, ଅଫିସରେ, ବିଭିନ୍ନ କର୍ମ ସଂସ୍ଥାନରେ, ସାଙ୍ଗସାଥି ମଧ୍ୟରେ, ଗୁରୁଜନଙ୍କ ସହ, ପାରିବାରିବ ବିବାଦରେ, ଦେଶ ବିଦେଶ ଖବର ଜାଣିବାରେ ସବୁଥିରେ ଯୁକ୍ତି ଥାଏ କିନ୍ତୁ ସେ ଯୁକ୍ତିଟା ସେତେ ପ୍ରଭାବ ପକାଏନି । ଆଉ ଯେତେବେଳେ ସୋସିଆଲ ମିଡ଼ିଆ ମାଧ୍ୟମରେ ଯୁକ୍ତିଟା ଦିନକୁ ଦିନ ବଢ଼ି ଚାଲେ ସେତେବେଳେ ସେ ଯୁକ୍ତି ଗୁଡାକ କିଛି ଦିନ ପରେ ଅଯଥା ଯୁକ୍ତି ପରି ଲାଗେ । ଆଉ ଲୋକମାନେ ମଧ କୁହନ୍ତି । ହେଟ୍ କଣ ମିଳୁଛି ଏଥିରୁ ଆଉ କିଛି ଲୋକ ତ ଅଯଥା ଯୁକ୍ତି ଏମିତି କରନ୍ତି ନିଜ ନିଜ ମଧ୍ୟରେ ସତେଯେମିତି ସେମାନେ ଅତ୍ୟଧିକ ରାଗି ଯାଇ ଭୁଲରେ ଅଭଦ୍ର ଅସଭ୍ୟ ଭାଷା ମଧ କହିଦିଅନ୍ତି ଯେଉଁଟା ଶୁଣିଲେ ବହୁତ ଖରାପ ଲାଗେ । କାରଣ ଏମାନେ ଯେତେବେଳେ ନିଜ ଅଯଥା ଯୁକ୍ତିରୁ ହାରି ଯାଆନ୍ତି ସେତେବେଳେ ଏମାନେ ଏମିତି ନିଜ ଅସଲ ରୂପ ଦେଖାନ୍ତି କାଳେ ଏମାନଙ୍କ ଏହି ଅଭାଦ୍ରାମୀ ଦେଖି ଅନ୍ୟ ଜଣକ ତା କଥାରୁ ଓହରି ଯିବ । ତେବେ ହଁ ଯେଉଁଟା ସତ ସେଟା ସତ ତେଣୁ ସତଟାକୁ ଯିଏ ଯେତେ ଲୁଚେଇବାକୁ ଚାହିଁବ ସେ ସତ ଆପେ ଆପେ ଦିନେ ନା ଦିନେ ସର୍ବସାମ୍ମୁଖରେ ଆସିବ । ତେବେ ଏତେ ବ୍ୟସ୍ତ କାହିଁକି ନିଜ ନିଜ ଭିତରେ ଏତେ ଅଯଥା ଯୁକ୍ତି କାହିଁକି । ସମୟକୁ ଅପେକ୍ଷା କଲେ କିଛି ମିଳେନି ବରଂ ଯେପର୍ଯ୍ୟନ୍ତ ନିଜ ପାଖରେ ସମୟ ଅଛି ଅସଲ ସତଟା କଣ ଜାଣିବାକୁ ଚେଷ୍ଟା କରନ୍ତୁ । ସମସ୍ତେ ଜ୍ଞାନୀ ତେଣୁ କାହାକୁ ଅଜ୍ଞାନୀ ଭାବି ନିଜ କଥାକୁ ଅନ୍ୟ ଜଣକୁ ମାନି ନେବାକୁ କେବେ ବାଧ କରାନ୍ତୁନି । କାରଣ ଆଜିର ମଣିଷ ବାସ୍ତବ ସତ ଆଉ ଅବାସ୍ତବ ମିଛ ଭିତରେ କିଛିଟା ଫରକ ଦେଖିପାରେ ଆଉ ତାକୁ ବିରୋଧ ମଧ କରିପାରେ । ଯେଉଁଠି ସତ କହି ମଣିଷକୁ ଦୋଷୀ ହେବାକୁ ଅପନିନ୍ଦା ସହିବାକୁ ପଡେ ସେତେବେଳେ ଦୁଃଖ ନିଶ୍ଚୟ ଲାଗେ ତେବେ ଏଥିରେ ଦୁଃଖୀ ହେବାର କୌଣସି କଥା ନାହିଁ । ସବୁବେଳେ ନିଜକୁ ସେହିଭଳି ତିଆରି କରନ୍ତୁ ଯେଉଁଭଳି ତୁମକୁ ଅନ୍ୟମାନେ ଦେଖିବାକୁ ଚାହୁଁଛନ୍ତି । ଆଜିକାଲି ନିଜ ହିସାବରେ ନିଜେ ରହିଲେ କିଛି ହୁଏନି । ବେଳେବେଳେ ଅନ୍ୟ ମାନଙ୍କ ହିସାବରେ ମଧ ଚଳିବାକୁ ପଡେ । ତେବେ ତୁମେ ନିଜକୁ ଏମିତି ଗଢ଼ ଯେମିତି ତୁମ ସହ ଯିଏ ଅଯଥା ଯୁକ୍ତି କରିବାକୁ ଆସିବ ଦଶ ଥର ଭାବିବ ।

ତେଣୁ ଆପଣଙ୍କ ସହ ଯଦି କେହି କେବେ ଅଯଥା ଯୁକ୍ତି କରୁଛନ୍ତି ତେବେ ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ଅଯଥା ଯୁକ୍ତିଟା କେବେ କାହା ସହ କରନ୍ତୁନି । ପ୍ରତ୍ୟେକ ଲୋକ ନିଜ ଶାଳୀନତା ଭିତରେ ଯୁକ୍ତି କରିବା କଥା ଆଉ ଯିଏ ନିଜ ଶାଳୀନତା ଭୁଲିଯାଏ ସେ ଅଶ୍ଳୀଳ କଥା କହି ନିଜ କଥାକୁ ଠିକ ବୋଲି ପ୍ରମାଣିତ କରିବାକୁ ଚାହୁଁଥାଏ । ଅଂଜ୍ଞ ହୋଇ ବିଜ୍ଞଙ୍କ ଭଳି କଥା କହିଲେ କିଛି ହୁଏନି ବରଂ ଅଂଜ୍ଞ ବିଜ୍ଞଙ୍କ ଠାରୁ ଶିଖନ୍ତି ଆଉ ବିଜ୍ଞ ଅଂଜ୍ଞଙ୍କର ଠାରୁ ଶିଖନ୍ତି । ପ୍ରତ୍ୟେକ ସମୟରେ ନିଜ କଥା କହିବାର ଶୈଳୀଙ୍କୁ ଆକର୍ଷିତ କଲାଭଳି ରଖନ୍ତୁ ଅଯଥା ଯୁକ୍ତି ଠାରୁ ଦୂରେଇ ରୁହନ୍ତୁ କାରଣ ଏହି ଅଯଥା ଯୁକ୍ତିରେ ସମ୍ମାନ ଯାଏ ଆଉ ଭଲରେ ଭଲ ଯୁକ୍ତି କଲେ ଲୋକଙ୍କ ନଜର ଲୋକଙ୍କ ଉପରେ ଥାଏ ।


ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୭୦ ॥

ପ୍ରସ୍ଫୁଟିତ ଶ୍ୱେତପଦ୍ମ ସଦୃଶ ଅତୀବ କମନୀୟ ତାଙ୍କର ଆନନଶ୍ରୀ। ବିମଳ, ପ୍ରଶାନ୍ତ ଓ ମଧୁପୂର୍ଣ୍ଣ। ଯୋଗ ବଳରେ ଜ୍ୟୋତିର୍ମୟୀ, ତେଜ ଭରା, ଦୀର୍ଘ ଅଙ୍ଗ, ପ୍ରତ୍ୟେଙ୍ଗ। ତାଙ୍କର ନୟନ କୋଣରେ ଯେ ପରି ସମଗ୍ର ବିଶ୍ୱ ପାଇଁ ପ୍ରେମ, ମମତା, ଦୟା ଓ କରୁଣାର ତରଙ୍ଗ ଉଠୁଛି। ବିଦ୍ୟୁତ୍ ପରି କର୍ମଚଞ୍ଚଳ। ସୋମୁଖ ଓ କର୍ଣ୍ଣରେ ଖୁବ ସୀମିତ ଅଥଚ ରୁଚି ପୂର୍ଣ୍ଣ ସ୍ୱର୍ଣ୍ଣ ଅଳଙ୍କାର। ମସ୍ତକ ତଥା ମୁଖମଣ୍ଡଳର ଅର୍ଦ୍ଧେକ ସହ ଉନ୍ନତ ଦୁଇ ବକ୍ଷୋଜକୁ ଢାଙ୍କି ରଖିଥିଲା ଶୁଭ୍ରଳତି ଶୁଭ୍ର କାର୍ପାସର ଦୁଇ ଅଧିବାସ। (ଯଦିବା ସେହି ସମୟରେ ନାରୀମାନେ ଦେହର ଉପର ଅଂଶ ଅନାବୃତ୍ତ ରଖୁଥିଲେ ଅବା ଅଳଙ୍କାରରେ ଆଚ୍ଛାଦନ କରୁଥିଲେ।) କଟି ଦେଶରେ ଶ୍ୱେତ ଧଡ଼ି ବିମଣ୍ଡିତ କାର୍ପାସ୍ ବସ୍ତ୍ର ପାଦ ପର୍ଯ୍ୟନ୍ତ ସମଗ୍ର ଅବୟବକୁ ଆଚ୍ଛାଦିତ କରୁଥିଲା।

ମସ୍ତକରେ ଓଢଣା। କପାଳରେ କ୍ଷୁଦ୍ର ଗେରୁଶିଳାର ବିନ୍ଦୁ। ତାଙ୍କର ଅଧରରେ ପରି ତୃପ୍ତ ସ୍ମିତ ରେଖା ଦୁଇ କରବୀ ପାଖୁଡା ପରି ଅଧରରେ ଉଙ୍କିମାରି ସତେ ଯେପରି ଦୁଃଖ, ବିଷାଦ ଓ ଯନ୍ତ୍ରଣା ସବୁ ଦୂରୀଭୂତ କରି ଦେଉଥିଲା। ଆଜି ପର୍ଯ୍ୟନ୍ତ କଶ୍ୟପଙ୍କ ମନ, ଆତ୍ମା ଓ ହୃଦୟକୁ ଅଧିକାର କରିଥିଲେ କେବଳ ଜଣେ ନାରୀ। ସେ ତାଙ୍କର ମା କଳା। ଏବେ ଅବସାଦ ହୋଇ ବସିଥିବା ବେଳେ ମନେହୁଏ ତାଙ୍କ ମନ ଭିତରୁ, ଚିତ୍ତ ମଧ୍ୟରୁ, ତାଙ୍କର ଅର୍ଦ୍ଧାଙ୍ଗରୁ, ଆତ୍ମା ମଧ୍ୟରୁ ଠିକ୍ ତାଙ୍କ ମାଆ କଳାଙ୍କ ପରି ସେ କେଉଁଠୁ ଲୀଳାୟିତ ମୃଦୁ ପଦ କ୍ଷେପରେ ଆସି ତାଙ୍କ ନିକଟରେ ଉଭା ହୋଇ ଯାଆନ୍ତି ଅଦିତି। ତାଙ୍କୁ ସ୍ୱର୍ଶ କରନ୍ତି। ତାଙ୍କ କରତାଳର ସ୍ୱର୍ଶରେ ସତେ ଯେପରି ମୃତ ଦେହ ଜୀବନ୍ୟାସ ପାଇଯାଏ। ଅଥଚ ତାଙ୍କ ମନରେ ଅଦିତିଙ୍କ ପାଇଁ ସେହି ଇତର ପ୍ରାଣୀ ମାନଙ୍କ ପରି କାମନା ସୃଷ୍ଟି ହୁଏ ନାହିଁ। ବରଂ ଠିକ୍ ନିଜ ମା'ଙ୍କ ପରି ତାଙ୍କ ଚକ୍ଷୁକୁ ଚାହିଁ ସେ ସମ୍ମାନରେ ଆନତ ହୋଇଯାନ୍ତି। ବାକ ସ୍ଫୁର୍ତ୍ତି ହୁଏ ନାହିଁ କଶ୍ୟପଙ୍କର। ସେହି ନୀରବତା ମଧ୍ୟରେ ସେ ତାଙ୍କ କେଶରେ ଆଙ୍ଗୁଳି ସଞ୍ଚାଳନ କରନ୍ତି। ବ୍ୟଜନରେ ବିଞ୍ଚିଦିଅନ୍ତି। ବିତିଯାଏ କେବଳ ନୀରବତାର ସମୟ।

ସମ୍ପୂର୍ଣ୍ଣ ପ୍ରଭାତରୁ ଉଠନ୍ତି କଶ୍ୟପ। ନର୍ମଦା (ସେହି ଅଞ୍ଚଳ ରେ ହିଁ ପ୍ରଜାପତିର କାର୍ଯ୍ୟ କରୁଥିଲେ କଶ୍ୟପ।) ତଟର ନିର୍ମଳ ଜଳରେ ସ୍ନାନ ସାରି ତଟକୁ ଉଠି ଆସି ବା ବେଳକୁ ପୂର୍ବାକାଶରେ ସିନ୍ଦୁରା ଫାଟୁଥାଏ। ଦିଗ ବଳୟରୁ ଉଠି ଆସୁଥାନ୍ତି ଲୋହିତ ବାଳ ସୂର୍ଯ୍ୟ । କଶ୍ୟପ ସମସ୍ତ ଦୂଷଣ ମାନଙ୍କୁ ବିନାଶ କରିବାକୁ ଅଞ୍ଜଳିରେ ଜଳ ଭର୍ତ୍ତି କରି ଉଚ୍ଚାରଣ କରନ୍ତି ମନ୍ତ୍ର।

' ଜବା କୁସୁମ ସକାଶଂ କାଶ୍ୟପେୟଂ ମହା ଦ୍ୟୁତି........ ( ଏହି କଶ୍ୟପ ଏବଂ ଅଦିତି ଦିବ୍ୟ ଜ୍ୟୋତି ହିଁ ଆଦିତ୍ୟ(ଦଶ, ବାର ବା ଏକାଧିକ ତାରକାରୁ ସୃଷ୍ଟି) ବା ସୁବର୍ଣ୍ଣ ଅଣ୍ଡରେ ବିସ୍ଫୋରଣ ଘଟାଇ ଥିଲା ଓ ସୂର୍ଯ୍ୟ ସୃଷ୍ଟି ହୋଇଥିଲେ। ପରେ ପୃଥିବୀର ସମସ୍ତ ଜୀବ, ଜନ୍ତୁଙ୍କୁ ଗର୍ଭରେ ଧରି କଶ୍ୟପ ପୃଥିବୀକୁ ଜୀବକୋଷ ରୂପରେ ଆସିଥିଲେ। ଅନ୍ତର୍ବିଜ୍ଞାନରେ ଏମାନଙ୍କର ସ୍ୱରୂପ ଭିନ୍ନ ଓ ଚେତନଶୀଳ ଥିଲା) ।

ଠିକ ସେତିକିବେଳେ ସେ ଦେଖନ୍ତି ତଟିନୀର ନିକଟ ପାର୍ଶ୍ୱ ତଟରେ, ଆର୍ଦ୍ରବସ୍ତ୍ରରେ ସେ ମଧ ମନ୍ତ୍ର ଉଚ୍ଚାରଣ କରୁଥାନ୍ତି ,'ଜବା କୁସୁମ ସକାଶମ୍ କଶ୍ୟପେୟମ ମହାଦ୍ୟୁତି ....। କଶ୍ୟପ ଆର୍ଦ୍ରବସ୍ତ୍ରରେ ଦଣ୍ଡାୟମାନ ରହି ତାଙ୍କୁ ନିରୀକ୍ଷଣ କରନ୍ତି। ମନେ ମନେ ଚିନ୍ତା କରନ୍ତି, 'ତୁମେହିଁ କେବଳ ଏହି କଶ୍ୟପଙ୍କୁ ଦଶ ଆଦିତ୍ୟ ଏବଂ ସୁର ବା ଦେବତାମାନଙ୍କୁ ଜନ୍ମ ଦେବାରେ ସହାୟତା କରି ପାରିବ ଦେବୀ।'

ଆଗରୁ ଭୁର୍ଜପତ୍ର ଓ କାଇଁଚର ଭୋଗେଇରେ ସେ ବନରୁ ନାନା ପ୍ରକାର ସୁଗନ୍ଧିତ କୁସୁମ ତୋଳିଆଣି ପୂର୍ଣ୍ଣ କରିଥାନ୍ତି। ଚମ୍ପା, ସୁଗନ୍ଧ ରାଜ, ମାଳତୀ, ଚମେଲୀ , କନିଅର ସହ ରକ୍ତ,ପଦ୍ମକୁ ହସ୍ତରେ ତୋଳି ସେ ସୂର୍ଯ୍ୟ ଓ ବିଷ୍ଣୁଙ୍କ ବନ୍ଦନା କରନ୍ତି। ବନ୍ଦନା ପରେ ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ବାରମ୍ବାର କୃତାଞ୍ଜଳି ପୁଟରେ ନତମସ୍ତକ ହୋଇ ଗାଇଉଠନ୍ତି,

'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସ୍ୟନ୍ତୁ ନିରାମୟା....

ଆର୍ଯ୍ୟ କଶ୍ୟପ ପୁଲକିତ ହୁଅନ୍ତି। ତାଙ୍କ ହୃଦୟ ମଧ୍ୟରୁ ବୈଜ୍ଞାନିକର ସତ୍ତାଟି ଦୂରକୁ ପଳାଇ ଯାଏ ଓ ପ୍ରେମର ସତ୍ତାଟି ଅନୁଭବ ହୁଏ। ନିଜେ ସେ ଜଣେ ପ୍ରଜାପତି। ପ୍ରଜାମାନଙ୍କର ମଙ୍ଗଳ କାମନା ତାଙ୍କର ପ୍ରଭାତର ପ୍ରଥମ କାର୍ଯ୍ୟ। ତାଙ୍କର ଧର୍ମ ପତ୍ନୀ ରୂପେ ସେ ଅଦିତିଙ୍କଠାରୁ ଏହାହିଁତ ଆଶା କରୁଥିଲେ ! ସେହି ରୂପବତୀ କୁମାରୀ ପୂର୍ଣ୍ଣତଃ କଶ୍ୟପଙ୍କର ମାନସ ଅନୁରୂପ ଥିଲେ। ସେତାଙ୍କ ହୃଦୟ ସାମ୍ରାଜ୍ୟର ଏକ ମାତ୍ର ସାମ୍ରାଜ୍ଞି ଥିଲେ। ସେତେବେଳେ ମଧ କଶ୍ୟପଙ୍କର ତାଙ୍କ ସହିତ କିଛି ବାର୍ତ୍ତାଳାପ କରି ବାର ଇଚ୍ଛା ଜାଗ୍ରତ ହେଉଥିଲା। କିନ୍ତୁ ପ୍ରଥମେ ପ୍ରଜା ମାନଙ୍କ ପ୍ରତି ଥିବା କର୍ତ୍ତ୍ୟବ ଶେଷନକଲେ ସେ ପତ୍ନୀ ସଙ୍ଗ ନକରିବା ପାଇଁ ପ୍ରତିଜ୍ଞା କରିଥିଲେ। ସେପରି ସୁଯୋଗ ମଧ ତାଙ୍କୁ କେବେ ଦେଉ ନଥିଲେ ଅଦିତି।

ଏହାପରେ ସାରା ଦିବସ ସେ ନିଜକୁ କର୍ମ ଚଂଚଳ କରି ରଖୁଥିଲେ। ତାଙ୍କ ଭବନ ମଧ୍ୟରେ ଲକ୍ଷାଧିକ ପ୍ରାଣୀ ମାନଙ୍କର ବସତି ଥିଲା। ସେମାନଙ୍କ ପାଇଁ ବିଶାଳ ଜଳା ଶୟ, ଗୋଶାଳା, ଅଶ୍ୱ ଶାଳା, ସରମାଶାଳା, ପକ୍ଷୀ ମାନଙ୍କର ପଞ୍ଜୁରୀ, ସର୍ପ ହୁଙ୍କା ମାନ ନିର୍ମାଣ କରାଯାଇଥିଲା। ପ୍ରଭାତରୁ ସ୍ନାନ ସାରିବା ପରଠାରୁ ସେସବୁ ପରିଷ୍କାର ପରିଛନ୍ନ କରିବା, ଅନ୍ୟ ଋଷି ପତ୍ନୀଙ୍କ ସହ ନର୍ମଦା ନଦୀରୁ ଘଟରେ ଜଳ ଆଣି ପୂର୍ଣ୍ଣ କରିବା, ପ୍ରାଣୀମାନଙ୍କୁ ଚାରଣ ଭୂମିକୁ ଛାଡିବା, ପୁଣି ରାତ୍ରି ଭୋଜନ ପାଇଁ ସେମାନଙ୍କର ବିଭିନ୍ ଖାଦ୍ୟର ଆୟୋଜନ କରିବା, ବନାନୀ ମଧ୍ୟରୁ ସମିଧ ଓ ଫଳ ମୂଳ ସଂଗ୍ରହ କରିବା, ପୁଣି ବିଶାଳ ଉଦ୍ଭିଦ ଉଦ୍ୟାନରେ ଜଳ ଦେବା, ସାର ପ୍ରସ୍ତୁତ କରିବା, ପୋକ ମାରିବା, ତଳି ପକାଇବା, ରଞ୍ଜଦେବା, ମଞ୍ଜି ସଂଗ୍ରହ କରିବା ଆଦି କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ ହୋଇଛି କି ନାହିଁ ତାହା ତଦାରଖ କରିବାରେ ବ୍ୟସ୍ତ ରହୁଥିଲେ। ଏହା ବ୍ୟତୀତ ଶସ୍ୟ କ୍ଷେତ୍ରରେ ନୂତନ ଭାବେ ଗଢି ଉଠିଥିବା ଦିଗନ୍ତ ବିସ୍ତୃତ ପଚ୍ଚାଳି ମାନଙ୍କରେ ବିଭିନ୍ନ ପ୍ରକାର ଧାନ, ଯବ, ରବି, ଇକ୍ଷୁ , କାର୍ପାସ ଆଦି କ୍ଷେତରେ ଭୂମି କର୍ଷଣ, ଜଳ ସେଚନ, ବୀଜ ଓ ତଳି ରୋପଣ, ଶସ୍ୟ କର୍ତ୍ତନ, ଉତ୍ପାଦନ ତଥା ସଯତ୍ନରେ ଶସ୍ୟ ସଂରକ୍ଷଣ କାର୍ଯ୍ୟରେ ବର୍ଷ ତମାମ ତାଙ୍କୁ ପ୍ରଜାମାନଙ୍କୁ ସହାୟତା କରିବାକୁ ହେଉଥିଲା। କୌଣସି ମତେ ଆସନ୍ତା ପ୍ରଳୟ ପୂର୍ବରୁ ବନ୍ୟା ବିପନ୍ନ ପ୍ରଜାଙ୍କ ପାଇଁ କିଛି ଖାଦ୍ୟ ସଂରକ୍ଷଣ କରିବା ଯେ ତାଙ୍କର କର୍ତ୍ତବ୍ୟ। ତାଙ୍କର ସେହି ଚଳ ଚଞ୍ଚଳ କାର୍ଯ୍ୟ ବ୍ୟସ୍ତତା କଶ୍ୟପଙ୍କ ମନରେ ନୂତନ କର୍ମର ପ୍ରେରଣା ସୃଷ୍ଟି କରୁଥିଲା। ଏହାପରେ ସେ ରନ୍ଧନ କାର୍ଯ୍ୟ ରେ ବ୍ୟସ୍ତ ରହୁଥିଲେ। ନିଜର ସହାୟତା ପାଇଁ ସେ ପ୍ରାୟ କୌଣସି ଦାସ, ଦାସୀର ସାହାଯ୍ୟ ନେଉ ନଥିଲେ। ଏହାପରେ ସେ ସେହି ଲିପା ପୋଛା, ଆଶ୍ରମର ଅଙ୍ଗନରେ ମୂରୂଜ ପଥରର ଝୋଟି ମାନ ଆଙ୍କୁଥିଲେ। ରନ୍ଧନ ପରେ ସେହି ବିଶାଳ କଶ୍ୟପ ପରିବାରର ମରିଚୀ, କଳା, ଉର୍ଣ୍ଣ। ଆଦି ନିଜ ଗୁରୁଜନ ମାନଙ୍କୁ ସେ ଅତି ଯତ୍ନରେ ଭୋଜନ ପରଷି ଦେଉଥିଲେ। ତାହାପରେ ସେ କଶ୍ୟପଙ୍କୁ ଭୋଜନ କରାଉଥିଲେ। ପରମ ଆନନ୍ଦରେ ଭୋଜନ କରୁଥିଲେ କଶ୍ୟପ। ସେ ରନ୍ଧନ କରି ଥିବା ଘୃତାନ୍ନର ସ୍ୱାଦ, ବ୍ୟଞ୍ଜନର ସ୍ୱାଦ ଠିକ୍ ତାଙ୍କର ମା କଳାଙ୍କ ରନ୍ଧନ ପରି ରୁଚିକର ଥିଲା । ତାଙ୍କର ଅନ୍ୟ ପତ୍ନୀମାନେ କେହି ସେତେବେଳେ ତାଙ୍କ ନିକଟରେ ଉପସ୍ଥିତ ରହିନଥିଲେ।

ଏହାପରେ ସେ କନିଷ୍ଠ, ପରିଜନ ଓ ଦାସ, ଦାସୀମାନଙ୍କ ଭୋଜନ ବିଷୟରେ ମଧ ଅବହେଳା କରୁନଥିଲେ। ସେତେବେଳେ ତାଙ୍କର ଅନ୍ୟ ପତ୍ନୀ ମାନେ କଣ କରୁଥିଲେ ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଜିଲ୍ଲାରେ ଶିଳ୍ପ ସଂଖ୍ୟା ୫ ହଜାରରୁ ଅଧିକ: ହେଲେ ଡିଆଇସି ଅଫିସରେ କର୍ମଚାରୀ ଅଧିକାରୀ ସଂଖ୍ୟା ୨୮ ଜାଗାରେ ୭

ରାଉରକେଲା, ୦୪/୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା, ଏକଦା ଶିଳ୍ପ ଲାଗି ଅନେକ ସୁନାମ ଅର୍ଜନ କରିଛି, ଷ୍ଟିଲ ସିଟି ଭାବେ ପରିଚିତ, ହେଲେ ଏଠାରେ ଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ଡିଆଇସି ଅଫିସ ଏକ ପ୍ରକାର ଖାଲି ପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଜିଲ୍ଲାରେ ଶିଳ୍ପ ସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ ହୋଇଥିଲେ ବି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ ଜାଗାରେ ୭ ରହିଛି। ଏହି ଅଫିସ ଦ୍ୱାରା ବ୍ଲକ ସହରରେ ଥିବା କଳକାରଖାନା ଗୁଡିକ ସରକାରୀ ସହାୟତା ପାଇବା ସହ ନିୟନ୍ତ୍ରଣ ମଧ୍ୟ ହୋଇଥାନ୍ତି, ଆଗରୁ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପ ଥିଲା, ଏବେ ରାଜ୍ୟ ଓ କେନ୍ଦ୍ର ସରକାର ବର୍ତ୍ତମାନ ଅନେକ ଯୋଜନା କରୁଛନ୍ତି ଫଳରେ ଏହି ଅଫିସ ଉପରେ ଯୁବକ ଯୁବତୀ ଅଧିକ ନିର୍ଭର କରିଥାନ୍ତି ହେଲେ ସେମାନଙ୍କୁ ସାହାଯ୍ୟ କରିବା ସଂଖ୍ୟା କର୍ମଚାରୀ ଅଧିକାରୀଙ୍କ ସଂଖ୍ୟା ଏଇଆ. ଖବରରୁ ଜଣାପଡିଛି ଯେ, ଏହି ଅଫିସ ର ସରକାରୀ ଭାବେ କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ରହିବା କଥା, ହେଲେ ବିଗତ ବର୍ଷ ଗୁଡିକରେ ଅବସର ହୋଇ ୨୧ ପଦବୀ ଖାଲି ପଡିଛି। ଏଠାରେ ଜେନେରାଲ ମ୍ୟାନେଜର ଠାରୁ ଆରମ୍ଭ କରି ଜୁନିଅର ଷ୍ଟେନୋ, ସିନିଅର ଷ୍ଟେନୋ, ସିନିଅର ଷ୍ଟେନୋ ଡେପୁଟି ମ୍ୟାନେଜର ସମେତ ୫ ଏଆଇଓ ପଦବୀ ସମେତ ୨୧ ପଦବୀ ଖାଲି ପଡିଛି। ରାଉରକେଲା ସମେତ ଜିଲ୍ଲାରେ ଅନେକ ବିଧାୟକ ଗତ ୨୪ ବର୍ଷରେ ଆସିଲେ ଗଲେ, ହେଲେ କାହାର ନଜର ଏହା ଉପରେ ପଡିଲା ନାହିଁ। ଫଳରେ ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପାଞ୍ଚଳର ମୂଲ୍ୟବାନ ଜାଗା ଓ ସେଡ ଗୁଡିକ ବଣ ଜଙ୍ଗଲ ଓ ଅସାମାଜିକ ମାନଙ୍କ ଅଡ୍ଡା ସ୍ଥାନ ପାଲଟିବାରେ ଲାଗିଛି। କେହି କେହି ଏହା ଭିତରେ ଘର କରି ରହିଲେଣି କଳକାରଖାନା ଲାଗି ସରକାର ଠାରୁ ଜାଗା ନପାଇ ସରକାରୀ ଜାଗା ଜବରଦଖଲ ହେବାରେ ଲାଗିଛି। ଶିଳ୍ପ ନାମରେ, ଛେଣ୍ଡ କଲୋନୀରେ ଏଭଳି ଅନେକ ଜାଗା ଦାଖଲ ହୋଇଛି ଓ ହେବାରେ ମଧ୍ୟ ଲାଗିଛି। ଏଭଳି ଅବ୍ୟବସ୍ଥା ଅସଜଡ଼ା ବ୍ୟବସ୍ଥାକୁ ସଜାଡ଼ିବାକୁ ଏଠାରେ ଲୋକ ମଧ୍ୟ ନାହାନ୍ତି, ଏହାପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନେକ ଯୋଜନା କେତେ ଆଗେଇଲା ସେ ନେଇ ବାରମ୍ବାର ଅଫିସ ବାଲାଙ୍କୁ ମଧ୍ୟ ତାଗିଦ ପରେ ତାଗିଦ ବଢି ଚାଲିଛି କିନ୍ତୁ ଏ ଅଫିସ ଦ୍ୱାରା ଲୋକେ ଯେତିକି ଫାଇଦା ପାଇବା କଥା ତାହା ମିଳିବା କମି ଯାଉଛି ସଠିକ ସମୟରେ ସବୁକାମ ହୋଇପାରୁନାହିଁ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମିଳୁନି ସରକାରୀ ଆଳୁ ବିହନ : ଚାଷୀ ଅସନ୍ତୋଷ

ଧର୍ମଶାଳା, ୦୪/୧୨ (ନି.ପ୍ର): ପୁଣି ବଜାରରେ ଆଳୁ ଦର ଅହେତୁକ ବୃଦ୍ଧି ପାଇଛି । ଫଳରେ ଖାଉଟି ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ମାତ୍ର କିଛି ଦିନ ପରେ ପୁଣି ବଜାରରେ ଆଳୁର ଦାମ୍ ବୃଦ୍ଧି ପାଇ ଏବେ ୪୦ ଉପରେ ରହିଛି । ତେବେ ଆଳୁର ଦର ବୃଦ୍ଧି ପାଉଥିବା ବେଳେ ଖାଉଟି ଅସନ୍ତୋଷ କରିଥିବା ବେଳେ ଅନ୍ୟପକ୍ଷେ ସରକାରୀ ଆଳୁ ବିହନ ନ ପାଇଁ ହଜାର ହଜାର ଚାଷୀ ହତାଶ ହୋଇପଡିଛନ୍ତି । ତେବେ କଳାବଜାରରୁ ଚଢା ଦରରେ ଆଳୁ ନ ଆଣି କ୍ଷେତ ପଡିଆ ପକାଇଛନ୍ତି ଆଳୁ ଚାଷୀ । ତେବେ ଏଭଳି ଘଟଣାକୁ ନେଇ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଆଳୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସମୟରେ ଧର୍ମଶାଳା ବ୍ଲକର ଅଂଚଳର ହଜାର ହଜାର ଚାଷୀ ପନିପରିବା ଓ ଆଳୁ ଚାଷ ଉପରେ ନିର୍ଭର କରନ୍ତି । ଏବଂ ରିହାତି ଦରରେ ସରକାରୀ ବିହନ ଆଣି କ୍ଷେତରେ ଆଳୁ ଲଗାଇଥାନ୍ତି । ଏବେ ଚାଷୀ ବାରମ୍ବାର ବ୍ଲକ କୃଷି କାର୍ଯ୍ୟାଳୟକୁ ଯାଇ ଖାଲି ହାତରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ବ୍ଲକ ପକ୍ଷରୁ ପ୍ରକୃତ ଚାଷୀଙ୍କୁ ବିହନ ଦିଆ ନ ଯାଇ ବେପାରୀମାନଙ୍କୁ ବିହନ ଯୋଗାଇ ଦେଉଛନ୍ତି । ଫଳରେ ବେପାରୀମାନେ ବଜାରରେ ଚଢା ଦରରେ ଚାଷୀମାନଙ୍କୁ ବିକ୍ରୀ କରିଥାନ୍ତି । ତେବେ ଏଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବ୍ଲକର ଅଗ୍ରଣୀ ଚାଷୀମାନେ ଦାବି କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ନିମନ୍ତେ ହିତାଧିକାରି ଚୟନ ପ୍ରକ୍ରିୟା ନେଇ କର୍ମଶାଳା

ଜୟପୁର, ୦୪/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ନିମନ୍ତେ ନୁତନ ହିତାଧିକାରି ଚୟନ ପ୍ରକ୍ରିୟା ନେଇ କର୍ମଶାଳା ଆଜି ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ, ବାରିଣିପୁଟ, ଏକମ୍ବା, ଗଡପଦର, କାଳିଆଗାଁ, କୋଙ୍ଗା, ପୁଜାରିପୁଟ ପଂଚାୟତ ରେ କର୍ମଶାଳା ଅନୁଷ୍ଠିତ ହୋଇଛି। ଗ୍ରାମାଂଚଳରେ ପ୍ରତ୍ୟେକ ପରିବାରଙ୍କ ମୁଣ୍ଡ ଉପରେ ପକ୍କା ଛାତ ଟିଏ ଗଢି ଦେଇ ସେ ମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗାଇ ଦେବା ପାଇଁ ସରକାରଙ୍କ ପ୍ରଥାମିକତା । ଏହି ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ଫ୍ରିଜ ଅଥବା ଲୟାଣ୍ଡ ଲାଇନ ଫୋନ ଥିବା ପରିବାରକୁ ଅଯୋଗ୍ୟ ବିବେଚନା କରାଯିବ ନାହିଁ । ପରିବାରର ମାସିକ ଆୟର ସୀମା ୧୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କା କୁ ବୃଦ୍ଧି କରାଯାଇଛି। ପରିବର୍ତ୍ତିତ ଯୋଗ୍ୟ ହିତାଧିକାରି ଚନୟ ନିମନ୍ତେ ନୂତନ ସର୍ଭେ ଆରମ୍ଭ ହେବାକୁ ଯାଉଛି । କ୍ଷେତ୍ର କର୍ମଚାରିଙ୍କ ବ୍ୟାତିତ ଚଳିତ ସର୍ଭେ ରେ ଆଶାୟୀ ପରିବାର ମଧ ନିଜର ସର୍ଭେ ନିଜେ କରିପାରିବେ । ଏହା ଦ୍ୱାରା ସର୍ଭେ ରୁ ବାଦ ବାଦ ପଡିଆ ଆଶଙ୍କା ଦୁର ହୋଇ ପାରିବ । ଏନେଇ ପଂଚାୟତ ରେ ଏ ସମ୍ପର୍କରେ କର୍ମଶାଳା ଆୟୋଜନ କରାଯାଇଛି । ସର୍ଭେ ସମୟରେ ପରିବାର ସଦସ୍ୟ ଙ୍କ ଆଧାର, ଜବ କାର୍ଡ ଏବଂ ବ୍ୟାଙ୍କ ଜମାଖାତା ପ୍ରସ୍ତୁତ ରଖିବା ଆବଶ୍ୟକ । ବ୍ଲକ କର୍ମଚାରି ଗ୍ରାମର ପ୍ରତ୍ୟେକ ସାହିକୁ ଗସ୍ତ କରି ଗୃହ ହୀନ ଏବଂ କଚ୍ଚା ଘରେ ରହୁଥିବା ସମସ୍ତ ପରିବାରକୁ ସର୍ଭେ ରେ ଅନ୍ତର୍ଭୁକ୍ତ କରିବେ । ପୁର୍ବେ ଏକାନ୍ନବର୍ତ୍ତି ପରିବାରର ସଦସ୍ୟ ମାନେ ପୃଥକ ଭାବେ ବସବାସ କରୁଥିଲେ । ସେ ମାନଙ୍କୁ ଏହି ସର୍ଭେରେ ଭିନ୍ନ ପିରବାର ହିସାପରେ ଗ୍ରହଣ କରାଯିବ । ଯୋଗ୍ୟ ଭିନ୍ନ କ୍ଷମ ସଦସ୍ୟ, ତୃତିୟ ଲିଙ୍ଗ, ବିଧବା, ନିରାଶ୍ରୟ ଏବଂ ମୁକ୍ତଗୋଟି ଶ୍ରମିକ ପରିବାର ଙ୍କ କ୍ଷେତ୍ର ରେ ତାଲିକ ଭୁକ୍ତ କରିଯିବ ବୋଲି ବ୍ଲକ ପଶାସନ ତରଫରୁ ସୁଚନା ଦିଆଯାଇଛି । ପିରବାରର ମହିଳାମୁଖ୍ୟକୁ ହିଁ କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରି ଭାବେ ପରିଗଣିତ ହେବେ । ସର୍ଭେ ଆରମ୍ଭ ହେବାର ଏକ ମାସ ପରେ କ୍ଷେତ୍ର କର୍ମଚାରିଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଓ ହିତାଧିକାରି ଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ପରିବାରଙ୍କ ନାମ ଗ୍ରାମ ଓାରି ପଂଚାୟତ କାଯ୍ୟାଳରେ ପ୍ରଦର୍ଶନ କରାଯିବ । ସର୍ଭେ ଶେଷ ହେବା ପରେ ପଞ୍ଜୀକୃତ ହୋଇଥିବା ହିତାଧିକାରି ତାଲିକାକୁ ପଂଚାୟତ କାଯ୍ୟାଳୟ, ଅଙ୍ଗନବାଡୀ କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମର ପ୍ରମୁଖ ସ୍ଥାନରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯିବ ।

# ସେଂଚୁରିଅନ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବଲାଙ୍ଗିର, ୦୪/୧୨ (ନି.ପ୍ର): ବାର୍ଷିକ ଉତ୍ସବ ଯେକୌଣସି ଅନୁଷ୍ଠାନର ଉପଲବ୍ଧି ଓ ଆତ୍ମ ବିଶ୍ଳେଷଣ ପାଇଁ ଆବଶ୍ୟକ ହୋଇଥାଏ, ଏହା ବିଦ୍ୟାର୍ଥୀ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ଏକ ବର୍ଷର ଉପଲବ୍ଧି ଓ ବିଫଳତାକୁ ଅନୁଶୀଳନ କରିବାର ଏକ ସୁଯୋଗ ପ୍ରଦାନ କରିଥାଏ। ଅଭିଭାବକ ମାନଙ୍କ ପାଇଁ ଏହା ତାଙ୍କ ଶିଶୁର ପ୍ରତିଭାକୁ ଜାଣିବା ପାଇଁ ମଧ୍ୟ ଏକ ସୁଯୋଗ ସୃଷ୍ଟି କରିଥାଏ। ଏହି ଆଭିମୁଖ୍ୟ ନେଇ ଆଜି ସେଞ୍ଚୁରିଅନ ପବ୍ଲିକ ସ୍କୁଲ ଓ ହେଲୋ କିଡ଼ସ ବିଭାଗର ବାର୍ଷିକ ଉତ୍ସବ ବଲାଙ୍ଗୀର ସହରରେ ଅବସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟ ଅତିଥି ଭାବରେ ସହରର ଅତରିକ୍ତ (ଏସ. ପି ) ଶ୍ରୀମତୀ ଅମ୍ରିତ ପାଲ କୌର ଯୋଗ ଦେଇଥିଲେ। ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ସେ ଛାତ୍ର, ଛାତ୍ରୀଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସି. ଏଚ. ଏସ. ଇ (ବିଜ୍ଞାନ ) ଅଧକ୍ଷ ଡ. ଅନଙ୍ଗ ଉଦୟ ନାଏକ, ଉପାଧାକ୍ଷା ଡ. ଅଙ୍କିତା ଶୁଭ୍ରସ୍ମିତା ଗଡତ୍ୟା, ସେଂଚୁରିଅନ ବିଦ୍ୟାଳୟର ଉପାଧାକ୍ଷା ଡ. ପୁଣ୍ୟତୋୟା ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମଟିର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ସେଂଚୁରିଅନ ବିଦ୍ୟାଳୟର ଅଧକ୍ଷ ତମାଲ ଚକ୍ରବର୍ତୀ, ହେଲୋ କିଡ଼ସ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସୋନିକା ତ୍ରିପାଠୀ ଉପସ୍ଥିତ ରହି ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଛାତ୍ର, ଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ସେମାନେ ଜୀବନରେ କଠିନ ଅଧବସାୟ କରନ୍ତୁ ଓ ଅନୁଷ୍ଠାନ ପାଇଁ ଗୌରବ ଆଣନ୍ତୁ. ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥଲା। ହେଲୋ କିଡ଼ସ ବିଭାଗର ଆରାଧ୍ୟା ଅଦ୍ୱିକା ପରିଡା ମିସ ହେଲୋ କିଡ଼ସ ଓ ରୁପମ ବିଶ୍ୱାଳ ମାଷ୍ଟର ହେଲୋ କିଡ଼ସ ଭାବରେ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରୁ ଦଶମ ଶ୍ରେଣୀ ଛାତ୍ରୀ ତ୍ରିଶା ପଧାନ (ଷ୍ଟୁଡେଂଟ ଅଫ ଦ ଇୟର) ଭାବରେ ପୁରସ୍କୃତ ହୋଇଥିଲା ବେଳେ ସି. ଏଚ. ଏସ. ଇ ( ବିଜ୍ଞାନ ) ଦ୍ୱାଦଶ ଶ୍ରେଣୀର ରେଖାରାଣୀ ପ୍ରଧାନ, ସି. ବି. ଏସ. ଇ ( ବିଜ୍ଞାନ) ବିଭାଗର ଦ୍ୱାଦଶ ଶ୍ରେଣୀର ଛାତ୍ର ଶୋଭିତ ମଲ୍ଲିକ ଓ ସି. ବି. ଏସ. ଇ କଳା ବିଭାଗର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ମିକି ପଧାନ ( ଷ୍ଟୁଡେଣ୍ଟ ଅଫ ଦ ଇୟର) ଭାବରେ ପୁରସ୍କୃତ ହୋଇଥିଲେ। ଏହାପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ ଓ ନାଟକ ଗୁଡିକ ପ୍ରଦର୍ଶିତ ହୋଇଥଲା। କ୍ରମନୁସାରେ ଅନୁଷ୍ଠାନର ସମସ୍ତ ଶ୍ରେଣୀର ଛାତ୍ର, ଛାତ୍ରୀ ମାନେ ସଂଗୀତ, ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ. କାର୍ଯ୍ୟକ୍ରମଟିରେ ଅନୁଷ୍ଠାନର ଅଧାପକ ଶ୍ରୀଯୁକ୍ତ ଅରିନ୍ଦମ ପରିଛା, ଭକ୍ତି ପଢାରିଆ, ଶ୍ରୀଯୁକ୍ତ ଦେବେନ୍ଦ୍ର ତାଣ୍ଡି ମଂଚ ପରିଚାଳନା କରିଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ ସମାରୋହ ସମାପିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏପରି ଏକ ଚିତାକର୍ଷକ ଓ ଆକର୍ଷଣୀୟ ଉତ୍ସବର ଆୟୋଜନ ପାଇଁ ଅଭିଭାବକ ଓ ଅଭିଭାବିକା ମାନେ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କର ଭୁୟସୀ ପ୍ରଶଂସା କରିଥିଲେ। ବାସ୍ତବରେ ଉତ୍ସବଟି ଅନୁକରୀୟ ହୋଇପାରିଥିଲା, ଯାହା ମନୋରଞ୍ଜନ କରିବା ସହିତ ଶିକ୍ଷଣୀୟ ମଧ୍ୟ ହୋଇପାରିଥିଲା।

# ସେଲ, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ




ରାଉରକେଲା, ୦୪/୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା, ଅବଶିଷ୍ଟ ଦେଶବାସୀଙ୍କ ସହ ଡିସେମ୍ବର ୨ ତାରିଖ ଦିନ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ କରିଥିଲା। ଏହି ଉତ୍ସବ ପାଳନ ଉପଲକ୍ଷେ ପରିବେଶ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ର ଠାରେ ଏକ ପରିବେଶ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଏହି ଅଧିବେଶନକୁ ୟୁଟିଲିଟି ଓ ପରିବେଶ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ହୀରାଲାଲ ମହାପାତ୍ର ଅଧକ୍ଷତା କରି ପରିବେଶର ସ୍ଥାୟିତ୍ୱ ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ପରିବେଶ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପି ସି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଦାସ ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ଉପସ୍ଥାପନ କରିବା ସହିତ ପ୍ରଦୂଷଣ ରୋକିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏକ ସାରଗର୍ଭକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ଯେଉଁଥିରେ ସ୍ୱଚ୍ଛ ବାୟୁ ଏବଂ ସବୁଜ ପୃଥିବୀ ବଜାୟ ରଖିବା ଲକ୍ଷ୍ୟ ନେଇ ସାଂପ୍ରତିକ ପରିବେଶ ଦୃଶ୍ୟପଟ୍ଟ, ସମ୍ଭାବ୍ୟ ବିପଦ ଏବଂ ପ୍ରଦୂଷଣକୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ବିଷୟ ସ୍ଥାନ ପାଇଥିଲା।

ପରେ ପରିବେଶ ବିଭାଗ ର ମହା ପ୍ରବନ୍ଧକ ଶ୍ରୀ ଭି ଭି ଆର ମୂର୍ତ୍ତି, କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ରେ ଆରଏସପି ର ପ୍ରୟାସ ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିବା ସହିତ ପରିବେଶ ପ୍ରଭାବକୁ ଆହୁରି କମ୍ କରିବାକୁ ଭବିଷ୍ୟତର ରଣନୀତି ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅଧିବେଶନଟି ଏକ ଖୋଲା ମଞ୍ଚ ଆଲୋଚନା ସହିତ ଶେଷ ହୋଇଥିଲା, ଯେଉଁଠାରେ ବିଭିନ୍ନ ବିଭାଗର ପ୍ରତିନିଧୀମାନେ ସେମାନଙ୍କର ମତ ବ୍ୟକ୍ତ କରିବା ସହିତ ରାଉରକେଲା ଇସ୍ପାତ କାରଖାନା ପରିସର ଭିତରେ ଏବଂ ବାହାରେ ଏକ ପରିଷ୍କାର ଏବଂ ସବୁଜ ପରିବେଶ ସୃଷ୍ଟି ପାଇଁ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ନିଜର ମତ ରଖିଥିଲେ ।

# ଜୀବନ ଚାଲିଗଲା ହେଲେ ମାଟି ତଳେ ଖୋଜା ଚାଲିଛି ଟଙ୍କା ଓ ସୁନା

ଜୟପୁର, ୦୪/୧୨ (ନି.ପ୍ର): ଆଜି କା ଦୁନିଆରେ ଟଙ୍କା କାହାକୁ ବା ଦରକାର୍ ନାହିଁ.. ପିଲା ଠାରୁ ବୁଢ଼ା... ଅବା ଧନି ଠାରୁ ଗରିବ... ଟଙ୍କା ର ଏମିତି ଆବଶ୍ୟକୟ ଅଛି କଳ୍ପନା ବି କରିହେବ ନାହିଁ । ଜୀବନ ଥିବା ବେଳେ ଅୟେସ ଜୀବନ ଅତିବାହିତ ପାଇଁ ଟଙ୍କାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଯେଉଁ ଟଙ୍କା ଆମ୍ଭ ମାନଙ୍କ ପାଇଁ ଅତି ମୂଲ୍ୟବାନ ତାହା ଏଠି ମାଟି ଖାଉଛି, ହଜାର କି ଦୁଇ ହଜାର ନୁହେଁ ୧ ଲକ୍ଷ ଟଙ୍କା ଏବଂ ସୁନା । ଏ ଦୃଶ୍ୟ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ... କିନ୍ତୁ ଆଶ୍ଚର୍ଯ୍ୟ ହେଲେ ବି ନିରାଟ ସତ୍ୟ... କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ର ଏହି ଅଭାବନୀୟ ଦୃଶ୍ୟ ଏବେ ଜିଲ୍ଲାରେ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି । . କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ବୋରିଗି ପଂଚାୟତର କେଲୁବାଡ଼ି ଗାଁର ୭୦ ବର୍ଷୀୟ ସିତାରାମ ମେଲେକା। ଆଜି ତାଙ୍କର ଦେହାନ୍ତ ହୋଇଯାଇଛି ସତ ହେଲେ କଷ୍ଟ ଉପାର୍ଜିତ ଟଂକା ଓ ସୁନା ମାଟି ତଳେ ପୋତି ଚାଲିଯାଇଛନ୍ତି । କାହିଁକି ଓ କଣ ପାଇଁ ପୋତିଛନ୍ତି ତାହା ସ୍ୱର୍ଗତ ସିତାରାମଙ୍କୁ ହିଁ ଜଣା। ହେଲେ ପରିବାର ସ୍ୱଜନ ଏବେ ପୋତା ଯାଇଥିବା ଟଂକାକୁ ଖୋଜି ପାଇବାକୁ କରୁଛନ୍ତି ସଂଗ୍ରାମ । ୧ ଲକ୍ଷ ୧୦ ହଜାର ଟଙ୍କା ଏବଂ ୧୧ ଗ୍ରାମ ୫୫୦ ମିଲି ଗ୍ରାମ ସୁନା ମାଟି ତଳେ ପୋତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୨ ହଜାର ନଗଦ ଟଙ୍କା ଉଦ୍ଧାର ହୋଇଛି, ହେଲେ ଉଦ୍ଧାର ଟଂକା ମାଟି ଉଈ ଖାଇ ନଷ୍ଟ ହୋଇଛି ।

## ଟାଇକଣ୍ଡୋ ବେଲ୍ଟ ପ୍ରମୋସନ ଟେଷ୍ଟ ଅନୁଷ୍ଠିତ

ବଲାଙ୍ଗିର, ୦୪/୧୨ (ନି.ପ୍ର): ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ ଟାଇକଣ୍ଡୋ ସ୍କୁଲରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ କଲର ବେଲ୍ଟ ପ୍ରମୋସନ ଟେଷ୍ଟ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମକୁ ଓଡିଶା ଟାଇକଣ୍ଡୋ ସଂଘ ସାଧାରଣ ସଂପାଦକ ତଥା ଆନ୍ତର୍ଜାତୀୟ ଟାଇକଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ପରିକ୍ଷକ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।

# ସୂଚନା ଅଧିକାର ଆଇନର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ

କୋରେଇ, ୦୪/୧୨ (ନି.ପ୍ର): ସୂଚନା ଅଧିକାର ଆଇନ ମାଧମେର ରାଜ୍ୟେର ଦୁର୍ନିତୀର ପର୍ଦ୍ଦାଫାଶ କରୁଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା)ର ଯାଜପୁର ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ଆଲୋଚନାଚକ୍ର ପାଣିକୋଇଲିସ୍ଥିତ ମା ମହାଲକ୍ଷ୍ମୀ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଓସାର ଯାଜପୁର ଜିଲ୍ଲା ସଦସ୍ୟ ତାରିଣୀ କୁମାର ପଟ୍ଟନାୟକଙ୍କ ଆବାହକତ୍ୱେର ଆୟୋଜିତ ଉକ୍ତ ଶିବିରେର ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜିବୀ ତଥା ଓସାର ଉପେଦଷ୍ଟା ସୁଧୀର ମହାନ୍ତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଜାଦହୀନ୍ଦ ପାଣିଗ୍ରାହୀ, ଓସାର ଜିଲ୍ଲା ସଭାପତି ସେବର୍ଣ୍ଣର ବେହୁରା, ବରିଷ୍ଠ ସାମ୍ବାଦିକ ସୁବାସ ଧଳ ପ୍ରମୁଖ ଯୋଗ ଦେଇ ସୁଚନା ଅଧିକାର ଆଇନ ବିଷୟେର ନିଜର ବହୁମୂଲ୍ୟ ମତ ରଖିଥିଲେ । ଓସାର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ଜେନା ସଭା ପରିଚାଳନା କରିଥିବା ବେଳେ ଦେବବ୍ରତ ରାଉତ ଧନ୍ୟବାଦ ଅପର୍ଣ କରିଥିଲେ । ଇତ୍ୟ ଅବସରେର ସବର୍ସମ୍ମତି କ୍ରେମ ଜିଲ୍ଲା ସଭାପତି ଭାବେ ସେବର୍ଣ୍ଣର ବେହୁରା, ଉପସଭାପତି ଭାବେ ସୁବାସ ଧଳ, ଅକ୍ଷୟ କୁମାର ଜେନା ଓ ପ୍ରଦୀପ ଚାନ୍ଦ, ସମ୍ପାଦକ ଭାବେ ସୀମନ୍ତ କୁମାର ପାତ୍ର ଓ ସହ ସମ୍ପାଦକ ଭାବେ ତାରିଣୀ କୁମାର ପଟ୍ଟନାୟକ ମେନାନୀତ ହୋଇଥିବା ବେଳେ ଶିବିରେର ସୂଚନା ଅଧିକାର କର୍ମୀ ଅଭିରାମ ଦାଶ, ନିରଂଜନ ଦାଶ, ପ୍ରସନ୍ନ କୁମାର ସ୍ୱାଇଁ, ଗଗନ ବିହାରୀ ଜେନା, କଳ୍ପତରୁ ଧଳ, ସତ୍ୟରଂଜନ ଖଣ୍ଡାଇ, ଚନ୍ଦ୍ର ନାରାୟଣ ଦାସ, ଅେଶାକ କୁମାର ପତି, ପ୍ରଶାନ୍ତ କୁମାର ରଥ, ରବିନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ଜେନା, ଭୁବନ ମୋହନ ମହାନ୍ତି, ଅଲୋକ କୁମାର ଦାସ ସାମ୍ବାଦିକ ଉେପନ୍ଦ୍ର କୁମାର ପାତ୍ର,ପ୍ରଦୀପ କୁମାର ମାଝୀ, ଅେଶାକ କୁମାର ଦାସ,ସୁନୀଲ କୁମାର ଓଝା, ମେନାଜ କୁମର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ସିବିଆଇର ପୂର୍ବତନ ନିର୍ଦ୍ଦେଶକ ବିଜୟ ଶଙ୍କରଙ୍କ ବିୟୋଗ

ନୋଏଡା, ୦୪/୧୨ (ନି.ପ୍ର): ସିବିଆଇର ପୂର୍ବତନ ନିର୍ଦ୍ଦେଶକ ବିଜୟ ଶଙ୍କରଙ୍କର ମଙ୍ଗଳବାର ଦିନ ନୋଏଡାରେ ବିୟୋଗ ହୋଇଛି । ୭୬ ବର୍ଷୀୟ ସେବାନିବୃତ୍ତ ଆଇପିଏସ ଅଧିକାରୀ ବିଜୟ ଶଙ୍କର ଦୀର୍ଘଦିନରୁ ଅସୁସ୍ଥ ଥିଲେ । ନୋଏଡାର ଏକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପାରିବାରିକ ସୂତ୍ରରୁ ଜଣାପଡିଛି ଯେ, ସେ କିଛି ଦିନ ହେବ ନୋଏଡାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଅନ୍ତିମ ଇଚ୍ଛା ଅନୁସାରେ ତାଙ୍କ ପାର୍ଥିବ ଶରୀରକୁ ଏମ୍ସକୁ ଦାନ କରାଯିବ ।

# ଫୁଲବାଣୀରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

କନ୍ଧମାଳ, ୦୪/୧୨ (ନି.ପ୍ର): ଫୁଲବାଣୀ ଗାନ୍ଧୀସ୍ମୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟେର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମେର ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗେଦଇ ଏହି ଦିବସ ଅବସରେର ଉଦେବାଧନ ଦେଇ ବିଭିନ୍ନ ଉଦାହରଣ ସହ ଜିଲ୍ଲାର ବିଭିନ୍ନ କୋଣରୁ ଆସି କାର୍ଯ୍ୟକ୍ରମେର ଯୋଗ ଦେଇଥିବା ଭିନ୍ନକ୍ଷମ ମାନଙ୍କୁ ମାନସିକ ସ୍ତରରେ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସେନ୍ତାଷ କୁମାର ପଣ୍ଡା , ଉପଜିଲାପାଳ ଚିତ ରଞ୍ଜନ ମହାନ୍ତ , ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରେମାଦ କୁମାର ଷଡ଼ଙ୍ଗୀ, ଫୁଲବାଣୀ ଓ ବାଲିଗୁଡ଼ା ଉପଖଣ୍ଡ ସ୍ତରୀୟ ସମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ମହାପାତ୍ର ଏବଂ ମମିତା କୁମାରୀ ପ୍ରଧାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୀଡ଼ିତ ର ପ୍ରେମାଦ କୁମାର ନାୟକ ଏବଂ ବନବାସୀ ସେବା ସମିତିର ସହ ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗେଦଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରେର ଜେଣ ଭିନ୍ନକ୍ଷମଙ୍କୁ ବିବାହ କରିଥିବା ୫ଟି ଦମ୍ପତିଙ୍କୁ ବିବାହ ପ୍ରସାହନ ରାଶି ସ୍ୱରୁପ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ବାଣିଶ୍ରୀ ବୃତି, ମଧୁବାବୁ ପେନସନ୍ ଯୋଜନାରେ ଭତା ପ୍ରଦାନ ସହିତ ବିଭିନ୍ନ ବିଦ୍ୟାଳୟ ସ୍ତରେର ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମଧ ଅତିଥିମାନେ ପୁରସ୍କୃତ କରିଥିଲେ । ଫୁଲବାଣୀ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ମୁଖ୍ୟ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅପର୍ଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରେମାଦ କୁମାର ବଡ଼େସଠ୍ , ଫୁଲବାଣୀ ସାମାଜିକ ସୁରକ୍ଷା ଅଧିକାରୀ ଉଷାରାଣୀ ପ୍ରଧାନ ଓ ଖଜୁରିପଡ଼ାର ମେନାଜ କୁମାର ସାହୁ ଏବଂ ବାଲିଗୁଡ଼ାର ଦିନେସ୍ କୁମାର କହଁର ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କମର୍ଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପେର ପେର ବନବାସୀ ସେବା ସମିତି ଓ ନିପିଡ଼ୀତ ପକ୍ଷରୁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରେବଷଣ କରିଥିଲେ ।ସଭାକାର୍ଯ୍ୟ ପୂବର୍ରୁ ଏକ ସେଚତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା ।

# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ

ଗଞ୍ଜାମ, ୦୪/୧୨ (ନି.ପ୍ର): ଗତ ଶନିବାର ରାତରିେ ଭଂଜନଗର ନିକଟସ୍ଥ ନୂଆ ପଲ୍ଲୀ ଗ୍ରାମେର ୨୬ଟିକିଆ ହାତୀପଲ ପସି ୬ଟି ଚାଳଘର ଭାଂଗି ଧାନ ଚାଉଳ ଖାଇବା ସହ ଘରର ଆସବାବ ପତ୍ର ନଷ୍ଟ କରେଦିଇଛନ୍ତି । ଏହି ଘଟଣା ପେର ଭଂଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ତହସିଲଦାର ଉମାଶଂକର ବେହରା ଓ ରେଂଜର ଆଶାଲତା ଦିଗାଲ କ୍ଷତିଗ୍ରସ୍ତ ଅଂଚଳକୁ ଯାଇ ହାତୀ ହାତୀଦ୍ୱାରା ନଷ୍ଟ ହୋଇଥିବା ଛଅଟି ଗୃହର ମାଲିକନ୍କୁ ରେଡକ୍ରସ ପାଣ୍ଠିରୁ ଦଶହଜାର ଲେଖାଏଁ ଟଂକା ସହାୟତା ପ୍ରଦାନ କରିଛନ୍ତି । ତୁରନ୍ତ ବନବିଭାଗ ପକ୍ଷରୁ ମଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଉତର ଘୁମୁସୁର ଅଧିକାରୀ ହିମାଂଶୁଶେଖର ମହାନ୍ତି ସୂଚନା ଦେବାସହ ହାତୀ ପଲର ଗତିବିଧି ଉପେର ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି ସେ କହିଛନ୍ତି। ଏହି କ୍ଷତିଗ୍ରସ୍ତ ପରିବାର ଗୁଡିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନଦେ୍ର୍ଶ ଦେଇଛନ୍ତି ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ରାତିରେ ଝଲସୁଛି ଦାରିଙ୍ଗବାଡିର ଇକୋ ରିଟ୍ରିଟ

କନ୍ଧମାଳ, ୦୪/୧୨ (ନି.ପ୍ର): ଓଡିଶା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦାରିଙ୍ଗବାଡରେ ଇେକା ରିଟ୍ରିଟ ର ଆରମ୍ଭ ହୋଇଯାଇଛି। ଚଳିତ ଥର ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର କେଟଜ ଗୁଡିକର ଦାମ କମ କରିବା ସହ ଇେକା ରିଟ୍ରିଟେର ପର୍ଯ୍ୟଟକଙ୍କ ସୁବିଧା ସୁଯୋଗ ପାଇଁ ଅଧିକ ସୁବେନ୍ଦାବସ୍ତ କରିଛନ୍ତି। ଆଲୋକମାଳାରେ ଇେକା ରିଟ୍ରିଟ ରାତିହେଲ ସହରର ଭ୍ରମ ସୃଷ୍ଟି କରୁଛି। ପର୍ଯ୍ୟଟକଙ୍କୁ ଏହି ଇେକୋ ରିଟ୍ରିଟ ଟାଣି ଆଣୁଛି। ଦାରିଙ୍ଗବାଡି ହିଲଭିୟୁ ପାକର୍ର ବିପରୀତ ପାର୍ଶ୍ୱେର ଥିବା ଏକ ପାହାଡ଼ ଉପେର ଏହି ଇେକା ରିଟ୍ରିଟ ଟି ରହିଛି। ଏହା ଦିନେର କାଶ୍ମୀରର ଭ୍ରମ ସୃଷ୍ଟି କରୁଥିବାବେଳେ ରାତିରେ ସହର ଭଳି ଅନୁଭବ ହେଉଛି। ଚଳିତ ଥର ସାଧାରଣ ଲୋକ ମଧ ଏହାକୁ ବୁକିଂ କରି ଆସୁଥିବା ଜଣାପଡିଛି। ଭୁବେନଶ୍ୱର ଠାରୁ ୨ଶହ ୬୦ କି.ମି. ଦାରିଙ୍ଗବାଡି ଇେକା ରିଟ୍ରିଟ ହୋଇଥିବା ବେଳେ ବ୍ରହ୍ମପୁରରୁ ୧ ଶହ ୩୫ କି.ମି. ଏବଂ ରାୟଗଡା ଜିଲା ମୁନିଗୁଡା ରେଳ ଷ୍ଟେଶନରୁ ପ୍ରାୟ ୧ ଶହ ୫୦ କି.ମି. ଦୂରତା ହେଉଛି। ତେବ ଅଧିକାଂଶ ପର୍ଯ୍ୟଟକ ନିଜ ବ୍ୟକ୍ତିଗତ ଗାଡି ନେଇ ଏହି ଇେକା ରିଟ୍ରିଟ ରେ ପହଂଚୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଉକ୍ତ ଇେକା ରିଟ୍ରିଟ ଚଳିତ ମାସ ୧ରୁ ଆରମ୍ଭ ହୋଇଥିବା ବେଳ ଆସନ୍ତା ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲିକ କହିଛନ୍ତି। ଏଥିେର ମୋଟ ୨୫ଟି କେଟଜ ରହିଥିବା ବେଳ ୫ଟି ପ୍ରିମିୟମ ଓ ୨୦ଟି ଡିଲକ୍ସ କେଟଜ ରୁମ ରହିଛି। ପର୍ଯ୍ୟଟକଙ୍କ ପାଇଁ ଇେଣ୍ଡାର ଗେମ ବ୍ୟବସ୍ଥା ତଥା ଟେବୁଲ ଟେନିସ, କ୍ୟାରମ, ସାଇେକଲିଙ୍ଗ, ଟ୍ରାକିଙ୍ଗ, ପର୍ଯ୍ୟଟନ କ୍ଷେତ୍ର ବୁଲିବା ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମେର ପାରମ୍ପରିକ ନୃତ୍ୟ, କିଡ୍ସ ଜୋନ, ବ୍ୟାଟେରୀ ଚାଳିତ ଗାଡରିେ ଯାତାୟାତ ବ୍ୟବସ୍ଥା, ପାରମ୍ପରିକ ଖାଦ୍ୟ ଭଳି ଅେନକ ବ୍ୟବସ୍ଥା କରାଯାଇଛି।

# ମୟୂରଭଞ୍ଜ ମହୋତ୍ସବରେ ଶୁଭାରମ୍ଭ ହେଲା ଫୁଟବଲ୍ ପ୍ରତିଯୋଗିତା



ମୟୂରଭଞ୍ଜ, ୦୪/୧୨ (ନି.ପ୍ର): ଚାଲିଛି ମୟୂରଭଞ୍ଜ ମହୋତ୍ସବ। କଳା,ସଂସ୍କୃତି ଓ ଐତିହ୍ୟ ର ଏହି ମହାନ ପର୍ବରେ ପ୍ରତି ଦିନ ଅନେକ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ମଧ ଚାଲୁରହିଛି। ଏହାରି ମଧରେ ଏକ ଅନ୍ୟତମ କାର୍ଯ୍ୟକ୍ରମ ବା' ଖେଳ ହେଉଛି ଫୁଟବଲ୍ ପ୍ରତିଯୋଗିତା। ଫୁଟବଲ୍ ଖେଳର ଏନ୍ତୁଡ଼ିଶାଳ ହେଉଛି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା। ତେଣୁ ମୟୂରଭଞ୍ଜ ମହୋତ୍ସବରେ ମଧ ଏହି ବିଶେଷ ଖେଳକୁ ପ୍ରଥମ କରି ଆରମ୍ଭ କରାଯାଇଛି। ମୟୂରଭଞ୍ଜ କ୍ରୀଡା ସଂଘ ଓ ମୟୂରଭଞ୍ଜ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଛି। ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ଏହି ଖେଳ ଅନୁଷ୍ଠିତ ହେବ। ବୁଧବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟ ରେ ମୟୁରଭଞ୍ଜ ମୋହତ୍ସବ ତରଫରୁ ବାରିପଦା ଷ୍ଟାଡିୟମ ଠାରେ ଏହି ଫୁଟବଲ୍ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍ ଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡୀ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ଼ ଦେବାଶିଷ ମାର୍ଣ୍ଡୀ, ମୟୂରଭଞ୍ଜ କ୍ରୀଡା ସଂଘ ସଂପାଦକ ବିଜୟ ଦାସ, ଉପସଭାପତି ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ଫାଗୁ ହାଁସଦା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀତା କୁ ଉଦ୍ଘାଟନ କରିଛନ୍ତି। ଜିଲ୍ଲାର ୨୪ ଟି ଫୁଟବଲ୍ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଆସନ୍ତା ୧୦ ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଏଥି ସହିତ ୧୦ ତାରିଖ ଦିନ ଏକ ମହିଳା ଫୁଟବଲ୍ ପ୍ରଦର୍ଶନୀ ଖେଳ ମଧ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ଅମର ସେଠୀ ଓ ଅରୁଣ ବରାଡ କହିଛନ୍ତି। ଏହି ଉଦ୍ ଘାଟନ କାର୍ଯ୍ୟକ୍ରମ କୁ କମିଟି ର ପଦାଧିକାରୀ ଅସିତ ପତି, ସଂଜୀବ ଦିବେଦୀ, କଳିଙ୍ଗ କେଶରୀ ଜେନା, ସତ୍ୟଜିତ ସୋମ, ପ୍ରସନ୍ନ ମହାପାତ୍ର, ତ୍ରିଲୋଚନ ଗିରି, ରାଜୀବ ଜେନା,ସରୋଜ ଶତପଥୀ,ରବି ହେମ୍ବ୍ରମ, ଶ୍ରୀନିବାସ ହାଁସଦା, ସୁଭଦ୍ରା ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଛନ୍ତି ।

# ଡିସେମ୍ବର ୮ ସନ୍ଧ୍ୟା ୬.୩୦ରେ ଜୀ ସାର୍ଥକରେ ଦେଖନ୍ତୁ 'ସାରେଗାମାପା' ଗ୍ରାଣ୍ଡ ଫିନାଲେ




ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଜୀ ସାର୍ଥକ, ଯାହା ଓଡ଼ିଶାର ଏକ ନମ୍ବର ଚ୍ୟାନେଲ ସବୁବେଳେ ନିଜ ଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଭେଟିଦିଏ ନୂଆ ନୂଆ ଧାରାବାହିକ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ । ଏହା ମଧ୍ୟରୁ ଦର୍ଶକେ ଜୀ ସାର୍ଥକରେ ପ୍ରସାରଣ ହେଉଥିବା ସଂଗୀତ ଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ 'ସାରେଗାମାପା'କୁ ଦେଇଛନ୍ତି ଅନେକ ଭଲପାଇବା ଯାହା ଏବେ ପହଞ୍ଚିଛି ଅନ୍ତିମ ପର୍ଯ୍ୟାୟରେ । ଡିସେମ୍ବର ୦୮ ତାରିଖ ସନ୍ଧ୍ୟା ୬.୩୦ରେ ପ୍ରସାରଣ ହେବ 'ସାରେଗାମାପା' ଗ୍ରାଣ୍ଡ ଫିନାଲେ । ମନୋରଞ୍ଜନରେ ଭରପୁର ଏହି ବିଶେଷ ୪ ଘଣ୍ଟାର ଗ୍ରାଣ୍ଡ ଫିନାଲେ ଏପିସୋଡରେ ଓଲିଉଡର ବହୁ କଳାକାର ଯୋଗ ଦେଉଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିବାକୁ ଯାଉଛନ୍ତି ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି । ଏହା ସହିତ କାର୍ଯ୍ୟକ୍ରମରେ ବିଚାରକ ରହିବା ସହିତ ମନଛୁଆଁ ଗୀତ ଗାଇବେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଦିପ୍ତୀରେଖା ପାଢୀ, କୁଳଦୀପ ପଟ୍ଟନାୟକ ଓ କ୍ରିଷ୍ଣା ବେଉରା । କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଟି. ସୌରି , ବିଷ୍ଣୁ ମୋହନ କବି, ଗୌରବ ଆନନ୍ଦ ଓ ଅର୍ପିତାଙ୍କ ଦମଦାର ପ୍ରଦର୍ଶନ ମଧ ଦେଖିବାକୁ ମିଳିବ । ନାୟକ ଶୈଳେନ୍ଦ୍ର, ମଣ୍ଟୁ, ଜ୍ୟୋତି, ନାୟିକା ଶୀତଲ, ଶିବାନୀ, ଦିବ୍ୟା ଓ ଶାୟଲ ଙ୍କର ପ୍ରଦର୍ଶନ ମଧ ଦେଖିବାକୁ ମିଳିବ । ତେବେ କିଏ ହେବ ଚଳିତ ବର୍ଷ 'ସାରେଗାମାପା'ର ବିଜେତା ଜାଣିବାକୁ ଏହି ବିଶେଷ ୪ ଘଣ୍ଟାର ଗ୍ରାଣ୍ଡ ଫିନାଲେ ଏପିସୋଡରେ ନିଜକୁ ସାମିଲ କରିବା ସହିତ ଏହାକୁ ଦେଖିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ୍ ସୀଲ୍ ।

## ପୁରୀରେ ଭାରତୀୟ ନୌସେନାର ପ୍ରତିଷ୍ଠା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତେବେ ଏହା ବିଦେଶୀ ବିରୁଦ୍ଧରେ ୧୬୬୪ ଜାନୁଆରୀ ୫ ତାରିଖରେ ଛତ୍ରପତି ଶିବାଜୀଙ୍କ ନେତୃତ୍ୱରେ ପ୍ରଥମ ଆରବ ସାଗର କୂଳରେ ମୋଗଲ ସାମ୍ରାଜ୍ୟର ଅଧିକାରୀ ଔରଙ୍ଗଜେବଙ୍କ ପ୍ରତି ଘାତକ ସୃଷ୍ଟି କରିଥିଲା । ଏହାକୁ ଭାରତୀୟମାନଙ୍କର ବିଦେଶୀଙ୍କ ପ୍ରତି ପ୍ରଥମ ନୌସେନା ସଂଗ୍ରାମ କୁହାଯାଇପାରେ ।

୨୦୨୪ ମସିହା ପୁରୀ ଠାରେ ଆୟୋଜିତ ନୌସେନା ପ୍ରତିଷ୍ଠା ଦିବସରେ ପ୍ରାୟ ୨୨ ପ୍ରକାର ସମରକଳା ନୌସେନା ତରଫରୁ ଆକାଶସେନା ସହିତ ମିଶି ପ୍ରଦର୍ଶନ କରିବାର ବ୍ୟବସ୍ଥା ହୋଇଛି। ଏହାର ଉଦ୍‌ଘାଟନ କରୁଛନ୍ତି ମହାମାନ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଏହାର ପୁରୋଧା ଅଛନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ନୌସେନା ପକ୍ଷରୁ ଏହି ଅବସରରେ ପ୍ରଦର୍ଶିତ ହେଉଅଛି ଆକର୍ଷଣୀୟ ଲେଜର ସୋ' । ଏହାର ସୁରକ୍ଷା ଦାୟିତ୍ୱ ତୁଲାଇବାରେ ନିୟୋଜିତ ହୋଇଛନ୍ତି ୮୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୩ ଶହ ବରିଷ୍ଠ ସାମରିକ ଅଧିକାରୀ।

ଦେଶସେବାରେ ନିଜକୁ ନିୟୋଜନ କରିବାରେ ଏବଂ ନିଜର ଭାଗ୍ୟକୁ ଗଢ଼ିବାରେ ନୌସେନା ଏବେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ଏନ୍‌ସିସି ଏବଂ ସ୍କାଉଟ୍ ପରି ଭାରତୀୟ ନେଭିର ପ୍ରାକ୍ ତାଲିମ ଦିଆଯାଏ। ଏ ଦେଶର ଯୁବପିଢ଼ି ଏହାର ସୁଯୋଗ ନେଇ ନିଜକୁ ଧନ୍ୟ କରିବା ଉଚିତ୍। ନିଶ୍ଚୟ ଗାଇବି ମୋ ଦେଶ ମହାନ୍ । ଜୟ ନୌସେନା, ଜୟ ଯବାନ ।

ଅଧକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ,
ମୋ: ୯୯୩୮୩୪୪୧୩୮

# ସେଲ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଆୟୋଜିତ ଆରଏସପି ଓପନ୍ ସ୍କୁଲ୍ ଚେସ୍ ଟୁର୍ନାମେଣ୍ଟ-୨୦୨୪ ଉଦ୍‌ଯାପିତ



ରାଉରକେଲା, ୦୪/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଆରଏସପି ଓପନ ସ୍କୁଲ ଚେସ ଟୁର୍ନାମେଣ୍ଟ -୨୦୨୪ ନଭେମ୍ବର ୩୦ ତାରିଖରେ ଉଦଯାପିତ ହୋଇଯାଇଛି। ଏହାର ଉଦଯାପନୀ ସମାରୋହରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ ଅଧକ୍ଷତା କରିଥିଲେ ଏବଂ ଟୁର୍ନାମେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହର ସେବା ଶିକ୍ଷା ବିଭାଗର ଜିଏମ ଶ୍ରୀ ଅସୀମ ସାବତ ଏବଂ ଅନ୍ୟ ଅଧିକାରୀ, ଛାତ୍ରଛାତ୍ରୀ, ମାତପିତା ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସ୍ୱାଇଁ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଅନ୍ୟ ଅଂଶଗ୍ରହଣ କାରୀଙ୍କ ପ୍ରୟାସଆରଭି ପ୍ରଶଂସା କରିଥିଲେ। ଶ୍ରୀ ଅସୀମ ସାବତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଆର ଏନ ପାଢି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ଅନିଲ ମଲିକ ସମାରୋହ ସଂଯୋଜନା କରିଥିଲେ। ବାଳକ ବିଭାଗରେ ବିଭିନ୍ନ ବର୍ଗ ଅଧୀନରେ ପ୍ରଥମ ପୁରସ୍କାର ବିଜେତାମାନେ ୫ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ସିଦ୍ଧାର୍ଥ ସମ୍ବିତ ଜେନା, ୭ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ଯୁଗଳ ଗୁପ୍ତା, ୯ ବର୍ଷରୁ କମ ବର୍ଗରେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସାହିଲ କୁମାର ବେହେରା, ୧୧ ବର୍ଷରୁ କମ ବର୍ଗରେ ଶୁଭାଶିଷ ବାରିକ, ୧୩ ବର୍ଷରୁ କମ ବର୍ଗରେ ଚିନ୍ମୟ ବିଦ୍ୟାଳୟର ରାଉଳ କାଶ୍ୟପ, ଏବଂ ୧୫ ବର୍ଷରୁ କମ ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦିପ୍ତେଶ କୁମାର ତନ୍ତି। ବାଳିକା ବିଭାଗରେ ବିଭିନ୍ନ ବର୍ଗରେ ପ୍ରଥମ ପୁରସ୍କାର ବିଜେତାମାନେ ୯ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର କାମାକ୍ଷା ବହୁବଲେନ୍ଦ୍ରନୀ, ୧୧ ବର୍ଷରୁ କମ ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ତନ୍ମୟୀ ସାହୁ, ୧୩ ବର୍ଷରୁ କମ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲର ନିର୍ଲିପ୍ତା ଧଳ ଏବଂ ୧୫ ବର୍ଷରୁ କମ ବର୍ଗରେ ସେଣ୍ଟ୍ ପଲ୍ ସ୍କୁଲ୍ ର ସାନୋଜା ଖେସ। ସୂଚନାଯୋଗ୍ୟ ଯେ, ୨୦ରୁ ଅଧିକ ବିଦ୍ୟାଳୟର ୨୧୨ ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ।

# ୨ ବର୍ଷରେ ୫ଲକ୍ଷରୁ ଅଧିକ ଲୋକଙ୍କୁ କାମୁଡିଲାଣି କୁକୁର

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟରେ ଗତ ୨ ବର୍ଷରେ ୫ଲକ୍ଷରୁ ଅଧିକ ଲୋକଙ୍କୁ କାମୁଡିଲାଣି କୁକୁର । ବୁଲା କୁକୁରମାନଙ୍କ ସଂପର୍କରେ ଆଜି ବିଧାନସଭାରେ ଚାଂଚଲ୍ୟକର ତଥ୍ୟ ଦେଇଛନ୍ତି ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି, ବୁଲା କୁକୁରମାନଙ୍କ ପ୍ରତି ସାବଧାନ ରହନ୍ତୁ। କାରଣ ରାସ୍ତାରେ ବୁଲୁଛନ୍ତି ୧୭ ଲକ୍ଷ ବୁଲା କୁକୁର। ବୁଲା କୁକୁରଙ୍କ ଉପଦ୍ରବରେ ଲୋକ ହନ୍ତସନ୍ତ ହେଉଛନ୍ତି।

ସେ କହିଛନ୍ତି,ଗତ ଦୁଇ ବର୍ଷ ଭିତରେ କୁକୁର କାମୁଡ଼ାରେ ଶିକାର ହେଲେଣି ୫ ଲକ୍ଷରୁ ଅଧିକ ଲୋକ। ରାଜ୍ୟର ୮ଟି ସହରାଂଚଳରେ ୪ ହଜାର ୬୦୫ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି। ଚଳିତ ବର୍ଷ ଅର୍ଥାତ ଏଇ ୧୦ ମାସରେ ୨ ଲକ୍ଷ ୪୩ ହଜାର ୫୬୫ ଜଣ ଲୋକ କୁକୁର କାମୁଡ଼ାରେ ଶିକାର ହୋଇଛନ୍ତି। ସେହିପରି ଗତବର୍ଷ ୨ ଲକ୍ଷ ୬୦ ହଜାର ଲୋକ କୁକୁର କାମୁଡ଼ାର ଶିକାର ହୋଇଥିଲେ।

# ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



ମୟୂରଭଞ୍ଜ, ୦୪/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡ. ଅଲେଖ କୁମାର ସିଂ, ଡ. ଦୀପକ କୁମାର ଦାଶ ଏବଂ ସାସ୍ଥ୍ୟକର୍ମୀ ବିଦ୍ୟୁତ୍ ଲତା ବିଶ୍ୱାଳ, ଚନ୍ଦ୍ରଶେଖର କର, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ସାଇ ସାଧନା ଟ୍ରଷ୍ଟର ଚେୟାରମ୍ୟାନ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା, ଅଧାପକ ତାପସ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପିଲାମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସର୍ବଶେଷରେ ଅଧାପିକା ରୁମାରାଣୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ପାରାଦୀପ, ୦୪/୧୨ (ନି.ପ୍ର): ମଙ୍ଗଳବାର ଦିନ ପାରାଦୀପ ବନ୍ଦର ଓ ପାରାଦୀପ ଲେଡିଜ୍ କ୍ଲବ୍ ସହଯୋଗରେ ପରିଚାଳିତ ଭିନ୍ନକ୍ଷମ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଜାଗୃତି ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ । ଜାଗୃତି ଶିକ୍ଷାନୁଷ୍ଠାନର ପିଲାମାନଙ୍କ ନିଷ୍ଠାକୁ ସ୍ୟାଲୁଟ କରୁଛି ଓ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର ସହଯୋଗ କରିବ ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ ତାଙ୍କ ବକ୍ତବ୍ୟରେ କହିଥିଲେ । ଖୁବ୍ ଶୀଘ୍ର ସ୍କୁଲ ପିଲାମାନଙ୍କ ପାଇଁ ଆବଶ୍ୟକ ବୃତ୍ତିଗତ, ବକ୍ତବ୍ୟ ଓ ଅଡିଓ ଥେରାପିଷ୍ଟ ବ୍ୟବସ୍ଥା କରାଯାଇ ନିୟମିତ କ୍ଲାସ କରାଯିବ ଯାହାକି ଆଗାମୀ ଦିନରେ ପିଲାମାନଙ୍କ ମୁହଁରେ ହସ ଫୁଟାଇବ ବୋଲି ଶ୍ରୀ ହରନାଦ କହିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ହରନାଦ ବନ୍ଦରରେ କାର୍ଯ୍ୟରତ ଭିନ୍ନକ୍ଷମ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଜାଗୃତିର ଛାତ୍ର,ଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଉପହାର ପ୍ରଦାନ କରିଥିଲେ । ବନ୍ଦର ନିର୍ବାହୀ ସଚୀବ ଜି.ଏଡିସନ୍ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ କୁମାର ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କଲ୍ୟାଣ ଅଧିକାରୀ ରାମଚନ୍ଦ୍ର ପ୍ରଧାନ । ବନ୍ଦରର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଆଲୋଚନାଚକ୍ର



ବାଲେଶ୍ୱର, ୦୪/୧୨ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପଦ୍ମୁଆଁପଦାସ୍ଥିତ କାର୍ଯ୍ୟାଳୟରେ କବିବର ରାଧାନାଥଙ୍କ ପ୍ରଣୀତ 'କାଳିଦାସ ସ୍ମୃତ୍ୟ' ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସଂଜୟ କୁମାର ପଣ୍ଡା, ପଣ୍ଡିତ ନିରଂଜନ ସାହୁ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କ୍ଷୀତିଶ୍ୱର ଦାଶ ବକ୍ତା ଭାବରେ ଯୋଗ ଦେଇ ଉପରୋକ୍ତ ପ୍ରସଙ୍ଗ ଉପରେ ମନୋଜ୍ଞ ଆଲୋଚନା କରିଥିଲେ। ଅନୁଷ୍ଠାନର ସଂପାଦକ ନିବାରଣ ଜେନା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ସଂଗଠନ ସଂପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ଦାଶ, ପୀତାମ୍ବର ଦାସ, ଡ. ଭାଗବତ ପ୍ରସାଦ ଦାସ, ମମତା ମହାନ୍ତି, ଅରୁଣା ରାୟ, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର ଓ କଲ୍ୟାଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହୋଦଧିରେ ବିଶ୍ୱ ...

ଆଉ ଓଡ଼ିଶା ପାଇଁ ଗର୍ବର କଥା, ଏହାର ନେତୃତ୍ୱ ନେଇଥିଲେ ଓଡ଼ିଆ ପୁଅ କମାଣ୍ଡର ରାହୁଲ ପଟ୍ଟନାୟକ। ଏହା ପରେ ଦେଖିବାକୁ ମିଳିଥିଲା ଦୁର୍ଦ୍ଧର୍ଷ ମରିନ କମାଣ୍ଡୋ- ମାର୍କସ୍‌ର ଜଲୱା। ଲୋକଲୋଚନରୁ ସର୍ବଦା ଦୂରେଇ ରହୁଥିବା ଭାରତର ଏହି ଏଲିଟ୍ ସ୍ପେଶାଲ ଫୋର୍ସର ବୀର ଯୋଦ୍ଧାମାନେ ଦେଖାଇଥିଲେ ରଣକୌଶଳ। ଆତଙ୍କୀଙ୍କ କବ୍ଜାରୁ ନିରୀହଙ୍କୁ ଉଦ୍ଧାର କରିବାର ଡେମୋ ଚକିତ କରିଥିଲା ସମୁଦ୍ର କୂଳରେ ସମବେତ ଜନସମୁଦ୍ରକୁ। ପ୍ରମାଣିତ କରିଥିଲା, ମାର୍କସ୍ କୁ ଶତ୍ରୁ କାହିଁକି କହେ ମୃତ୍ୟୁର ଦୂତ। ମାର୍କସ୍‌ଙ୍କ କାରନାମା ପରେ ଦେଖିବାକୁ ମିଳିଥିଲା ଆମ୍ଫିବିଅସ୍ ଡେମୋ। ବେଳାଭୂମିରେ ଘର୍ଘର ନାଦ କରି ଛୁଟିଥିଲେ ଯୁଦ୍ଧ ଟ୍ୟାଙ୍କ। ଉଭୟ ଜଳ, ସ୍ଥଳ ଓ ଆକାଶରେ ୩ ସେନା ସମନ୍ୱୟ ରଖି କିଭଳି କରନ୍ତି ଅପରେସନ, ତା'ର ଚାକ୍ଷୁସ ପ୍ରମାଣ ପାଇଥିଲେ ଅଗଣିତ ଦର୍ଶକ ଓ ଅତିଥି। ଏହାପରେ ପୁଣି ଆକାଶରେ ଦିଶିଥିଲା ସଶସ୍ତ୍ର ମାର୍କସଙ୍କ କରିସ୍ମା। ତ୍ରିରଙ୍ଗା ଓ ଅନ୍ୟ ରଙ୍ଗୀନ ପାରାସୁଟରେ ୨୪ ହଜାର ଫୁଟ୍ ଉଚ୍ଚତାରୁ କରିଥିଲେ କମ୍ବାଟ୍ ଫ୍ରି ଫଲ। ଆକାଶରୁ ଖସି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ ସୁନ୍ଦର ସ୍ମୃତି ଉପହାର। ଆକାଶରେ ଉଡୁଥାନ୍ତି ୩୭ ବିମାନ ଓ ହେଲିକପ୍ଟର, ସମୁଦ୍ରରେ ପଇଁତରା ମାରୁଥାନ୍ତି ୧୫ଟି ଯୁଦ୍ଧ ଜାହାଜ। ଆଉ ପ୍ରାୟ ୩୫ଶହ ନୌବୀର ସାମିଲ ହୋଇଥିବା ନେଭି ଡେ'ରେ ପ୍ରଦର୍ଶିତ ହୋଇଥିଲା ହେଲୋ ଲ୍ୟାଣ୍ଡିଂ ଡେମୋ, ଆଙ୍କେଲ୍ ଡେମୋ, ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁର ଡେମୋ ଭଳି ବିଭିନ୍ନ କୌଶଳ। ଓଘଝ ଜଳସା, ମିଜାଇଲ୍ ଡେଷ୍ଟ୍ରୋୟର ଓଘଝ ଦିଲ୍ଲୀ, ଓଘଝ ଶକ୍ତି, ଓଘଝ ସରୟୁ, ଓଘଝ ଅରିହନ୍ତ, ଓଘଝ ସାତପୁରା ସହ, ପରାକ୍ରମ ଦେଖାଇଥିଲେ ହକ, ସି-କିଙ୍ଗ, ମିଗ୍-୨୯ ଓ ଡ୍ରୋନିୟର ଭଳି ଏୟାରକ୍ରାଫ୍ଟ ଏବଂ ଚେତକ, ଗଝ-୬୦ ହେଲିକପ୍ଟର। ନୌସେନା ଦିବସର ପରବର୍ତ୍ତୀ ପର୍ଯ୍ୟାୟରେ ଆସିଥିଲା ପରଂପରା ପ୍ରଦର୍ଶନର ବେଳ। ମନମୁଗ୍ଧ କରିଥିଲା ହର୍ଣ୍ଣ ପାଇପ ଡାନ୍ସ। ସଞ୍ଜ ନଇଁ ଆସୁଥାଏ, ସମୁଦ୍ର ଭିତରୁ ଅନ୍ଧାର ମାଡ଼ି ଆସୁଥାଏ। ହେଲେ ମନରେ ବଢ଼ି ଚାଲିଥାଏ ଉତ୍ସାହ ଓ ଉତ୍ସୁକତା। ଅଚାନକ ଅଗ୍ନିବର୍ଷାରେ ଝଲସି ଉଠିଲା ଆକାଶ। ଗଐ-୬୦ ଜ ଏକ ମଲ୍‌ଟି-ରୋଲ୍ ହେଲିକପ୍ଟର ଦେଖାଇଥିଲା ଫ୍ଲେୟାର ଫାୟାରିଂ ଦକ୍ଷତା। ଏହାପରେ ମିଗ୍ ୨୯କ, ଆଣ୍ଟି ସବମରିନ ରକେଟ୍ ଫାୟାରିଂ ଓ ଶେଷରେ ସମସ୍ତ ବିମାନର ମିଳିତ ଭାବେ କମ୍ପୋଜିଟ୍ ଫ୍ଲାଏପାଷ୍ଟ ଦେଖିବାକୁ ମିଳିଥିଲା ପୁରୀ ଆକାଶରେ। ଶେଷରେ ବିଟିଂ ରିଟ୍ରିଟ, ଧ୍ୱଜାବତରଣ ଓ ସେରିମନିଆଲ ସନସେଟ ସହ ଆଜି ମହୋଦଧିରେ ଅସ୍ତ ଯାଇଥିଲା ରକ୍ତିମ ସୂର୍ଯ୍ୟ।

## ସରକାରଙ୍କୁ ଅର୍ଥଚିନ୍ତା...

ତେଣୁ ସମ୍ପୃକ୍ତ ବିଭାଗଗୁଡ଼ଇକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପିପିପି ମଡେଲ ସମେତ ଯଥାର୍ଥ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ସଚିବ କହିଛନ୍ତି। ସେହିପରି ବିଭିନ୍ନ ସରକାରୀ ବିଭାଗ ଓ ସରକାରଙ୍କ ସଂସ୍ଥାଗୁଡ଼ିକ ପାଖରେ ବୃହତ୍ କୋଠା ଓ ସରକାରୀ ଜମି ରହିଛି ଯାହାକି ବିଶେଷ ବ୍ୟବହାରରେ ଲାଗୁନି। ଅବା ଯେଉଁଥିପାଇଁ ତାହା ନିର୍ମାଣ ଅବା ଆବଂଟିତ ହୋଇଥିଲା ସେ କାର୍ଯ୍ୟରେ ଲାଗୁନି । ସେସବୁ କୋଠା ଓ ଜମିକୁ ଚିହ୍ନଟ କରି ଯଥାର୍ଥ ପରିଚାଳନା ମଡେଲ ମାଧ୍ୟମରେ ତା'ର ବିକଳ୍ପ ଉପଯୋଗ କରିବାକୁ ମଧ କୁହାଯାଇଛି । ଶ୍ରୀ ଆହୁଜା ଆହୁରି ମଧ କହିଛନ୍ତି ଯେ, ଭୁବନେଶ୍ୱରରେ ଜାତୀୟସ୍ତରର ବହୁ ଅନୁଷ୍ଠାନ ସ୍ଥାପନ ପାଇଁ ଜମିର ଆବଶ୍ୟକତା ରହିଛି । ତେଣୁ ସମସ୍ତ ବିଭାଗ ଏସବୁ ଅନୁଷ୍ଠାନର ତାଲିକା ପ୍ରସ୍ତୁତ କରି ତୁରନ୍ତ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଲେ ସେହି ଜାତୀୟ ସଂସ୍ଥାଗୁଡ଼ିକୁ ଜମି ଆବଂଟନ ପ୍ରକ୍ରିୟାକୁ ସାଧାରଣ ପ୍ରଶାସନ ବିଭାଗ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟ ସଚିବ କହିଛନ୍ତି । ଏପଟେ ଆଜି ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରୀ ଜମି ଜବରଦଖଲକାରୀଙ୍କ ଉପରେ ବୁଲଡୋଜର ଚଢ଼ିବ ବୋଲି ତାଗିଦ୍ କରିଛନ୍ତି । ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ବଡ଼କୋଠା ନିର୍ମାଣ କରିଛନ୍ତି ମୋନଙ୍କ ଘର ଉପରେ ବୁଲଡୋଜର ବୁଲିବ ବୋଲି ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରାଜଧାନୀ ଭୁବନେଶ୍ୱରରେ ମୋଟ ୨୪,୯୯୦ ଏକର ଜମି ଥିବାବେଳେ ସେଥିରୁ ୪୯୬.୦୪୫ ଏକର ଜମି ଏବେ ଜବରଦଖଲରେ ରହିଛି ।

## ସମ୍ଭଲ ଯାତ୍ରା ବେଳେ ହାଇଡ୍ରାମା...

ଶେୟାର କରିଛନ୍ତି ରାହୁଲ ଗାନ୍ଧୀ। ଏଥିରେ ସେ ପୁଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ପୁଲିସ ସମେତ ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି। ସେପଟେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଏବଂ ଅନ୍ୟ ବରିଷ୍ଠ ନେତା ସମ୍ଭଲ ଗସ୍ତ କରୁଥିବାବେଳେ ସେମାନଙ୍କୁ ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି। ଘଟଣାସ୍ଥଳରେ ଆବଶ୍ୟକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଗାଜିଆବାଦ ପୁଲିସ କମିଶନର ଅଜୟ କୁମାର ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ସମ୍ଭଲରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଭାରତୀୟ ନାଗରିକ ପ୍ରତିରକ୍ଷା ଆଇନର ଧାରା ୧୬୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ସହିତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଗତ ଶନିବାର ଶେଷ ହୋଇଥିଲା, ଯାହାକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ଜିଲ୍ଲା ମାଜିଷ୍ଟ୍ରେଟ୍।

## ବାପା, ମା' ଓ ଝିଅଙ୍କୁ...

ଆଜି ତାଙ୍କ ବାପାମା'ଙ୍କ ବିବାହ ବାର୍ଷିକୀ ଥିଲା ବୋଲି ସେ କହିଥିଲେ। ସେମାନଙ୍କୁ ଅଭିନନ୍ଦନ ଜଣାଇବା ପରେ ସେ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଦିଲ୍ଲୀର ଆଇନ ଶୃଙ୍ଖଳା ସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି ମୁଖ୍ୟମନ୍ତ୍ରୀ ଅତିଶି ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ତାଙ୍କ ଏକ୍ସରେ ଲେଖିଛନ୍ତି ଯେ ଆଜି ସକାଳେ ନେବ ସରାୟରେ ଏକ ହତ୍ୟାକାଣ୍ଡ ଘଟିଛି। ଦିଲ୍ଲୀରେ ଦିନ ବେଳେ ଲୋକଙ୍କୁ ହତ୍ୟା କରାଯାଉଛି, ଗୁଳି ଫୁଟା ଯାଉଛି ଓ ଖୋଲାଖୋଲି ନିଶା କାରବାର ହେଉଛି। ଦିଲ୍ଲୀରେ କେନ୍ଦ୍ର ସରକାରଙ୍କର କେବଳ ଗୋଟିଏ ଦାୟିତ୍ୱ ଅଛି। ତାହା ହେଉଛି, ଦିଲ୍ଲୀବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା। କିନ୍ତୁ ସେଥିରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଆପ୍ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକ ଏକ୍ସ ପୋଷ୍ଟ ଜରିଆରେ କହିଛନ୍ତି ଯେ ଗୋଟିଏ ଘରେ ତିନି ଜଣଙ୍କୁ ହତ୍ୟା କରାଯାଇଛି। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ପ୍ରତ୍ୟେକ ଦିନ ଦିଲ୍ଲୀବାସୀ ସକାଳୁ ଉଠିଲେ ଏମିତି ଖବର ପାଉଛନ୍ତି। ଅପରାଧୀମାନଙ୍କୁ ଖୋଲା ଛାଡ଼ି ଦିଆଯାଇଛି। ଆଇନ ଓ ଶୃଙ୍ଖଳା ବ୍ୟବସ୍ଥା ପୂରା ଭୁଶୁଡ଼ି ପଡ଼ିଛି। ଘରଗୁଡ଼ିକୁ ଭାଙ୍ଗି ଦିଆଯାଉଛି। ନିରୀହ ଲୋକଙ୍କ ଜୀବନ ଯାଉଛି। ଯେଉଁମାନେ ଏଥିପାଇଁ ଦାୟୀ, ସେମାନେ ଚୁପ୍ ହୋଇ ବସିଛନ୍ତି ଓ ସବୁ ଦେଖୁଛନ୍ତି।

## ବଡ଼ଦିନରେ ବଡ଼ ...

ତତ୍ତ୍ୱାବଧାନରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ବଣ୍ଟା ସରିଛି । କିନ୍ତୁ ଆବେଦନ ଖାରଜ ହୋଇଥିବା ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିବା ପରେ ସରକାର ସତର୍କ ହୋଇଛନ୍ତି । ଜିଲ୍ଲା ୱାରୀ ଯାଞ୍ଚ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । କମ ପଞ୍ଜୀକରଣ ଓ ଅଧିକ ଆବେଦନ ଅଗ୍ରାହ୍ୟ ହୋଇଥିବା ସ୍ଥାନକୁ ଗୁରୁତ୍ୱ ଦେଉଛି ବିଭାଗ ।

## ଆଳୁ ପରେ ...

ପିଆଜ ଉତ୍ପାଦନ ପ୍ରତିବର୍ଷ ଏମିତି ହେଉଥିଲା ନା କେବଳ ୨୦୨୩-୨୪ରେ ଆବଶ୍ୟକତାଠୁ ଅଧିକ ଉତ୍ପାଦନ ହୋଇଛି । ଏହାକୁ ନେଇ ମଧ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ଆଉଏକ ପ୍ରଶ୍ନର ଉତ୍ତର ଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର କହିଛନ୍ତି ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଞ୍ଚଳରେ ସଂରକ୍ଷିତ ଥିବା ପୁରୁଣା ପିଆଜ ପରିମାଣ ହ୍ରାସ ପାଇଛି । ନୂଆ ପିଆଜ ଅମଳରେ ବିଳମ୍ବ ହେବାରୁ ରାଜ୍ୟରେ ପଆଜ ଦର ୭୦ ଟଙ୍କା ରହିଛି।

# ବେତନଟୀ ବ୍ଲକ ଓଷ୍ଟା ଶିଶୁ ମେଳା ଅନୁଷ୍ଠିତ

ବେତନଟୀ , ୦୪/୧୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ସଠିଲୋ ଉଚ୍ଚ ବିଦ୍ୟାଳୟ ରେ ବେତନଟୀ ବ୍ଲକ ଓଷ୍ଟା ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଓଷ୍ଟା ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବେତନଟୀ ବ୍ଲକ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଓ ଜିଲ୍ଲା ଓଷ୍ଟା ର ପୂର୍ବତନ ସଭାପତି ସନ୍ତୋଷ କୁମାର କାସ୍ତ, ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ସଠିଲୋ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରହରି ମହାନ୍ତ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି ଶିଶୁ ମେଳା କୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ସେହିପରି ବ୍ଲକ୍ ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଓଷ୍ଟା ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଓ ସମ୍ମାନୀତ ଅତିଥି ଭାବରେ ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ,ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଭୂୟାଁ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ,ସଠିଲୋ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରହରି ମହାନ୍ତ, ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ ପ୍ରଭୃତି ଅତିଥି ମଞ୍ଚାଶିନ ଥିଲେ। ଏହି ଶିଶୁ ମେଳା ରେ ବ୍ଲକ୍ ର ୧୭ ଟି ବିଦ୍ୟାଳୟ ରୁ ୧୪୮ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଶିଶୁ ମେଳା ରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଧିରେନ୍ଦ୍ର ପ୍ରଧାନ, ଗଣେଶ ନାୟକ, ପ୍ରଦିପ ମହାନ୍ତ, ସୁରମା ଓତା, ମୃତ୍ୟୁଞ୍ଜୟ ଦାସ, କ୍ଷଣପ୍ରଭା ମହାନ୍ତ, ଗଜେନ୍ଦ୍ର ମହାନ୍ତ, ମନମୋହନ ସାହୁ, ଚକ୍ରଧର ମହାନ୍ତ,ନିଦ୍ରାବତି ମହାନ୍ତ, ଉପେନ୍ଦ୍ର ମହାନ୍ତ,ଅନ୍ତର୍ଯ୍ୟାମୀ ପୁଥାଳ , ପ୍ରଫୁଲ୍ଲ ନାୟକ, ଜଗନ୍ନାଥ ବିଦ୍ଧାଣି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଭବାନୀ ଶଙ୍କର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଷେକ ଦୁଧାଲ ଦିଲ୍ଲୀପ ନୀଳଗିରିର ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱଗ୍ରହଣ

ନୀଳଗିରି, ୦୪/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି



ଉପଖଣ୍ଡର ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱରେ ଯୋଗଦାନ କରିଛନ୍ତି ଆଇଏଏସ ଅଭିଷେକ ଦୁଧାଲ ଦିଲ୍ଲୀପ ।ନୀଳଗିରି ତହସିଲଦାର ସୋନମ ଦାସ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ଦୁଧାଲ ଆଜି କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟରେ ଯୋଗଦାନ କରିଛନ୍ତି ।ଆସନ୍ତା ଗୋଟିଏ ମାସପାଇଁ ସେ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ନୀଳଗିରି ତହସିଲ କାର୍ଯ୍ୟାଳୟର ସମସ୍ତକର୍ମଚାରୀ, ନିର୍ବାଚିତ ଲୋକପ୍ରତିନିଧି, ରାଜନେତା ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ।

# ଗଛ କାଟିବାକୁ କହିବାରୁ ବୃଦ୍ଧ ଦମ୍ପତିଙ୍କ ଉପରେ ଆକ୍ରମଣ

ବାଲିଆପାଳ , ୦୪/୧୨ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ଗୋତୁଡିହା ଗ୍ରାମର ହରିଜନ ବୃଦ୍ଧା ଦମ୍ପତି ବଂଶୀଧର ବେହେରା (୭୦) ସ୍ତ୍ରୀ ସରୋଜିନୀ ବେହେରା (୬୦) ଙ୍କ ଘର ଏବଂ କାଠଭାଡି ଉପରେ ବାତ୍ୟା ସମୟ ରେ ପଡୋଶୀ ଙ୍କ ବାଡିରେ ଥିବା ଗଛ ଭାଙ୍ଗି ପଡ଼ି ରୁ ବିବାଦ ସୃଷ୍ଟି ହୋଇଥିଲା ।ହରିଜନ ଦମ୍ପତି ଗଛ ଟିକୁ କାଟିନେବା ପାଇଁ ଖମାରି ପରିବାର କୁ ଅନୁରୋଧ କରିଥିଲେ। ମାତ୍ର ଖମାରୀ ପରିବାର ପ୍ରଭାବ ଶାଳୀ ହୋଇଥିବା ରୁ ଦମ୍ପତି ଙ୍କ କଥା ନଶୁଣି ଓଲଟା ହତ୍ୟା ଧମକ ଦେବା ସହିତ ଜେସିପି ଲଗାଇ ଘର ଭାଙ୍ଗିଦେବା, ଜାତି ଆଣ ଆକ୍ଷେପ କରି ଗାଳି ଗୁଲଜ କରୁଥିବା ନେଇ



ଦମ୍ପତି ସିଂଲା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ନ୍ୟାୟ ନମିଳିବା ରୁ ସୋମବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଛନ୍ତି ।ଗୋତୁଡିହା ଗ୍ରାମରେ ଥିବା ସରକାରୀ ଗୋଚର ଜାଗାରୁ ଜବର ଦଖଲକାରୀ ଙ୍କୁ ଉଚ୍ଛେଦ କରିବାପାଇଁ ପ୍ରଶାସନ କୁ ଗୁହାରି କରିବା ସହିତ। ଆକ୍ରମଣ କରିଥିବା ହରେକୃଷ୍ଣ ଖମାରୀ (୪୫) ନମିତା ଖମାରୀ ( ୩୬) କମଳାଖମାରି (୬୫) ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।ଖମାରୀ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସୌନ୍ଦର୍ଯ୍ୟକରଣ ହେବ ଚାଉଳତି ସମୁଦ୍ର ବେଳାଭୂମି



ବାଲିଆପାଳ, ୦୪/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଜମ୍ପୀରାଇ ପଞ୍ଚାୟତ ଅନ୍ତର୍ଗତ ଚାଉଳତି ବେଳାଭୂମିର ଉନ୍ନତିକରଣ ପାଇଁ ଦାବି ହୋଇଆସୁଥିଲା । ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ପରାମର୍ଶ କ୍ରମେ ବ୍ଲକ୍ ପ୍ରଶାସନିକ ଅଧିକାରୀ ମାନେ ଏବେ ଚାଉଳତି ବେଳାଭୂମିର ଭିତ୍ତିଭୂମିର ସ୍ଥିତି ପରଖିଛନ୍ତି। ୨୨ନମ୍ବର ଜୁନ୍ତ ଜିଲ୍ଲାପରିଷଦ ନିଶାକର ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଳ ବାରିକ,ପି ଓ ଶାସ୍ୱତ ଗିରି,ଏ ପି ଓ ସୌମ୍ୟରଞ୍ଜନ ଦାସ, ପ୍ରମୁଖ ଉପସ୍ଥିତ ରହି ଥିଲେ। ଏଠାରେ ସୌନ୍ଦର୍ଯ୍ୟ କରଣ ପାଇଁ ପାର୍କ, ଉଜ୍ଜ୍ୱଳ ଆଲୋକ, ବସିବା ପାଇଁ ପକ୍କା ବେଞ୍ଚ, ସମୁଦ୍ର ଜଳରେ ବୋର୍ଟିଂ, କଟେଜ ଇତ୍ୟାଦି ନିର୍ମାଣ ହେଲେ ପର୍ଯ୍ୟଟନ ମାନଙ୍କୁ ଆକର୍ଷିତ କରି ପାରିବ। ତାହାଛଡା ବଣଭୋଜି ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ ମଧ୍ୟ ହୋଇଛି। ଆଗଭୀର ସମୁଦ୍ର ଜଳରେ ପର୍ଯ୍ୟଟକ ମାନେ ଗଧୋଇବାର ମଜା ନେଇ ପାରିବେ। ଯାତାୟାତ ପାଇଁ ବିଶେଷ କିଛି ଅସୁବିଧା ମଧ୍ୟ ନାହିଁ ।ଏଥିପାଇଁ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ସୂଚନା ଦେଇଛନ୍ତି।

## ରେମୁଣା ଏନଏସିର ମନମୁଖି ହୋଲଡିଂ ଟିକସକୁ ବିରୋଧ କରନ୍ତୁ: ସିପିଏମ

ବାଲେଶ୍ୱର, ୦୪/୧୨ (ନି.ପ୍ର): ରେମୁଣା ଏନଏସି ଗଠନ ହେବାପରେ ଏନଏସିବାସୀଙ୍କୁ ରାସ୍ତାଘାଟ, ବିଜୁଳି, ଡ୍ରେନେଜ, ପାନୀୟ ଜଳ ପ୍ରଭୃତିର ସର୍ବନିମ୍ନ ସୁବିଧା ଯୋଗାଇବା ଦୂରରେ ଥାଉ, ଏବେ ଲୋକଙ୍କ ଉପରେ ହୋଲଡିଂ ଟିକସ ନାମରେ ସାଧାରଣ ଲୋକଙ୍କୁ ଶୋଷଣ କରିବା ପାଇଁ ଯୋଜନା କରାଯାଉଛି । ହୋଲଡିଂ ଟିକସ ପାଇଁ ସାଧାରଣ ଲୋକଙ୍କ ଠାରୁ ମତାମତ ନିଆଯାଇନାହିଁ କି ଲୋକଙ୍କ ଟିକସ ଦେବା କ୍ଷମତାକୁ ମପା ଯାଇନାହିଁ । ଏପରିକି ହୋଲଡିଂ ମୂଲ୍ୟାୟନ ତାଲିକାକୁ ୱାର୍ଡ଼ ସ୍ତରୀୟ ଗ୍ରାମସଭାର ଅନୁମୋଦନ ନିଆଯାଇନାହିଁ । ଯାହା ଲୋକଙ୍କ ଭିତରେ ଭୟ ସଂଚାର କରୁଛି । ଏଣୁ ଲୋକଙ୍କ ମତାମତ ନିଆଯାଇ ମନମୁଖି ଟିକସ ଧାର୍ଯ୍ୟ ପରିବର୍ତ୍ତେ ପୁନଃ ମୂଲ୍ୟାୟନ କରି ଟିକସ ଧାର୍ଯ୍ୟ କରାଯାଉ । ଏନେଇ ୪ ଡିସେମ୍ବର ୨୪ରେ କ. ପ୍ରଶନ୍ନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସିପିଆଇ(ଏମ୍) ରେମୁଣା ଆଞ୍ଚଳିକ କମିଟି ବୈଠକରେ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ଆସନ୍ତା ଡିସେମ୍ବର ୧୦ ତାରିଖ ସକାଳ ୧୦ ଘଟିକାରେ ସିପିଆଇ(ଏମ୍) ପକ୍ଷରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରାଯିବାର ସିଦ୍ଧାନ୍ତ ହୋଇଅଛି । ଏହି ବୈଠକରେ ଆଞ୍ଚଳିକ କମିଟି ସମ୍ପାଦକ କ. ହରିପ୍ରିୟ ଜେନା, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ଦେବବ୍ରତ ମାଝୀ, ସୁରେନ୍ଦ୍ର ଯେନା, ସିକନ୍ଦର ଖାଁ, କାଞ୍ଚନ ସାହୁ, ସରସ୍ୱତୀ ଦାସ, ବୀରେନ୍ଦ୍ର ସିଂ, ପ୍ରଭାକର ବେହେରା, ଅକ୍ଷୟ ରଣା, ଭଗିରଥ ବୈଠା, ଗଣି ଟୁଙ୍ଗ, ଉପେନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ୪୦୯ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିଗ୍ରସ୍ତ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଦୁର୍ନୀତିରେ ମାତିଛନ୍ତି ସମବାୟ ସମିତି କର୍ମଚାରୀ ଓ ଅଧିକାରୀ । ୪୦୯ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଆସିଛି ଦୁର୍ନୀତି ଅଭିଯୋଗ । ଏନେଇ ଗୃହରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ତଥ୍ୟ ରଖିଛନ୍ତି । କିଛି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅନେକ ଅସାଧୁ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ଆଉ କିଛି ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଚାଲିଛି । ଭିଜିଲାନ୍ସ ତଦନ୍ତ ଚାଲିଥିବା ଗୃହରେ କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ।

# ଅଭିନବ ଢଙ୍ଗରେ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳିତ



କପ୍ତିପଦା, ୦୪/୧୨ (ନି.ପ୍ର): କପ୍ତିପଦା ବ୍ଲକସ୍ଥିତ ବଡଝାଡ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷାର୍ଥୀମାନେ ବନ୍ୟପ୍ରାଣୀଙ୍କ ବେଶରେ ନିଜକୁ ସଜ୍ଜିତ କରି ପରିବେଶ ପାଇଁ ସେମାନଙ୍କର ଆବଶ୍ୟକତା ତଥା ସେମାନେ ମଣିଷମାନଙ୍କର କି ପ୍ରକାର ଉପକାରରେ ଆସିଥାଆନ୍ତି ସେ ସଂପର୍କରେ ସୂଚନା ଦେଇଥିଲେ । ଶିକ୍ଷକ ସନ୍ତୋଷକୁମାର ସାହୁ ସମସ୍ତ ଶିକ୍ଷାର୍ଥୀଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ଓ ଆବଶ୍ୟକତା ସଂପର୍କରେ ଅବଗତ କରାଇଥିଲେ । ଏଥିସହିତ ବଣରେ ନିଆଁ ନଲଗାଇବା, ବନ୍ୟପଶୁଙ୍କୁ ଶୀକାର ନକରି ସେମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାକୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ସଫଳ ହେବାରେ ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ,କମଳଲୋଚନ ବେହେରା, ଶିଖାସ୍ୱରୂପ ଗିରି ଓ ସରସ୍ୱତୀ ହାଁସଦା ପ୍ରମୁଖ ସହଯୋଗ କରିଥିଲେ ।

# ସେକ୍ସୁଆଲ ହାରାସ୍ମେଣ୍ଟ ଇଲେକଟ୍ରୋନିକ୍ ବକ୍ସ ଅର୍ଥାତ ସି.ବକ୍ସ ଉପରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୪/୧୨ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଫେଲୋସିପ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ "ସଖି ୱାନ ଷ୍ଟପ ସେଣ୍ଟର" ତରଫରୁ ମହିଳା ହିଂସା ନିରୋଧ ଦିବସ ଉପଲକ୍ଷେ ୧୬ ଦିନିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟ୍ ଫର ଉଇକର କମ୍ୟୁନିଟ୍ ସଭାଗୃହ ପ୍ରାଙ୍ଗଣରେ ଏକ ସଚେତନତା ସଭା ସେକ୍ସୁଆଲ ହାରାସମେଣ୍ଟ ଇଲେକ୍ଟ୍ରୋନିକ ବକ୍ସ ଅର୍ଥାତ 'ସିବକ୍ସ' ଓ ମହିଳା ହବ୍ ଏବଂ ସଖି ନିବାସ ଉପରେ ଆଲୋଚନା କରାଯାଇଥିଲା । ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସଭାକୁ ପରିଚାଳନା କରିଥିବା ବେଳେ ନିମନ୍ତ୍ରିତ ଅତିଥିଭାବେ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଚନ୍ଦ୍ରା ସାହୁ, ଡ଼ି.ସି.




ଚାଇଲ୍ଡ ମ୍ୟାରେଜ ପ୍ରଦ୍ୟୁତ ରଞ୍ଜନ ରାଉତ, ଫେଲୋସିପ୍ର ସେକ୍ରେଟାରୀ ଏସ୍.ଏମ୍.ଫାରୁକ, ଆସିଆନା ସେକ୍ରେଟେରୀ ସୋଫିଆ ସେକ୍ ଯୋଗଦାନ କରିଥିଲେ । ଏତଦ୍‌ବ୍ୟତୀତ ଉକ୍ତ ସଚେତନତା ସଭାରେ ୱାନ୍‌ଷ୍ଟପ୍ ସେଣ୍ଟରର କେନ୍ଦ୍ର ସଂଯୋଜିକା ସମସ୍ତକର୍ମୀ, ଶକ୍ତିସଦନର ସମସ୍ତକର୍ମୀ, ଓପନସେଲଟର ହୋମ୍‌ର କର୍ମୀ, ଅଙ୍ଗନୱାଡ଼ୀ ୱାର୍କର, ଏମ୍.ଏସ୍.ଡ଼ବ୍ଲ୍ୟୁର ଇଣ୍ଟନସିପ୍ ଛାତ୍ରଓଛାତ୍ରୀମାନେ ଉପସ୍ଥିତ ଥିଲେ । ମଞ୍ଚାସୀନ ଅତିଥିମାନେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଶ୍ରୀମତୀ ଚନ୍ଦ୍ରା ସାହୁ କର୍ମକ୍ଷେତ୍ରରେ ମହିଳାମାନେ ଯୌନ ନିର୍ଯ୍ୟାତନାରେ ଶୀକାର ହେଲେ କିପରି 'ସି ବକ୍ସ ପୋର୍ଟାଲରେ' ନିଜର ଅଭିଯୋଗ ଦାଖଲ କରିପାରିବେ ଓ ଆର.ସି.ଡ଼ି.ଏସ୍‌ର ସମସ୍ତ ୬ଗୋଟି ସେବା, ମହିଳାଟିଏ କିପରି ଗ୍ରାମରୁ ଜାତୀୟସ୍ତର ପର୍ଯ୍ୟନ୍ତ ନିଜେ ସୁଦୃଢ଼ ହୋଇ ପାରିବ ଏବଂ ସ୍ୱାବଲମ୍ବଶୀଳ ହୋଇ ପାରିବ ସେଥିପାଇଁ ମହିଳାହବ୍ ମଧ୍ୟ ପ୍ରତ୍ୟେକ ଜିଲ୍ଲାରେ ଖୋଲାଯିବ ବୋଲି ଜଣାଇଥିଲେ । ସର୍ବଶେଷରେ ପୁଷ୍ପାଞ୍ଜଳି ବେହେରା, କେନ୍ଦ୍ର ସଂଯୋଜିକା ୱାନ୍‌ଷ୍ଟପ ସେଣ୍ଟର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳିତ



ବସ୍ତା , ୦୪/୧୨ (ନି.ପ୍ର): ଆମ୍ବଗଡ଼ିଆ ବିକାଶ ପରିଷଦ ତରଫରୁ ବସ୍ତା ବ୍ଲକ୍ ମଥାନୀ ପଞ୍ଚାୟତର ସାନଖୁଡ଼ି ଲକ୍ଷ୍ମୀବାସନ୍ତୀ ମୂକବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଭିନ୍ନକ୍ଷମ ଦିବସ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଆମ୍ବଗଡ଼ିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଯୋଗ ଦେଇଥିଲେ ।ବିଦ୍ୟାଳୟର ଅଧ୍ୟକ୍ଷ ସମାଜସେବୀ ଅମର କୁମାର ପାଳ ଙ୍କ ତତ୍ୱାବଧାନ ଏକ ଭିନ୍ନକ୍ଷମ ବୈଠକ ଅନୁଷ୍ଠିତ ହୋଇଥିଲା ।ବିକାଶ ପରିଷଦ ର ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ, ଆବାସିକ ବିଦ୍ୟାଳୟ ପୂର୍ବତନ ଆଶା ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ ଓ ବିଦ୍ୟାଳୟର ଗୁରୁମା ସ୍ମିତାରାଣୀ ମହାପାତ୍ର, ରାଜଶ୍ରୀ ଦଳାଇ, ଅପରାଜିତା ସେନାପତି.ପ୍ରଜ୍ଞାପ୍ରକାଶ ପାଳ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତଥିଲେ । ଆମ୍ବଗଡ଼ିଆ ବିକାଶ ପରିଷଦ ତରଫରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟ ରେ ବିସ୍କୁଟ୍ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା ଏଥିରେ ବିକାଶ ପରିଷଦ ର ଚନ୍ଦନ ବାସ୍କେ , କମଳାକାନ୍ତ ସାହୁ, ଲକ୍ଷ୍ମଣ ସେଠୀ, କୂଳ ମହାନ୍ତ, ରମେଶ ମଲ୍ଲିକ, କାର୍ତ୍ତିକ ସିଂ ଇତ୍ୟାଦି ସହଯୋଗ କରିଥିଲେ। ଗୁରୁଜୀ ଚନ୍ଦନ କୁମାର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହାମହିମ ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ : ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ବାରିପଦା , ୦୪/୧୨ (ନି.ପ୍ର): ଆସନ୍ତା ଡିସେମ୍ବର ୬ ତାରିଖ ଦିନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମହାମହିମଙ୍କ ଆସିବା ଏବଂ ତତ-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ସହିତ ପ୍ରସ୍ତୁତି କାର୍ଯ୍ୟ ଚଳାଇଛି। ଗତ ସପ୍ତାହରେ ମୁଖ୍ୟ ପ୍ରଶାସକ ଶ୍ରୀ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା




ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ ଥିବା ବେଳେ ୬ ତାରିଖରେ ସେ ରାଇରଙ୍ଗପୁର ଏବଂ ୭ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧାରିତ ହୋଇଛି। ମହାମହିମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମହାମାନ୍ୟ ରାଜ୍ୟପାଳ ଶ୍ରୀ ରଘୁବର ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ବିଧାୟକ ଓ ସମ୍ମାନନୀୟ ଅତିଥି ବୃନ୍ଦ ମଧ୍ୟ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ, ଭାରତର ପ୍ରଥମ ନାଗରିକ ମହାମହିମଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଂଚ ପରିଚାଳନା, କାର୍ଯ୍ୟକ୍ରମ ପ୍ରସାରଣ ଓ ଲୋକସମ୍ପର୍କ ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି। ସୂଚନାନୁସାରେ, ୬ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ। ଏହାପରେ ରାଷ୍ଟ୍ରପତି ୭ ତାରିଖ ଦିନ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୧୦ଟା ରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗିରିପୋଷି -ଗୋରୁମହିଷାଣୀ, ବୁଢ଼ାମରା-ଚକୁଲିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ପୋଲିସ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେହିଦିନ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି।

# ରାଜ୍ୟରେ ବର୍ତ୍ତମାନ କୌଣସି ବି ସୂତା କଳ କାର୍ଯ୍ୟକ୍ଷମ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ କୌଣସି ବି ସୂତା କଳ କାର୍ଯ୍ୟକ୍ଷମ ନାହିଁ । ପୂର୍ବରୁ ରାଜ୍ୟରେ ୭ଟି ସୂତାକଳ ଥିବା ବେଳେ ବର୍ତ୍ତମାନ ସେ ସବୁ ବନ୍ଦ ହୋଇ ପଡ଼ିଛି । ରାଜ୍ୟର ସମସ୍ତ ସୂତାକଳ ବର୍ତ୍ତମାନ ଅଚଳାବସ୍ଥାରେ ପଡ଼ି ରହିଥିବାରୁ ଶ୍ରମିକ ମାନେ କାର୍ଯ୍ୟରତ ନାହାନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଓଡ଼ିଶାରେ ୧ ଲକ୍ଷ ୨୫ ହଜାର ୧୬୦ ଜଣ ହସ୍ତତନ୍ତ ବୁଣାକାର ଓ ୪ ହଜାର ୬୨୪ ଜଣ କଳତନ୍ତ ବୁଣାକାର ଅଛନ୍ତି । ଅଚଳାବସ୍ଥାରେ ଥିବା ସୂତାକଳ ଗୁଡିକରେ ଘରୋଇ କରଣ ପାଇଁ ପ୍ରକ୍ରିୟା ଜାରି ରହିଛି । ଏଥିପାଇଁ ବିଦେଶୀ ପୁଞ୍ଜିପତି ମାନଙ୍କୁ ନିମନ୍ତ୍ରଣ କରିବା ସହ ପୁନରୁଦ୍ଧାର କରିବା ପାଇଁ କେତେ ଅର୍ଥର ଆବଶ୍ୟକ ଅଛି ତାହାର ଆକଳନ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

# ଆସିବ ପ୍ରାଣୀ କଲ୍ୟାଣ ଯୋଜନା

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଆସିବ ପ୍ରାଣୀ କଲ୍ୟାଣ ଯୋଜନା । ଏନେଇ ଗୃହରେ ସୂଚନା ଦେଇଛନ୍ତି ପଶୁ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । କୁକୁର, ଷଣ୍ଢ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉଛି । ବୁଲା କୁକୁର ବନ୍ଧ୍ୟା କରଣ କରାଯାଉଛି । ୧୯୬୨ ହେଲ୍ପ ଲାଇନ ନଂ ଜାରି କରାଯାଇଛି । ଗୋ ପାଳନ ଓ ଗୋ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଲୋକଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ଦେଶୀ ଗାଈଙ୍କ ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି । ୫୨ ଲକ୍ଷ ଟଙ୍କା ୧୫୦ ଗାଈ ରଖିବା ପାଇଁ ଦିଆଯିବ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo